

ଗୋଦରୀ ଲୋ, ନିଜ ଗୋଡ଼କୁ ଅନା — ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 121 ଭାଗ ୩୪ | ସଂଖ୍ୟା ୧୨୧ | Wednesday 22 July 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୨୨ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମଙ୍ଗଳ-ମିଳନ୍‌ରେ ପ୍ରଧାନମନ୍ତ୍ରୀଙ୍କ କଡ଼ା ଚେତାବନୀ

**ପେପର ଲିକ୍ ମହାପାପ**

# ଦୋଷୀଙ୍କୁ କଠୋର ଦଣ୍ଡ



**ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ହାଲୁକା ଭାବେ ନିଆଯିବନି**

**ପରୀକ୍ଷା ଦୁର୍ନୀତିକୁ ସରକାର ବରଦାସ୍ତ କରିବେନି**

**ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବି ଅଚଳ**

**ବୁଧବାର ୧୧ଟା ଯାଏ ଉଭୟ ଗୃହ ମୁଲତବୀ**

**ଆଲୋଚନା ପାଇଁ ବିରୋଧୀଙ୍କୁ ସୁଯୋଗ ଦେଲେନି ବାଚସ୍ପତି**

ନୂଆଦିଲ୍ଲୀ, ୨୧।୭: ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) 'ସଂସଦ ଚଲୋ' ଡାକରା ଦେଇ ସଂସଦ ଭିତରକୁ ପଶିବାର ଉଦ୍ୟମ କରିବା ଓ ପୁଲିସ୍ ସିଜେପି ସମର୍ଥିତ ଛାତ୍ର ଅଭିଭାବକମାନଙ୍କ ଉପରକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହିତ ଲାଠି ଚାର୍ଜ କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ବେଦନଶୀଳ ମାମଲାରେ ମୁହଁ ଖୋଲିଛନ୍ତି। ମଙ୍ଗଳବାର 'ମଙ୍ଗଳ ମିଲନ୍' ନାମରେ ନାମିତ ହୋଇଥିବା ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟକୁ ସମ୍ବୋଧିତ କରି ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ପ୍ରଧାନମନ୍ତ୍ରୀ କଠୋର ମନୋଭାବ ପୋଷଣ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ପ୍ରତି ତାଙ୍କ ଦଳ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ମୋଦି ସାଂସଦମାନଙ୍କୁ କହିଛନ୍ତି। ଏଥିସହିତ ତୁରନ୍ତ ଯୁବପିଢ଼ି ନିକଟରେ ପହଞ୍ଚିବାକୁ ସେ ଏନଡିଏ ସାଂସଦମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସଂସଦୀୟ ଦଳ ବୈଠକରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ପ୍ରଧାନମନ୍ତ୍ରୀ ଏକ 'ମହାପାପ' ବୋଲି କହିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଏହି ମାମଲାରେ ସମ୍ପୃକ୍ତ ୧୩ ଜଣଙ୍କୁ ଗିରଫ କରାଯାଇଛି। ପେପର ଲିକ୍ ପରେ ପୁନର୍ବାର ପରୀକ୍ଷା ମଧ୍ୟ କରାଯାଇଛି। ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ, ସେଥିପାଇଁ ସବୁ ରାଜ୍ୟ ସରକାରମାନଙ୍କୁ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଭବିଷ୍ୟତରେ ଯେପରି କେହି ଏଭଳି ଦୁଃସାହସ ନକରନ୍ତି, ସେଥିପାଇଁ ଦୋଷୀମାନଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସଂସଦୀୟ ବୈଠକ ଶେଷରେ ଗଣମାଧ୍ୟମକୁ ବ୍ରିଫିଂ ଦେବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ କୌଣସି ବି ବିଷୟକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। ପରୀକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ସେ ରାଜ୍ୟ ପୃଷ୍ଠା-୬

### ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସରେ ଓଡ଼ିଶା



# ଟିମ୍ ଓଡ଼ିଶାକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ସୁଦୃଢ଼ ହେଲା 'ସମୃଦ୍ଧ ଓଡ଼ିଶା' ଗଠନ ସଂକଳ୍ପ**

**ଶାସନ ସଂସ୍କାର, ବ୍ୟବସାୟ ସହଜତା ପ୍ରମାଣିତ**

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ନୀତି ଆୟୋଗଙ୍କ ଦ୍ୱାରା ପ୍ରଥମଥର ପାଇଁ ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀ, ସମସ୍ତ ସରକାରୀ ବିଭାଗ, ଶିଳ୍ପ ସହଯୋଗୀ, ଉଦ୍ୟୋଗୀ, ନିବେଶକ ଏବଂ ସରକାରୀ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ସଫଳତାକୁ ଓଡ଼ିଶାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମାନ୍ୟତା ରାଜ୍ୟର ସ୍ୱଚ୍ଛ ଶାସନ, ନୀତିଗତ ସଂସ୍କାର, ନିବେଶକ-ଅନୁକୂଳ ପ୍ରଶାସନ ଓ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ସଂକଳ୍ପ ଆହୁରି ସୁଦୃଢ଼ ହୋଇଛି। ନିବେଶ-ଅନୁକୂଳ ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସଫଳତା ସ୍ୱଚ୍ଛ ଶାସନ, ଶିଳ୍ପ-ଅନୁକୂଳ ନୀତି ଏବଂ ଦକ୍ଷ ସେବା ଯୋଗାଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ। ଓଡ଼ିଶା ପୃଷ୍ଠା-୬

### ୨୩ ମେଗା ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ

# ସନ୍ତୁଳିତ ଶିଳ୍ପ ବିକାଶରେ ଆଉ ଏକ ସଫଳତା

**୧୧ ଜିଲ୍ଲାରେ ପ୍ରତିଷ୍ଠା ହେବ ୨୩ ଶିଳ୍ପ ପ୍ରକଳ୍ପ**

**୨୨,୮୭୩ ନିଯୁକ୍ତି ଲାଗି ଏଚସିଏଲ କରିବ ୪୫୭୩ କୋଟିରୁ ଊର୍ଦ୍ଧ୍ୱ ନିବେଶ**

**ପୁରୀ ଓ ବଲାଙ୍ଗୀରରେ ହେବ ରେଡିମେଡ ପୋଷାକ ୟୁନିଟ୍**

**କଟକ, ସମ୍ବଲପୁର ଓ ଖୋର୍ଦ୍ଧାରେ ଷ୍ଟାର୍ ହୋଟେଲ ଓ ରିସର୍ଟ**



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଛି। ପୁଞ୍ଜିନିବେଶକାରୀଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ସହ ନୀତିଗତ ସୁରକ୍ଷା ମଧ୍ୟ ଯୋଗାଇ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୃଦ୍ଧି ଓଡିଶା-୨୦୩୬ ଲକ୍ଷ୍ୟ ହାସଲ କରିବାକୁ ଆଜି ଆଉ ଏକ ମହତ୍ୱପୂର୍ଣ୍ଣ ସଫଳତା ମିଳିଛି।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୮ ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି ବୈଠକରେ ୨୩ଟି ବୃହତ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ରାଜ୍ୟରେ ଆଉ ୪୫୭୩ କୋଟି ୮୭ ଲକ୍ଷ ଟଙ୍କାର ନିବେଶ ସହ ୨୨,୮୭୩ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶକୁ ଦୃଷ୍ଟିରେ ରଖି ମଙ୍ଗଳବାର ସୂଚନା-ପ୍ରଯୁକ୍ତି, ଆଇଟିଇଏସ, ସବୁଜ ଶକ୍ତି ଯନ୍ତ୍ରପାତି, ବ୍ୟାଟେରି, ରାସାୟନ, ଟେକ୍ସଟାଇଲ ଓ ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ, ଔଷଧ ଓ ମେଡିକାଲ ଯନ୍ତ୍ରପାତି, ପୃଷ୍ଠା-୬

# ଆଉ ୫୮ ଲକ୍ଷ ଭୋଟରଙ୍କୁ ନୋଟିସ

**ପୂର୍ବରୁ ତାଲିକାରୁ ବାଦ୍ ପଡ଼ିଥିଲେ ୨୦ ଲକ୍ଷ**

**ଅଗଷ୍ଟ ୪ ସୁଦ୍ଧା ଆପତ୍ତି ଅଭିଯୋଗ ଦାଖଲ**

**ଶୁଣାଣି ଓ ଯାଞ୍ଚ ପରେ ଚୂଡ଼ାନ୍ତ ତାଲିକା**



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଏବେ ଜୋରଦାର ହୋଇଛି। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଓଡ଼ିଶାର ପ୍ରାୟ ୫୮ ଲକ୍ଷ ଭୋଟରଙ୍କୁ ନୋଟିସ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଏବେ ଏହି ଯାଞ୍ଚ ଏବଂ ନୋଟିସ ପ୍ରକ୍ରିୟାକୁ ନେଇ ରାଜନୈତିକ ତଥା ସାଧାରଣ ମହଲରେ ଉତ୍କଣ୍ଠା ଦେଖାଦେଇଛି।

ସୂଚନା ଅନୁସାରେ, ୫୮ ଲକ୍ଷ ଲୋକଙ୍କୁ ନୋଟିସ୍ ଦିଆଯାଇଛି ବୋଲି ସିଇଓ କହିଛନ୍ତି। ମ୍ୟାପିଂ ହୋଇ ନଥିବା ୧୨ ଲକ୍ଷ ଓ ତ୍ରୁଟି ପାଇଁ ୪୬ ଲକ୍ଷ ଲୋକଙ୍କୁ ଦିଆଯାଇଛି ନୋଟିସ୍। ବିଏଲ୍‌ଓଙ୍କ ଦ୍ୱାରା ନୋଟିସ୍ ଜାରି କରାଯାଉଛି। ନୋଟିସ୍ ପାଇବା ପରେ ଉପସ୍ଥିତ ହେବା ବାଧ୍ୟତାମୂଳକ ନୁହେଁ। ଆବଶ୍ୟକ କାଗଜପତ୍ର ଦେଲେ ନିଜେ ଆସିବା ଦରକାର ନାହିଁ। ଯଦି ଆବଶ୍ୟକ ହେବ ଭିଡିଓ କଲ୍ କରି ସେମାନଙ୍କଠାରୁ ବିବରଣୀ ସଂଗ୍ରହ କରାଯିବ। ଗତ ୫ରୁ ଏଯାବତ୍ ୨୬ ହଜାର ୭୪୫ଟି ଫର୍ମ ୬ ପାଇଛୁ ବୋଲି ସିଇଓ କହିଛନ୍ତି। ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ଏହି ଚିଠା ତାଲିକାରୁ ରେକର୍ଡ ସଂଖ୍ୟକ ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ କାଟି ଦିଆଯାଇଛି। ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରେ ୮ ଲକ୍ଷ ୩୨ ହଜାର ମୃତ ବ୍ୟକ୍ତି ଥିବାବେଳେ ୧୦ ଲକ୍ଷ ୭ ପୃଷ୍ଠା-୬

### ଗୋଟିଏ ଅନୁଷ୍ଠାନ, ଗୋଟିଏ ସହର, ଗୋଟିଏ ନର୍ସିଂ କଲେଜ

# ପୁରୁଣା ପ୍ରଥାର ଉଚ୍ଛେଦ ଦାବି



**ସଂସଦରେ ଦାବି କଲେ ଭର୍ତ୍ତୃହରି**

ନୂଆଦିଲ୍ଲୀ, ୨୧।୭: ଗୋଟିଏ ଅନୁଷ୍ଠାନ ପକ୍ଷରୁ ଗୋଟିଏ ସହରରେ ଗୋଟିଏ ନର୍ସିଂ କଲେଜ ପ୍ରତିଷ୍ଠା ନେଇ ରହିଥିବା କଟକଣାକୁ ହଟେଇବାକୁ ସଂସଦରେ ମଙ୍ଗଳବାର ଦାବି କରିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ। ଲୋକସଭାରେ ଏକ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଜରିଆରେ ସେ ଏହି ଦାବି ଉପସ୍ଥାପନା କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଦେଶର ସ୍ୱାସ୍ଥ୍ୟସେବା ପାଇଁ ତାଲିମପ୍ରାପ୍ତ ନର୍ସଙ୍କର ବହୁତ ଆବଶ୍ୟକତା ରହିଛି। ନର୍ସମାନେ ହେଉଛନ୍ତି ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ଏବଂ ସେମାନେ ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ପ୍ରାଥମିକ ସେତୁ ଭଳି କାର୍ଯ୍ୟ କରିଥାନ୍ତି। କିନ୍ତୁ ବର୍ତ୍ତମାନର ଏହି କଟକଣା ନର୍ସିଂ ଶିକ୍ଷାର ବିକାଶରେ ବଡ଼ ବାଧକ ସାଜିଛି। ଦେଶରେ ବଢୁଥିବା ସ୍ୱାସ୍ଥ୍ୟସେବାର ଚାହିଦାକୁ ଦେଖିଲେ ଉଭୟ ସରକାରୀ ଓ ବେସରକାରୀ ହସ୍ପିଟାଲଗୁଡିକରେ ବହୁ ସଂଖ୍ୟାରେ ତାଲିମପ୍ରାପ୍ତ ନର୍ସଙ୍କ ଆବଶ୍ୟକତା ରହିଛି।

ସଂସଦରେ ଭାରତୀୟ ନର୍ସିଂ କାଉନସିଲ ବଦଳରେ ନ୍ୟାସନାଲ ନର୍ସିଂ କମିଶନ ଗଠନ ପାଇଁ ସଂସଦରେ ବିଲ ପାସ୍ ହୋଇସାରିଛି। ଏହି ସମୟରେ ଗୋଟିଏ ଅନୁଷ୍ଠାନ ଦ୍ୱାରା ଗୋଟିଏ ସହରରେ ଗୋଟିଏ ନର୍ସିଂ କଲେଜ ଭଳି ପୁରୁଣା ପ୍ରଥାର ଉଚ୍ଛେଦ କରାଯିବାର ସୁଯୋଗ ସୃଷ୍ଟି ହୋଇଛି। ଏହି କଟକଣା ହଟାଗଲେ ପ୍ରତିଷ୍ଠିତ ଅନୁଷ୍ଠାନ, ସୋସାଇଟି କିମ୍ବା ଟ୍ରଷ୍ଟଗୁଡିକ ତାଲିମପ୍ରାପ୍ତ ବୃତ୍ତିଗତ ନର୍ସ ସୃଷ୍ଟି କରିବା ପାଇଁ ଭିତ୍ତିଭୂମି ସୃଷ୍ଟି କରିପାରିବେ ବୋଲି ସେ କହିଛନ୍ତି।

# ରାହୁଲ ଓ କଂଗ୍ରେସ ଉପରେ ବର୍ଷିଲେ ଧର୍ମେନ୍ଦ୍ର



**ଛାତ୍ରଛାତ୍ରୀଙ୍କୁ ରାଜନୈତିକ ଟୁଲ ଭାବେ ବ୍ୟବହାର କରାଯାଉଛି**

**ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ସୁରକ୍ଷା ପ୍ରୋଟୋକଲର ଉଲ୍ଲଂଘନ**

ନୂଆଦିଲ୍ଲୀ, ୨୧।୭: ରାଜନୈତିକ ସ୍ୱାର୍ଥ ପାଇଁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଭାରତୀୟ ଜାତୀୟ କଂଗ୍ରେସ ଛାତ୍ରଛାତ୍ରୀଙ୍କୁ ରାଜୈନେତିକ ଟୁଲ୍ ଭାବେ ବ୍ୟବହାର କରୁଛନ୍ତି। ସଂସଦର ମୌସୁମୀ ଅଧିବେଶନରେ ବିଭ୍ରାଟ କରିବାକୁ ବିରୋଧୀ ଦଳ ନେତା ଏଭଳି ଏକ ଲଜ୍ଜାଜନକ ଅସ୍ତ୍ରର ଉପଯୋଗ କରୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସୋସିଆଲ ମିଡିଆରେ ଆକ୍ଷେପ କରିଛନ୍ତି।

ରାହୁଲ ଗାନ୍ଧୀ ଓ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେଇ ଜନସାଧାରଣଙ୍କୁ ଅସୁବିଧାରେ ପକାଇବା ସହ ସୁରକ୍ଷା ନିୟମାବଳୀକୁ ଉଲ୍ଲଂଘନ କରିଛନ୍ତି। ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିବା ସତ୍ତ୍ୱେ କଂଗ୍ରେସ ରାଜନୈତିକ ଦୃଶ୍ୟ ସୃଷ୍ଟିକରି ଗଣତାନ୍ତ୍ରିକ ବିତର୍କକୁ ଏଡ଼ାଉଛି ବୋଲି ସେ କହିଛନ୍ତି। ଛାତ୍ରମାନଙ୍କ ପାଇଁ ସମାଧାନ ଖୋଜିବା କଦାପି ତାଙ୍କର ଲକ୍ଷ୍ୟ ନୁହେଁ। ଏହା କେବଳ ରାଜନୈତିକ ଶୀର୍ଷକ ପାଇଁ ବିଘ୍ନ ସୃଷ୍ଟି କରିବାକୁ ଏକ ପ୍ରୟାସ।

ରାହୁଲ ଗାନ୍ଧୀଙ୍କ ପାଇଁ ଏହା ଛାତ୍ରଙ୍କ ସମସ୍ୟା ନୁହେଁ; ବରଂ ପ୍ରତ୍ୟେକ ଆଲୋଚନାର ସୁଯୋଗ ସୃଷ୍ଟି ହେଲା ପରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି। କେନ୍ଦ୍ର ପୃଷ୍ଠା-୬

# ବାହୁଡ଼ାରେ ବର୍ଷା ସାଜିବ ବାଧକ!



**ପୁରୀ ସମେତ ସାରା ରାଜ୍ୟରେ ହାଇ-ଆଲର୍ଟ**

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରାରେ ପ୍ରତିବନ୍ଧକ ସାଜିପାରେ ବର୍ଷା। ବଡ଼ଦାଣ୍ଡରେ ଶ୍ରୀଜୀଉଙ୍କୁ ସ୍ୱାଗତ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବା ବେଳେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ତାଜା ସତର୍କ ସୂଚନା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ସାରା ଓଡ଼ିଶାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆଲର୍ଟ ଜାରି କରାଯାଇଥିବାରୁ ଭକ୍ତି ଓ ଆବେଗର ଏହି ମହାନ ପର୍ବରେ ପାଗ ଲୁଚକାଳି ଖେଳିବାର ଯଥେଷ୍ଟ ଆଶଙ୍କା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ରାଜ୍ୟରେ ସୃଷ୍ଟି ହୋଇଥିବା ପାଣିପାଗର ପ୍ରତିକୂଳ ସ୍ଥିତି ଯୋଗୁଁ ଆଗାମୀ କିଛି ଦିନ ଧରି ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଖୋର୍ଦ୍ଧା ଏବଂ ଏହାର ଆଖପାଖ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ। ସମ୍ଭାବ୍ୟ ବର୍ଷାକୁ ପୃଷ୍ଠା-୬

# ଅଗ୍ନିକାଣ୍ଡରେ ମା' ସହ ୨ ଝିଅ ଜୀବନ୍ତଦଗ୍ଧ

ନୂଆଦିଲ୍ଲୀ ୨୧।୭: ମଙ୍ଗଳବାର ସକାଳେ ଦିଲ୍ଲୀର ଲୋଧି କଲୋନୀର ଏକ ଘରେ ଅଗ୍ନିକାଣ୍ଡ ଘଟି ମାଆ ଓ ଦୁଇଝିଅ ସମେତ ତିନିଜଣ ଜୀବନ୍ତଦଗ୍ଧ ହୋଇଛନ୍ତି। ପୁଲିସ୍ ଓ ଅଗ୍ନିଶମ ବାହିନୀ ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିବା ବେଳକୁ ସେମାନେ ଜଳି ସାରିଥିଲେ ବୋଲି ଦିଲ୍ଲୀ ପୁଲିସ୍ ପକ୍ଷରୁ କୁହାଯାଇଛି। ପୁଲିସ୍ କହିଛି ଯେ, ସକାଳ ୧୦ଟା ୨୧ ମିନିଟ୍ ସମୟରେ ଜଣେ ମହିଳା ଫୋନ୍ କରି ସେ ଓ ତାଙ୍କ ଝିଅ ଲୋଧି କଲୋନୀର ଗୋଟେ ଘରେ ଫଶିଯାଇଛନ୍ତି, ଘରେ ନିଆଁ ଲାଗି ଯାଇଛି, ସେମାନଙ୍କୁ ତୁରନ୍ତ ଉଦ୍ଧାର କର ବୋଲି ଜଣାଇଥିଲେ। ପରେପରେ ତାଙ୍କ ସ୍ୱର ବନ୍ଦ ହୋଇ ଯାଇଥିଲା ଓ ଫୋନ୍ କଟିଯାଇଥିଲା। ସେମାନେ ଦୁଇଟି ଅଗ୍ନିଶମ ଗାଡ଼ି ନେଇ ଯାଇ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ମାଆ ଓ ଦୁଇଜଣ ଜୀବନ୍ତଦଗ୍ଧ ହୋଇ ସାରିଥିଲେ। ମହିଳାଙ୍କ ବୟସ ୪୫ ବର୍ଷ ଓ ଦୁଇଝିଅଙ୍କ ବୟସ ଯଥାକ୍ରମେ ୧୩ ଓ ୭ ବର୍ଷ ବୋଲି ପୁଲିସ୍ ଜଣାଇଛି।

## ଭାରତ ସହ ଯୋଗାଯୋଗରେ ଅଛି କ୍ରେମଲିନ୍

ମସ୍କୋ, ୨୧।୭: ୟୁକ୍ରେନର ଓଡେଶା ବନ୍ଦରରୁ ବାହାରୁଥିବା ଏକ ବାଣିଜ୍ୟିକ ମାଲବାହୀ ଜାହାଜ ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣରେ ୪ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ପରେ ରୁଷ୍ ଭାରତ ସହ ନିୟମିତ ଯୋଗାଯୋଗରେ ରହିଥିବା କହିଛି। କ୍ରେମଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍କୋଭ ମଙ୍ଗଳବାର କହିଛନ୍ତି, ଏହି ଘଟଣାକୁ ନେଇ ମସ୍କୋ ନୂଆଦିଲ୍ଲୀ ସହ ସମ୍ପର୍କ ରକ୍ଷା କରିଛି ଏବଂ ଉଭୟ ଦେଶର ସମ୍ପୃକ୍ତ କର୍ତ୍ତୃପକ୍ଷ ପରସ୍ପର ସହ ଆଲୋଚନା କରୁଛନ୍ତି। ଏହାପୂର୍ବରୁ ଭାରତ ସରକାର ନୂଆଦିଲ୍ଲୀସ୍ଥିତ ରୁଷ୍‌ର ବରିଷ୍ଠ କୂଟନୀତିଜ୍ଞଙ୍କୁ ଡକାଇ ଏହି ଘଟଣାକୁ ନେଇ କଡ଼ା ପ୍ରତିବାଦ ଜଣାଇଥିଲେ। ବିଦେଶ ମନ୍ତ୍ରଣାଳୟ କହିଥିଲା, ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଏବଂ ସାଧାରଣ ନାଗରିକଙ୍କ ମୃତ୍ୟୁ ସଂପୂର୍ଣ୍ଣ ଅଗ୍ରହଣୀୟ। ସଂଘର୍ଷ ସମୟରେ ବାଣିଜ୍ୟିକ ଜାହାଜ ଚଳାଚଳର ସୁରକ୍ଷା ଓ ସମୁଦ୍ର ପଥରେ ଅବାଧ ନୌପରିବହନ ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଭାରତ ଦୋହରାଇଛି।



**କାନ ଡେରିଥା**

ମଧ୍ୟାହ୍ନ ଭୋଜନ ଚାଉଳ ଆସୁଛି
ସ୍କୁଲ ପିଲାଙ୍କ ପାଇଁ
ମାଷ୍ଟର ଏପଟେ ବିକି ଦେଉଛନ୍ତି
ପଇସା ଗୁଡ଼ାଏ ନେଇ
କାଙ୍ଗାଳ ସ୍ୱଭାବ ଏଇ...
ଭଲ ମାଷ୍ଟ୍ରେ ପରା ଖରାପ ହୁଅନ୍ତି
ଏଇ କିଛି ମାଷ୍ଟ୍ର ପାଇଁ।

■ ଦେବାଶିଷ

# ଦୁର୍ବଳ ହେଉଛି କି ନବୀନଙ୍କ ନେତୃତ୍ୱ?

**ଗୋଟିଏ ପ୍ରସଙ୍ଗରେ ଏକାଧିକ ସୂଚନା**

**ସଭାପତିଙ୍କୁ ଦଳୀୟ ମୁଖପାତ୍ରଙ୍କ ନାହିଁ ଖାତିର**

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ନବୀନଙ୍କ ନେତୃତ୍ୱ ହେଉଛି କି ଦୁର୍ବଳ? ଦଳ ଭିତରେ ଆଜି ଏମିତି ଆଲୋଚନା ଏବେ ଜୋର ଧରିଛି। ଗୋଟିଏ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ମତ ରଖିବାପରେ ସେହି ପ୍ରସଙ୍ଗରେ ପୁଣି ଦଳର ଅନ୍ୟ ନେତାମାନେ ପ୍ରେସ ବିବୃତ୍ତି ଜାରି କରିବା ପରେ ଏଭଳି ଆଲୋଚନା ଆରମ୍ଭ ହୋଇଛି। ପୂର୍ବରୁ ବିଜେଡିରେ ଏଭଳି ପରମ୍ପରା ଦେଖିବାକୁ ମିଳୁ ନଥିଲା। ନବୀନ ପଟ୍ଟନାୟକ ଗୋଟିଏ ପ୍ରସଙ୍ଗରେ କହିସାରିବା ପରେ ଅନ୍ୟ ନେତାମାନେ ନିଜ ନିଜ ନାଁରେ ପ୍ରେସ ବିବୃତ୍ତି ଜାରି କରିବା ବିଜେଡି ରାଜନୈତିକ ଇତିହାସରେ ବିରଳ।



ମଙ୍ଗଳବାର ନୂଆଦିଲ୍ଲୀଠାରେ ଥିବା ନବୀନ ପଟ୍ଟନାୟକ କିଛି ଜାତୀୟ ଗଣମାଧ୍ୟମକୁ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଉଚିତ। ଏଥିସହିତ ଛାତ୍ରମାନଙ୍କ ଉପରେ ପୁଲିସର ଆକ୍ରମଣକୁ ସେ ନିନ୍ଦା କରିଥିଲେ। ନବୀନଙ୍କ ଏଭଳି ମନ୍ତବ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ତେବେ ସମାନ ପ୍ରସଙ୍ଗ ଅର୍ଥାତ୍ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ଶଙ୍ଖଭବନରୁ ପ୍ରେସ ରିଲିଜ ଜାରି ହେଲା। ଦଳୀୟ ମୁଖପାତ୍ର ପ୍ରତାପ ଜେନାଙ୍କ ନାଁରେ ଜାରି ପ୍ରେସ ପୃଷ୍ଠା-୬

# ଚାଷୀଙ୍କୁ କନ୍ଦାଉଛି ଲଗାଣ ବର୍ଷା

## ବୁଡ଼ି ରହିଛି ଧାନ ତଳି

ମାର୍ଶାଘାଇ,୨୧।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ମାର୍ଶାଘାଇ ବ୍ଲକର ଚାରିଆଡେ ଚାଷ ଜମିରେ ବର୍ଷା ପାଣି ଭର୍ତ୍ତି ହୋଇରହିଛି । ପ୍ରଥମ ପର୍ଯ୍ୟାୟ ବର୍ଷା ପରେ ପରେ ଖାଲୁଆ ଜମି ପାଗ ହୋଇଯାଇଥିବା ବେଳେ ଚାଷୀମାନେ ଆଗୁଆ ତଳି ପକେଇ ଦେଇଥିଲେ । ତଳି ଉଠିଯାଇଥିବାରୁ ସଅଳ ସଅଳ ତଳି ରୋଇ ଦେବେ ବୋଲି ଆଶା କରିଥିଲେ । ଜୁନ ଶେଷ ସପ୍ତାହରୁ ବର୍ଷା ଲାଗି ରହିଥିବାରୁ ପାଟ ଜମି ଗୁଡିକରେ ବର୍ଷା ପାଣି ଭର୍ତ୍ତି ହୋଇରହିଛି ।



ଜାତୀୟ ରାସ୍ତା ପାର୍ଶ୍ୱ ମଣିକୁଞ୍ଜ ଓ ହିନ୍ଦୁଳିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାତିଆ ପାଟରେ ବର୍ଷା ଜଳ ଭର୍ତ୍ତି ହୋଇ ରହି ହ୍ରଦର ଭ୍ରମ ସୃଷ୍ଟି କରୁଛି। ମାର୍ଶାଘାଇ କୃଷି ଠାରୁ ହଜାରୀ ଛକ ମଧ୍ୟରେ ଥିବା ପ୍ରାୟ ୫୦୦ ଏକର ଚାଷ ଜମିରେ ଏବେ ପାଣି ବୁଡ଼ି ରହିଛି । ହାତିଆ, ମାଣତିର, ମଣିକୁଞ୍ଜ, ଦରବଛା ଆଦି ଗ୍ରାମର ଶହ ଶହ ଚାଷୀ ତଳି ବୁଣିସାରି ଆଗୁଆ ଧାନ ତଳି ରୋଇବେ ବୋଲି ଆଶା କରିଥିଲେ, ମାତ୍ର ଜମି ପାଣି ବୁଡ଼ି ରହିଥିବାରୁ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ରାଜପଥ ପାର୍ଶ୍ୱରେ ଜଳନିକାସ ବିଭାଗ ପକ୍ଷରୁ ସଠିକ ଭାବରେ ନାଳୀ ଖୋଳିବା ଏବଂ ରାଜପଥରେ କଲଭର୍ଟ ନିର୍ମାଣ ଏବଂ ପରିଚାଳନା ଉପରେ ରାଜପଥ ପ୍ରାଧିକରଣ ଅଧିକାରୀ ମାନେ ଗୁରୁତ୍ୱ ଦେଇ ପଦକ୍ଷେପ ନେଲେ ଏହି ଅଂଚଳକୁ ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରନ୍ତା ବୋଲି ଚାଷୀମାନେ କହିଛନ୍ତି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ମନୋଜ ଦାସ, ବିତଶୋକସ୍ୱାଇଁ, ମନୋଜ ସ୍ୱାଇଁ,ରଞ୍ଜନ ସ୍ୱାଇଁ, ପ୍ରତାପ ରାଉତ, ଗୁରୁଚରଣ ସ୍ୱାଇଁ, ଅଭିରାମ ଜେନା ପ୍ରମୁଖ ଚାଷୀ ଦାବୀ କରିଛନ୍ତି ।

## ଦନ୍ତ ଚିକିତ୍ସକ ମିଳନ କୁମାରଙ୍କୁ ଏକଲକ୍ଷ ଜରିମାନା

କେନ୍ଦ୍ରାପଡ଼ା,୨୧।୭(ସଂଚାର ବ୍ୟୁରୋ): ଏକ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ଦନ୍ତ ଚିକିତ୍ସକ ଡା.ମିଳନ କୁମାରଙ୍କୁ ଏକଲକ୍ଷ ଟଙ୍କା ଜୋରିମାନା ଦଣ୍ଡ ପ୍ରଦାନ କରିଛନ୍ତି । ୪୫ଦିନ ମଧ୍ୟରେ ଡାକ୍ତର ମିଳନ କୁମାର ଅଭିଯୋଗକାରିଣୀଙ୍କୁ ଏହି ଅର୍ଥ ପ୍ରଦାନ କରିବେ । ଅର୍ଥ ପ୍ରଦାନରେ ବିଳମ୍ବ ହେଲେ ୬ପ୍ରତିଶତ ସୁଧ ସହ ମୂଳ ଅର୍ଥ ଡାକ୍ତର ଅଭିଯୋଗକାରିଣୀଙ୍କୁ ଦେବେ । ଅଭିଯୋଗକାରିଣୀଙ୍କର ମାନସିକତାକୁ ଆଘାତ ଦେବା, ତାଙ୍କୁ ନିର୍ଯ୍ୟାତନା ଦେବା, ଆର୍ଥିକ କ୍ଷତି ଓ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ଏହି ଅର୍ଥ ତାଙ୍କୁ ପ୍ରଦାନ କରାଯିବ ବୋଲି ଆୟୋଗ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ସଦରଥାନା ଅଧିନ ମରଡପୁର ଗ୍ରାମର ସ୍ୱର୍ଗତ ଶରତ ଚନ୍ଦ୍ର ମହାନ୍ତିଙ୍କ ଝିଅ କୁମାରୀ ନଳିନୀ ମହାନ୍ତି କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନ କଳଙ୍କିବେକାରର ସୁଭଦ୍ରା ଡ୍ରଗହାଉସ ଉପରମହଲାରେ ଥିବା ଶ୍ରୀଜେଏମଏସ ଅଫ୍ ସ୍ମାଇଲର ଦାନ୍ତ ଡାକ୍ତର ମିଳନ କୁମାରଙ୍କ ନିକଟରେ ତାଙ୍କ ଦାନ୍ତର ଚିକିତ୍ସା କରାଉଥିଲେ । ଏଥିନିମନ୍ତେ କୁମାରୀ ମହାନ୍ତି ଡାକ୍ତର ମିଳନ କୁମାରଙ୍କ ପାଖକୁ ବାରମ୍ବାର ଯିବା ସହ ପ୍ରାୟ ୫୬ହଜାର ଟଙ୍କା ଫିସ ଓ ଅନ୍ୟାନ୍ୟ ବାବଦକୁ ଡା. ମିଳନ କୁମାରଙ୍କୁ ଦେଇଥିଲେ। କିନ୍ତୁ ସେଠାରେ ଚିକିତ୍ସା ପରେ ତାଙ୍କ ଦାନ୍ତ ଯନ୍ତ୍ରଣା ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହୋଇଥିଲା । ଫଳରେ ସେ ବାଧ୍ୟ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲକୁ ଯାଇ ଡାକ୍ତର ଚିକିତ୍ସା କରାଇଥିଲେ । ଏହାଦ୍ୱାରା ସେ ଅଧିକ ଖର୍ଚ୍ଚାନ୍ତ ହେବା ସହ ମାନସିକ ଓ ଶାରୀରିକ ଯନ୍ତ୍ରଣା ଭୋଗକରିଥିଲେ । ତେଣୁ ସେ ବାଧ୍ୟ ହୋଇ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗରେ ଆବେଦନ କରିବା ପରେ ଆୟୋଗ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## ପତ୍ରପୁର ପୋଲ ଉପରୁ ବ୍ରାହ୍ମଣୀ ନଦୀକୁ ଡେଇଁ ଯୁବକ ନିଖୋଜ

● ଅଗ୍ନିଶମ ବାହିନୀର ତଲାସି ଜାରି



ପଟ୍ଟାମୁଣ୍ଡାଇ,୨୧।୭(ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର କେନ୍ଦ୍ରସ୍ଥଳୀ ପତ୍ରପୁର ପୋଲ ଉପରୁ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକ ବ୍ରାହ୍ମଣୀ ନଦୀ ମଧ୍ୟକୁ ଡେଇଁ ପଡିଥିଲା। ଏହି ଖବର ପାଇ ସମ୍ପୃକ୍ତ ଯୁବକର ପରିବାର ଓ ପତ୍ରପୁର ଗାଁ ଲୋକମାନେ ଭରା ନଦୀ ମଧ୍ୟରେ ଖୋଜାଖୋଜି କରି ବିଫଳ ହେବା ପରେ ପଟ୍ଟାମୁଣ୍ଡାଇ ଓ ଆଳି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଉଭୟ ଅଗ୍ନିଶମ ବାହିନୀ ବ୍ରାହ୍ମଣୀ ନଦୀ ମଧ୍ୟରେ ବୋଟ ଯୋଗେ ସମ୍ପୃକ୍ତ ନିଖୋଜ ଯୁବକଙ୍କ ତାଲାସ ଚଳାଉଛନ୍ତି। ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ ଆଳି ବ୍ଲକ ପତ୍ରପୁର ଗ୍ରାମର ସୌମ୍ୟ ରଞ୍ଜନ ଘେଜ ଓରଫ ଡିଙ୍କୁ (୧୮) ପତ୍ରପୁର ପୋଲ ନିକଟକୁ ଆସି ପୋଲ ଉପରୁ ବ୍ରାହ୍ମଣୀ ନଦୀ ମଧ୍ୟକୁ ଡେଇଁ ପଡି ଥିଲେ । ଭରା ନଦୀର ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲେ । ସୌମ୍ୟ ରଞ୍ଜନ ଘରକୁ ନଫେରିବାରୁ ପରିବାର ଲୋକମାନେ ଖୋଜାଖୋଜି କରିଥିଲେ। ଶେଷରେ ଡିଙ୍କୁ ପତ୍ରପୁର ପୋଲ ଉପରୁ ବ୍ରାହ୍ମଣୀ ନଦୀ ମଧ୍ୟକୁ ଡେଇଁ ପଡ଼ିଥିବା ଖବର ପାଇଁ ପରିବାର ଓ ଗାଁ ଲୋକମାନେ ନଦୀ ମଧ୍ୟରେ ଖୋଜାଖୋଜି କରି ବିଫଳ ହେବା ପରେ ପଟ୍ଟାମୁଣ୍ଡାଇ ଓ ଆଳି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଉଭୟ ଅଗ୍ନିଶମ ବାହିନୀ ପତ୍ରପୁର ବ୍ରାହ୍ମଣୀ ନଦୀ ମଧ୍ୟରେ ବୋଟ ସାହାଯ୍ୟରେ ନିଖୋଜ ଯୁବକଙ୍କ ଜୋରଦାର ତାଲାସୀ ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ପତ୍ତା ମିଳିନାହିଁ।

## ଶ୍ରୀବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୧।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ପବିତ୍ର ବାହୁଡ଼ା ରଥଯାତ୍ରା ନିମନ୍ତେ ଏକ ଉଚ୍ଚ ସ୍ତରୀୟ ପ୍ରସ୍ତୁତି ବୈଠକ ଶ୍ରୀଜୀଉଙ୍କ ଯାତ୍ରୀ ନିବାସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୪ ଓ ୨୫ ତାରିଖରେ ପବିତ୍ର ବାହୁଡ଼ା ଯାତ୍ରା ଓ ୨୬ତାରିଖରେ ନିଳାଦ୍ରୀ ବିଜେ କାର୍ଯ୍ୟକ୍ରମକୁ କିପରି ଶାନ୍ତି ଶୃଙ୍ଖଳା ସହ ସମ୍ପାଦନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେହି ଦିନ ମାନଙ୍କରେ ଶୃଙ୍ଖଳିତ ନୀତି କାନ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।



ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଡିଆଇସି ଡିଏସପି ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ରିଜର୍ଭ ଇନିସ୍ପେକ୍ଟର ପ୍ରଶାନ୍ତ କୁମାର ଗଣସିଂହ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଟ୍ରଷ୍ଟ ବୋର୍ଡ ସଭ୍ୟ ପଣ୍ଡିତ ହୃଷିକେଶ ରଥ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଦେବୋର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ରଘୁନାଥ ମହାରଣା, ରଥ ପରିଚାଳନା କମିଟି ସଭ୍ୟ ଅନନ୍ତ ଚରଣ କର, ଅକ୍ଷୟ ନେଙ୍ଗପ, ଭିକାରୀ ମହାନ୍ତି, ଅମିତାଭ ସୁଆର, ସନ୍ତୋଷ ସାହୁ, ରାଜେନ୍ଦ୍ର ପତି, ଲକ୍ଷ୍ମୀକାନ୍ତ ସାହୁ, କ୍ଷୀତିଶ ରୋଶନ ସିଂ, ଅରବିନ୍ଦ ସାହୁ, ଟୁକୁ ପତ୍ରୀ, ଅବିନାଶ ବ୍ରହ୍ମଚାରୀ, ସିଲୁ ପ୍ରସାଦ ମହାରଣା, ବଳରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷ ଭାବେ ଯୋଗଦେଲେ ପ୍ରାଧ୍ୟାପକ ଚିରଞ୍ଜନ ଦାସ

କେନ୍ଦ୍ରାପଡ଼ା,୨୧।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଯୋଗଦେଇଛନ୍ତି ପ୍ରାଧ୍ୟାପକ ଚିରଞ୍ଜନ ଦାସ । ପ୍ରାଧ୍ୟାପକ ଦାସ କଟକ ଜିଲ୍ଲା କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ଡିଗ୍ରୀ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ । ଉଚ୍ଚଶିକ୍ଷା ବିଭାଗ ପ୍ରାଧ୍ୟାପକ ଶ୍ରୀ ଦାସଙ୍କୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛି । ପ୍ରାଧ୍ୟାପକ ଶ୍ରୀ ଦାସ ଏଠାରେ ଯୋଗଦେବା ପରେ କଲେଜ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ସାକ୍ଷାତ କରି ତାଙ୍କ ଯୋଗଦାନ ରିପୋର୍ଟ ପ୍ରଦାନ କରିଛନ୍ତି । ନୂତନ ଅଧ୍ୟକ୍ଷ ପ୍ରଫେସର ଦାସଙ୍କୁ କେନ୍ଦ୍ରାପଡା କଲେଜର ସମସ୍ତ ବିଭାଗର ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସେହିପରି ଏଠାରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନାଙ୍କୁ ତୁରନ୍ତ ଭାରମୁକ୍ତ କରିଦିଆଇଛି । ଶ୍ରୀ ଜେନା ଭଦ୍ରକ ଜିଲ୍ଲାର ଅଗରପଡା ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ ଯୋଗଦେବେ ।



## ମହଜୁଦ୍‌କାରୀଙ୍କ ବେଆଇନ ବାଲିଗଦା ନିଲାମ କଲା ଖଣି ବିଭାଗ

ଡେରାବିଶ,୨୧।୭(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମହଜୁଦ ହୋଇଥିବା ବାଲିକୁ ଖଣିବିଭାଗ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ଜବତ କରାଯାଇଥିଲା। ତେବେ ଏହି ଜବତ ବାଲିର କେହି ଦାବିଦାର ନଥିବାରୁ ଖଣି ବିଭାଗ ପକ୍ଷରୁ ଆଜି ବାଲିଗଦା ଗୁଡ଼ିକ ସର୍ବସାଧାରଣରେ ନିଲାମ କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ଜିଲ୍ଲା ଖଣି ଅଧିକାରୀ ଦିନେଶ ମହାପାତ୍ର ଉପସ୍ଥିତ ରହି ବାଲି ନିଲାମ ପ୍ରକ୍ରିୟା ପରିଚାଳନା କରିଥିଲେ। ଏହି ନିଲାମ ପ୍ରକ୍ରିୟାରେ ଯଅଁରାବାରିମୂଳ ପାଂଚୟତର ଅର୍ଡମୂଳ ସ୍ଥିତ ବାଲିକୁ ସର୍ବାଧିକ ୧୯୦୦୦ ଟଙ୍କାରେ ସୌମ୍ୟରଞ୍ଜନ ନାୟକ ନିଲାମ ନେଇଥିବା ବେଳେ ଯଅଁରାବାରିମୂଳ ଗ୍ରାମରେ ୧୩୦୦୦ ଟଙ୍କାରେ ରାଜେଶ ବେହେରା ଓ ଇନ୍ଦାଳେ ପଞ୍ଚାୟତ ଅନ୍ତର୍ଗତ ଇନ୍ଦାଳୋରେ ୯୩୧୭ ଟଙ୍କାରେ ଜଣେ ବ୍ୟକ୍ତି ନିଲାମ ନେଇଥିବା ଜଣାଯାଇଛି। ତେବେ ଏହି ନିଲାମ ସମୟରେ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପ୍‌ସିତା ପରିଜା ଓ ହରିଅଙ୍କ ରାଜସ୍ୱ ନିରୀକ୍ଷକ ପ୍ରକାଶ କୁମାର ସେଠୀ ଉପସ୍ଥିତ ରହିଥିଲେ।



## ଭାଗବତ ସପ୍ତାହ ପାରାୟଣ କଲେ ମଣିଷ ଜୀବନ ସୁଦୃଢ଼ ହୁଏ

କେନ୍ଦ୍ରାପଡ଼ା,୨୧।୭(ସଂଚାର ବ୍ୟୁରୋ): ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ପାରାୟଣକୁ ଉଦଘାଟନ କରି କହିଲେ ଭାଗବତ ମହାପୁରାଣ ସପ୍ତାହ ବିଧିବିଧାନ ଭାବରେ ପାରାୟଣ କଲେ ରାଜ୍ୟ, ଦେଶ ତଥା ସାରା ବିଶ୍ୱରେ ନିଶ୍ଚିତ ମଙ୍ଗଳ ହିଁ ମଙ୍ଗଳ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଭାଗବତ ପଠନ ମଣିଷର ମନ ଓ ଶରୀରକୁ ଶାନ୍ତି ଓ ସମୃଦ୍ଧି ପ୍ରଦାନ କରିବା ସହ ଜୀବନ ଗଠନରେ ସହାୟକ ହୋଇଥାଏ ବୋଲି ଶ୍ରୀମା ପ୍ରବଚନ ଦେଇ କହିଛନ୍ତି । ଶୁକ ପରିକ୍ଷିତ ସମ୍ବାଦ ଚରିତ୍ରରେ ଆମକୁ ଏହି ଶିକ୍ଷା ମିଳିଥାଏ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିଶ୍ୱାତ୍ମାନନ୍ଦ ଗିରି ଯୋଗଦେଇ ଭାଗବତର ୪ଟି ଅକ୍ଷରକୁ ବର୍ଣ୍ଣନା କରିଥିଲେ । ସେ କହିଲେ ଭା ରେ ଭାବ, ଗରେ ଜ୍ଞାନ, ବରେ ବୈରାଗ୍ୟ ଓ ତରେ ତପସ୍ୟା । ଭାଗବତ ମହାପୁରାଣ ଭକ୍ତି, ମୁକ୍ତି ଓ ତପସ୍ୟାର ଗନ୍ତାଘର । ମଣିଷ ଜୀବନକୁ ସତ୍‌ମାର୍ଗରେ ଗଢିତୋଳିବାକୁ ହେଲେ ଜୀବନ ରାସ୍ତାର ମୁଖ୍ୟ ସ୍ରୋତ ହେଉଛି ଧର୍ମର ପଥ। ତେଣୁ ଆସନ୍ତୁ ଆମେ ସମସ୍ତେ ବସୁଧୈବ କୁଟୁମ୍ବକମ ନ୍ୟାୟରେ ମିଳିତ ହୋଇ ଧର୍ମ ପଥରେ ଯିବା ପାଇଁ ସଂକଳ୍ପ କରିବା।



କ୍ୟାନେମେରୋଡ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଏହି ମହାନ କାର୍ଯ୍ୟକ୍ରମରେ ଡ. ଶୁଭ୍ରାଂଶୁଶେଖର ଲେଙ୍କା, ପ୍ରିୟଦର୍ଶିନୀ ଧଳ, ହେମନ୍ତ କୁମାର ପରିଡା, କିଂଦାୟିନୀ ପରିଡା, ଗଗନ ଆଚାର୍ଯ୍ୟ, ଅର୍ଚ୍ଚନା ଗୋଏଙ୍କା, ଡ.ଅସିତ କୁମାର ଜେନା, ନିବେଦିତା ସାମଲ, ବିଜ୍ଞାନ ଜେନା, ଆଶୁତୋଷ ମହାନ୍ତି,ସାବିତ୍ରୀ ପରିଡା, ପୁନମ ନାୟକ ପ୍ରମୁଖ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ ।

## ବିପଦସଂକୁଳ ଅବସ୍ଥାରେ କଟରପଡ଼ା ୯ନଂ କେନାଲ ପୋଲ

ନିଶ୍ଚିନ୍ତକୋଇଲି, ୨୧।୭ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା ପଞ୍ଚାୟତ ପିଠାପଡ଼ା ଗ୍ରାମ ୭ନଂ ୱାର୍ଡ଼ ଗ୍ରାମଦେବତୀ ଷୋଳପୁଅ ମା ଠାକୁରାଣୀ ପାଖରେ ୯ନଂ କେନାଲ ଉପରେ ଥିବା ପୋଲଟି ଭାଙ୍ଗିରୁଜି ବିପଦସଂକୁଳ ଅବସ୍ଥାରେ ଅଛି। ଏହି ପୋଲର ଉଭୟ ପାର୍ଶ୍ୱର ବାଡ଼ା ଭାଙ୍ଗିରୁଜି ଯାଇଥିବା ବେଳେ ଇଟା ସିମେଣ୍ଟ ଯୋଡ଼େଇ ପୋଲର ମୂଳଦୁଆରେ ବିରାଟ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।



ଏହି ପୋଲ ଦେଇ ଦୈନନ୍ଦିନ ସ୍ଥାନୀୟ ଗ୍ରାମବାସୀ ଗ୍ରାମଦେବତୀ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଆସ କରିଥାନ୍ତି। ଏହି ପୋଲ ଦେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଯିବା ଆସିବା କରିବା ସହ ସେମାନଙ୍କର ଗୃହପାଳିତ ପଶୁ ଯଥା-ଗାଈ, ଗୋରୁ, ଛେଳି, ମେଣ୍ଢାଙ୍କୁ ଘାସ ଚରାଇବାକୁ ନେଇଥାନ୍ତି। ଏହାସହ ସେଠାରେ ଅବସ୍ଥିତ ଶ୍ରୀ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟକୁ ଯିବାଆସିବା କରିବା ପାଇଁ ଏହି ପୋଲ ହିଁ ଏକମାତ୍ର ମାଧ୍ୟମ। ଏଭଳି ଭଙ୍ଗା ପୋଲରେ ଯାଆସ କରିବା ସ୍ଥାନୀୟ ଅଞ୍ଚଳବାସୀ ନିରାପଦ ମଣୁନାହାଁନ୍ତି। କେତେବେଳେ ଯେ ଭଙ୍ଗା ପୋଲଟି ଲୋକମାନେ ଯାଆସ କରୁଥିବା ସମୟରେ ଭାଙ୍ଗି ନପଡ଼ିବ ତାହା କହି ହେଉନାହିଁ।

ଜନସାଧାରଣମାନେ ଯାତାୟତ କରୁଥିବା ସମୟରେ ଯଦି ଏହି ଭଙ୍ଗା ପୋଲ ଭୁଶୁଡ଼ି ପଡ଼େ ତାହେଲେ ବହୁ ଧନଜୀବନ କ୍ଷତି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତୁରନ୍ତ ଜଳସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଏକ ନୂତନ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ଅବିନାଶଙ୍କ କମାଲ

ପାରାଦ୍ୱୀପ,୨୧।୭ (ସଂଚାର ବ୍ୟୁରୋ): ଡାକ୍ତରୀ ପ୍ରବେଶିକା ପରୀକ୍ଷା ରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ୱାର୍ଡ ନମ୍ବର ୫ ସନ୍ତୋଷୀ ନଗର ର ପୁଅ ଅବିନାଶ ସାମନ୍ତରାୟ ଉଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସମଗ୍ର ଭାରତ ରେ ୫୮୪୩ ଓବି ସି କାଟାଗୋରିରେ ୨୪୩୦ତମ ରେଙ୍କ ଅଧିକାର କରି ଜଗତସିଂହପୁର ଜିଲ୍ଲା ଓ ପାରାଦ୍ୱୀପ ବାସୀଙ୍କୁ ଗର୍ବିତ କରିଛନ୍ତି । ଅବିନାଶ ମୋଟ ୭୨୦ ମଧ୍ୟରୁ ୬୧୬ ମାର୍କ ପାଇଛନ୍ତି।



ତାଙ୍କ ପିତା ଅଶ୍ୱିନୀ ସାମନ୍ତରାୟ ପାରାଦ୍ୱୀପ ବନ୍ଦର ରେ ଚେନ୍ନାଇ ରାଧା କମ୍ପାନୀ ରେ କର୍ମଚାରୀ ହୋଇଥିବା ବେଳେ ମାତା ଶ୍ରୀମତୀ ଭାରତୀ ସାମନ୍ତରାୟ ଜଣେ ସମାଜସେବୀ ଓ ବିଜୁ ଜନତା ଦଳ ର ନାରୀନେତ୍ରୀ ରୁପେ ପାରାଦ୍ୱୀପ ଅଞ୍ଚଳ ରେ ଜଣାଶୁଣା ସମାଜ ସେବା ପାଇଁ ସରକାରୀ ସ୍ତରରେ ଅନେକ ଥର ପୁରସ୍କୃତ ହୋଇଛନ୍ତି ତତ ସହିତ ସମାଜସେବା କାର୍ଯ୍ୟକ୍ରମ ଜାରିରଖିଛନ୍ତି । ଅବିନାଶ ଯାଜପୁରର ପ୍ରସିଦ୍ଧ ପି ଏମ ଶ୍ରୀ ନବୋଦୟ ରେ ଶିକ୍ଷା ଲାଭ କରୁଥିଲେ କଠିନ ପରିଶ୍ରମ, ଶିକ୍ଷକ ମାନଙ୍କ ଓ ତାଙ୍କ ମାତା ଭାରତୀ ସାମନ୍ତରାୟ ଙ୍କ ମାଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କଥା କହିଛନ୍ତି । ତାଙ୍କ ର ଏହି ସଫଳତା ପାଇଁ ପରିବାର ଲୋକ, ତାଙ୍କ ମାମୁଁଘର ପରିବାର ଲୋକ,ଶିକ୍ଷକ ଏବଂ ସ୍ଥାନୀୟ ଅଂଚଳ ସନ୍ତୋଷୀ ନଗର,ପାରାଦ୍ୱୀପ ରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲ ରୁ ଅବିନାଶ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବିନାଶ ଭବିଷ୍ୟତ ରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବା ପାଇଁ ଇଛା ପ୍ରକାଶ କରିଛନ୍ତି ।

## ଜବରଦଖଲରେ ସରକାରୀ ବସ୍‌ଷ୍ଟାଣ୍ଡ

ବାଲିଆପାଳ,୨୧।୭ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତରେ ଥିବା ଦାନ୍ତୁଣିଦା ଛକ ନିକଟରେ ୨୦୧୯ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଦ୍ୱାରା ବିଶ୍ରାମ ଗାର ଗୃହ ନିର୍ମାଣ ହୋଇଥିଲା। ମାତ୍ର ସେତେବେଳେର କାର୍ଯ୍ୟରତ ଜିପିଟିଏ ଏବଂ ଜେଇ ରାଜନୈତିକ ଚାପରେ ଆସି ଉକ୍ତ ବିଶ୍ରାମ ଗାରକୁ ଛୋଟ ଛୋଟ ଦୁଇଟି କୋଠରିରେ ବିଭକ୍ତ କରିଥିଲେ। ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମବାସୀମାନେ ତତ୍କାଳୀନ ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ ବିଶ୍ରାମଗାର ମଝିରେ ଦିଆଯାଇଥିବା କାନ୍ଥ ସେମିତି ରହିଛି।



ଇତି ଅବସରରେ ଗତ ୧୩ ତାରିଖରେ ଗୋପୀନାଥ ଦଳାଇ ନାମକ ଜଣେ ବ୍ୟକ୍ତି ବିଶ୍ରାମ ଗାରର ତାଜାକୁ ମେସିନ ଲଗାଇ ଭାଙ୍ଗି ଦେଇଛନ୍ତି। ଗ୍ରାମବାସୀ ବିରୋଧ କରିବା ପରେ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ ଭଙ୍ଗା ଯାଉଛି ଏବଂ ସଟର ବସାଇ ଭଡା ଦିଆଯିବ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସୋମବାର ଦାନ୍ତୁଣିଦା ଗ୍ରାମବାସୀ ବିଶ୍ରାମ ଗାରରୁ ଜବର ଦଖଲକାରୀଙ୍କୁ ହଟାଇବା ପାଇଁ ସୋମବାର ବାଲିଆପାଳ ବିଡିଓଙ୍କୁ ଏକ ପତ୍ର ପ୍ରଦାନ କରିବା ସହିତ ବାରମ୍ବାର ଜନସାଧାରଣଙ୍କ ପାଇଁ ହୋଇଥିବା ବିଶ୍ରାମଗାରକୁ ହାତେଇବା ପାଇଁ ଚେଷ୍ଟା କରୁଥିବା ସରପଞ୍ଚଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପୂର୍ବରୁ ହୋଇଥିବା ଦୁଇଟି କୋଠରିକୁ ଗୋଟିଏ କୋଠରୀ କରାଯାଉ ବୋଲି ମଧ୍ୟ ଦାବି କରିଛନ୍ତି।

ଏ ବିଷୟରେ ବିଡିଓ ରାଧା ରଞ୍ଜନ ଦାଶଙ୍କୁ ପଚାରିବାରୁ କହିଛନ୍ତି ଏବେ ଭଙ୍ଗାରୁଜା କାର୍ଯ୍ୟ ବନ୍ଦ କରାଯାଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ତିନିମୁହାଁଣୀ ବଜାରରୁ ଘନ ଘନ ଚୋରି

ନିଶ୍ଚିନ୍ତକୋଇଲି, ୨୧।୭ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନେମାଳ ଥାନା ଅଧିନ ତିଲକଣା ପଞ୍ଚାୟତ ତିନିମୁହାଁଣୀ ବଜାରରେ ଗତ ତା.୨୦.୦୭.୨୦୨୬ରିଖ ସୋମବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ୪ଗୋଟି ଦୋକାନର ତାଲା ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ବଜାରରେ ବ୍ୟବସାୟ କରୁଥିବା ରାଜକିଶୋର ସାହୁଙ୍କ ତେଜରାତି ଦୋକାନ, ବଳରାମ ସାହୁଙ୍କ ଜଳଖିଆ ଦୋକାନ, ପ୍ରସନ୍ନ ଜେନାଙ୍କ ଚା ଦୋକାନ ଓ ଲକ୍ଷ୍ମଣ ସାମନ୍ତରାୟଙ୍କ ପୂଜା ସାମଗ୍ରୀ ଦୋକାନରୁ ଚୋରି ହୋଇଥିବା ସୂଚନା ମିଳିଛି। ସକାଳେ ଦୋକାନୀମାନେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନର ତାଲା ଭଙ୍ଗାଥିବା ଦେଖି ବ୍ୟବସାୟୀ ମାନେ ନେମାଳ ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ନେମାଳ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛି। ସ୍ଥାନୀୟ ଅଞ୍ଚଳରେ ଏଭଳି ବାରମ୍ବାର ଚୋରି ଘଟୁଥିବାରୁ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିବା ସହ ବଜାର ଅଞ୍ଚଳରେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ୭ ପ୍ରତିଯୋଗୀ

ବାରିପଦା,୨୧।୭ (ସଂଚାର ବ୍ୟୁରୋ): ରାଜସ୍ଥାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗାସନ ସବ ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୁରଭଞ୍ଜର ୫ ଜଣ ଓ ପାଟନାରେ ସିନିୟର ବିଭାଗର ୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି ।



ପ୍ରକାଶ ଥାଉକି ଚଳିତ ମାସ ଓଡିଶା ଯୋଗ ଏସୋସିଏସନ ଦ୍ୱାରା କଟକ ଠାରେ ଅନୁଷ୍ଠିତ ୩୨ ତମ ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୁରଭଂଜ ଜିଲ୍ଲାରୁ ସର୍ବମୋଟ ୬୧ ଜଣ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବା ବେଳେ ସବ ଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ ସ୍ଥାନ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଏବଂ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତତସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟାଂଶି ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ ମଣ୍ଡଳ ୫ମ, ନେହା ଅଗ୍ରୱାଲ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ଏବଂ କ୍ରିଷ୍ଣା ନାୟକ "ଯୋଗ କୁମାର" ଓ ଶିବଶଙ୍କର ଦାସ ଯୋଗଶ୍ରୀ ଉପାଧି ଲାଭ କରିଛନ୍ତି ।

## ଚଞ୍ଚକତା କରି ଗୋପୀନାଥ ଦେବଙ୍କ ସମ୍ପତ୍ତି ବିକ୍ରି ଅଭିଯୋଗ

ସତ୍ୟବାଦୀ,୨୧।୭ (ସଂଚାର ବ୍ୟୁରୋ): ସମ୍ପ୍ରତି ବ୍ୟକ୍ତିଗତ ଦଖଲରେ ଥିବା ଦେବୋତ୍ତର ସମ୍ପତ୍ତି ସବୁ ଫେରେଇ ଆଣିବା ପାଇଁ ସରକାରୀ ସ୍ତରରେ ପ୍ରୟାସ ଜାରି ରହିଛି। ଫଳରେ ନିକଟରେ ଜଗନ୍ନାଥ ମହାପ୍ରଭୁଙ୍କର ୨୩୪ ଏକର ସମ୍ପତ୍ତି ଜଗନ୍ନାଥଙ୍କ ନାମକୁ ଫେରିପାରିଛି। ଶ୍ରୀ ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ଦେବୋତ୍ତରଙ୍କ ସମ୍ପତ୍ତି ମାମଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋପୀନାଥ ଦେବଙ୍କ ବିବାଦୀୟ ସମ୍ପତ୍ତି ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଅଦାଲତରେ ବିଚରାଧୀନ ଥିବା ବେଳେ ଉପ ନିବନ୍ଧକ ଚଞ୍ଚକତା କରି ଏହାର ବିକ୍ରି ଦଲିଲ କରିଥିବା ଅଭିଯୋଗ ହୋଇଛି। ବିବାଦୀୟ ତଥା ବିଚରାଧୀନ ଜମିର କ୍ରୟବିକ୍ରୟକୁ ରୋକିବା ପାଇଁ ସତ୍ୟବାଦୀ ତହସିଲଦାର ଉପ-ନିବନ୍ଧକଙ୍କ ନିକଟରେ ଲିଖିତ ନିବେଦନ କରିଥିଲେ ବି ଉପ ନିବନ୍ଧକ ଏହାକୁ ଭୃକ୍ଷେପ ନକରି ବିକ୍ରୟ ଦଲିଲ ପଞ୍ଜିକରଣ କରିଥିବା ଜଣାପଡିଛି।

ସୂଚନା ଯୋଗ୍ୟ ଯେ, ଶ୍ରୀ ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ଦେବୋତ୍ତରଙ୍କ ଅଧୀନରେ ଥିବା ବିଭିନ୍ନ ମୌଜାର ସମ୍ପତ୍ତି ବର୍ତ୍ତମାନ ବ୍ୟକ୍ତିଗତ ବ୍ୟକ୍ତିଙ୍କ ନାମରେ ରହିଥିବାରୁ ସେଗୁଡ଼ିକୁ ପୁନର୍ବାର ଦେବୋତ୍ତରଙ୍କ ନାମରେ ଫେରାଇ ଆଣିବା ପାଇଁ ବିଭିନ୍ନ ଅଦାଲତରେ ମାମଲା ବିଚାରାଧୀନ ରହିଛି। ବିଶେଷ କରି ସତ୍ୟବାଦୀ ମୌଜାର ଖାତା ନମ୍ବର-୧୪ ଅନ୍ତର୍ଗତ ପ୍ଲଟ୍ ନମ୍ବର-୪୧୨ (୦.୨୫୪ ଏକର), ପ୍ଲଟ୍ ନମ୍ବର-୧୦୩ (୦.୦୪୮୩ ଏକର) ଏବଂ ପ୍ଲଟ୍ ନମ୍ବର-୧୦୧/୧୦୩୧ (୦.୦୭୩୪ ଏକର) ସମ୍ପର୍କିତ ବିବାଦ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏପରି ପରିସ୍ଥିତିରେ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଉକ୍ତ ସମ୍ପତ୍ତିର କୌଣସି ପ୍ରକାର କ୍ରୟବିକ୍ରୟ କିମ୍ବା ରେଜିଷ୍ଟ୍ରେସନ୍‌କୁ ଅନୁମତି ନ ଦେବା ପାଇଁ ଉପ-ନିବନ୍ଧକଙ୍କୁ ତହସିଲଦାର ତଥା ଗୋପୀନାଥ ଦେବ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ନିବେଦନ କରିଥିଲେ।

ଇତିମଧ୍ୟରେ ଡବ୍ଲ୍ୟୁପି(ସି) ନଂ-୬୦୭୪/୨୦୨୬ ମାମଲାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୩ ଏପ୍ରିଲ ୨୦୨୬ରେ ଦେଇଥିବା ଆଦେଶରେ କହିଛନ୍ତି ଯେ, ଓ.ଏ. ନଂ-୨୪୯/୨୦୨୦ର ନିଷ୍ପତ୍ତି ହୋଇସାରିଥିବାରୁ ଆବେଦକମାନେ ଏଣ୍ଡାଉମେଣ୍ଟ କମିଶନରଙ୍କ ରାୟର ନକଲ ସହ ପୁନର୍ବାର ଉପ-ନିବନ୍ଧକଙ୍କ ନିକଟରେ ଆବେଦନ କରିପାରିବେ। ଆବେଦନ ଦାଖଲ ହେବାର ୧୦ ଦିନ ମଧ୍ୟରେ ଉପ-ନିବନ୍ଧକ ଆଇନ ଅନୁଯାୟୀ ଦୁଇ ସପ୍ତାହ ମଧ୍ୟରେ ଆବଶ୍ୟକୀୟ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ, ମନ୍ଦିର ପ୍ରଶାସନ ଉପ-ନିବନ୍ଧକଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛି ଯେ, ଓଏ ମାମଲାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ସେହି ଆଦେଶ ବିରୋଧରେ ଦାଖଲ ହୋଇଥିବା ଡବ୍ଲ୍ୟୁପି(ସି) ନଂ-୯୪୯୪/୨୦୨୫ ଏପର୍ଯ୍ୟନ୍ତ ବିଚାରାଧୀନ ଥିବାରୁ ଜମି ସମ୍ବନ୍ଧୀୟ କୌଣସି ବିକ୍ରୟ କିମ୍ବା ପଞ୍ଜୀକରଣ କରାଯିବା ଉଚିତ ନୁହେଁ। ଠାକୁରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ କାରବାର ବନ୍ଦ ରଖିବାକୁ ଅନୁରୋଧ କରାଯାଇଛି।

ଦେବୋତ୍ତର ସମ୍ପତ୍ତିର ସୁରକ୍ଷା ଓ ଆଇନଗତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରିବାକୁ ଆବେଦନରେ ଅନୁରୋଧ କରାଯାଇଥିଲା। କିନ୍ତୁ ଉପ ନିବନ୍ଧକ କାହା ସ୍ୱାର୍ଥରେ ଏହି ବିକ୍ରୟ ଦଲିଲ ପଞ୍ଜିକରଣ କରିଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମନ୍ଦିର ପ୍ରଶାସନ ଉପରୋକ୍ତ ଜମିର ପଞ୍ଜିକୃତ ଦଲିଲ ଖାରଜ କରିବାକୁ ସତ୍ୟବାଦୀ ତହସିଲଦାରଙ୍କୁ ନିବେଦନ କରିଛି।

ଯନ୍ତରମନ୍ତରରେ ଛାତ୍ରଛାତ୍ରୀଙ୍କୁ ପୁଲିସର ଆକ୍ରମଣ ଘଟଣା

# ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବିଜେଡିର ନିଃସର୍ତ୍ତ ସମର୍ଥନ



## ହସ୍ପିଟାଲରେ ଆହତ ଛାତ୍ରଛାତ୍ରୀଙ୍କୁ ଭେଟିଲେ ଦଳୀୟ ସାଂସଦ

ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ): ସୋମବାର ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜେଡି। ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ ହସ୍ପିଟାଲକୁ ଯାଇ ଆହତ ହୋଇ ଚିକିତ୍ସାଧୀନ ଛାତ୍ରଛାତ୍ରୀଙ୍କୁ ଭେଟି ସମବେଦନା ଜଣାଇଥିଲେ।

ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ଡ଼ ସଂତୃପ୍ତ ମିଶ୍ର, ସାଂସଦ ଡ଼ ସସ୍ମିତ ପାତ୍ର, ସାଂସଦ ସୁଲତା ଦେଓ, ସାଂସଦ ସୁଭାଶିଷ ଖୁଣ୍ଟିଆ ସାମିଲ ଥିଲେ। ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜେଡି ସଦାସର୍ବଦା ସେମାନଙ୍କ ସହ ରହିବ ବୋଲି ଆଶ୍ୱାସନା ଦେଇଥିଲେ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ।

ଏହାପୂର୍ବରୁ ମଙ୍ଗଳବାର ପୂର୍ବାହ୍ନରେ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ ଦିଲ୍ଲୀର ବିଜୟ ଚୌକ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ।

ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ। ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ। ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୁଲିସର ଆକ୍ରମଣକୁ ନିନ୍ଦା କରିଥିଲେ।

ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

# ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

> ଅକ୍ଟୋବରରୁ ରାଜ୍ୟରେ ଆରମ୍ଭ ହେବ ଘରକୁଘର ସର୍ଭେ
> ଜିଲ୍ଲାପାଳଙ୍କ ସହ ରାଜ୍ୟ ନିର୍ବାଚନ କମିଶନଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର,୨୧।୭(ସଂଚାର ବ୍ୟୁରୋ): ୨୦୨୭ ମସିହାରେ ରାଜ୍ୟରେ ହେବାକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ଓ ପୌର ସଂସ୍ଥା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ରାଜ୍ୟର ସମସ୍ତ ପୌର ନିଗମର କମିଶନର, ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟରମାନେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆୟୁକ୍ତ ସମସ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

ଘରକୁଘର ସର୍ଭେ ମାଧ୍ୟମରେ ପ୍ରକୃତ ସ୍ଥିତି ଅନୁଯାୟୀ ବୁଥ୍‌ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଏହା ସହିତ ପ୍ରତ୍ୟେକ ଘରକୁ କ୍ରମିକ ଘର ନମ୍ବର ପ୍ରଦାନ, ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟରଙ୍କୁ କ୍ରମାନୁସାରେ ତାଲିକାଭୁକ୍ତ କରିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଆଇନଗତ ପ୍ରକ୍ରିୟାରେ ସାମିଲ କରଯିବାକୁ ଆଲୋଚନା ହୋଇଥିଲା। ସର୍ଭେ ପାଇଁ ପ୍ରତ୍ୟେକ ଦଳରେ ସମ୍ପୃକ୍ତ ବୁଥ୍ ଲେଭେଲ୍ ଅଫିସର (ବିଏଲଓ)ଙ୍କୁ ଟିମ୍ ଲିଡର ଭାବେ ନିଯୁକ୍ତ କରାଯିବ। ତାଙ୍କୁ ଦୁଇଜଣ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିବେ। ଆବଶ୍ୟକ ସ୍ଥଳେ ଆଶା କର୍ମୀ, ଜଳ ସାଥୀ କିମ୍ବା ସ୍ୱଚ୍ଛ ସାଥୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ। ବ୍ଲକ ଓ ସହରାଞ୍ଚଳ ସ୍ତରରେ ସୁପରଭାଇଜର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ସମଗ୍ର ପ୍ରକ୍ରିୟାର ତଦାରଖ କରିବେ।

ଏ ସମସ୍ତ ପ୍ରକ୍ରିୟା ଜୁଲାଇ ୩୧ ସୁଦ୍ଧା ସାରିବାକୁ ଆଲୋଚନା ହୋଇଥିଲା। ୨୦୨୭ ଜାନୁଆରୀ ୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଫେବୃଆରୀ ୧୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୋଟର ତାଲିକାକୁ ସଂଶୋଧନ କରିବା ପାଇଁ ପ୍ରଶାସନିକସ୍ତରରେ ଘରକୁଘର ବୁଲି ସର୍ଭେ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ଭୋଟର ତାଲିକାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ନୂତନ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହ ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ କୁହାଯାଇଛି। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରି ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମୟସୀମା ମଧ୍ୟରେ ପ୍ରକାଶ କରିବାକୁ କମିଶନ ଗୁରୁତ୍ୱ ଦେଇଛନ୍ତି। ଭୋଟରଙ୍କ ସୁବିଧା ଦୃଷ୍ଟିରୁ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଯେପରି କ୍ରମାନୁସାରେ ଗୋଟିଏ ବୁଥ୍ରେ ରହିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

● ବିଏମ୍‌ସି-ବିଡିଏର ସବୁଜ ପଦକ୍ଷେପ

## ଜନପଥରେ ଯାତ୍ରୀଙ୍କ ପାଇଁ ନୂଆ ଟ୍ରାଫିକ୍ ଆଶ୍ରୟସ୍ଥଳ



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ସହରର ସୌନ୍ଦର୍ଯ୍ୟକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜନପଥ କରିଡରର ପ୍ରମୁଖ ସ୍ଥାନଗୁଡ଼ିକରେ ଆଧୁନିକ ଟ୍ରାଫିକ ଏବଂ ପାର୍କିଂ-ସହ-ଯାତ୍ରୀ ଆଶ୍ରୟସ୍ଥଳ (ସେଡ୍) ନିର୍ମାଣ ପାଇଁ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହିତ ରାସ୍ତାଘାଟର ପରିବେଶକୁ ଅଧିକ ସବୁଜ ଓ ଆକର୍ଷଣୀୟ କରିବା। ସମସ୍ତ ସମ୍ପୃକ୍ତ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ସହରଗୁଡ଼ିକରେ ବାୟୁର ଗୁଣବତ୍ତା ଉନ୍ନତ କରିବା ଲକ୍ଷ୍ୟ ନେଇ 'ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ' (ଏନସିଏପି) ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସହରର ଦୁଇଟି ବ୍ୟସ୍ତବହୁଳ ଅଞ୍ଚଳ ରୂପାଲି ଛକ ଓ ପାୱାର ହାଉସ ଛକ ନୂତନ ଟ୍ରାଫିକ ସେଡ ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରକଳ୍ପର ଅଂଶବିଶେଷ ଭାବେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯାତ୍ରୀଙ୍କ ସୁବିଧା ପାଇଁ ଆଧୁନିକ ଟ୍ରାଫିକ ସେଡ୍ ତିଆରି କରାଯାଉଛି। ଏହା ବ୍ୟତୀତ ଜନପଥ କରିଡରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଚାରୋଟି ପାର୍କିଂ-କମ-ଯାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। ପଥଚାରୀ, ଯାତ୍ରୀ ଓ ଗାଡ଼ି ଚାଳକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ଏହି ପଦକ୍ଷେପ ସହରର ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଯାତ୍ରୀଙ୍କୁ ଅଧିକ ସୁବିଧା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ବିଏମସି କମିଶନର ଏବଂ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ସେଡ୍‌ଗୁଡ଼ିକରେ ଏକ ସମସାମୟିକ ଡିଜାଇନ ତିଆରି ହୋଇଛି। ଯେଉଁଥିରେ ସୌନ୍ଦର୍ଯ୍ୟ ଏବଂ ସ୍ଥାୟୀତ୍ୱର ସମନ୍ୱୟ ରହିବ। ଏହାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଫ୍ୟାବ୍ରିକ କ୍ୟାନୋପି ଉପରେ ଫ୍ଲେମ୍ ଭାଇନ୍ କ୍ରିପର୍ ବ୍ୟବହାର। ଏହା ଧୀରେ ଧୀରେ ଏକ ପ୍ରାକୃତିକ ସବୁଜ ଆଚ୍ଛାଦନ ସୃଷ୍ଟି କରିବ।

୩ ଦିନରେ ୪ ମନ୍ଦିରରୁ ଚୋରି

# ବନ୍‌ଜାରା ଗ୍ୟାଙ୍ଗ୍‌ର ୪ ଗିରଫ, ୩୦ଲକ୍ଷ ଟଙ୍କାର ଅଳଙ୍କାର ଜବତ

ଚୌଦ୍ୱାର/ଗୁରୁଡ଼ିଝାଟିଆ,୨୧।୭ (ସଂଚାର ବ୍ୟୁରୋ): ଟାଙ୍ଗୀ ଥାନା ଶାଳଗାଁ ଅଞ୍ଚଳରେ ଗତ ତିନିଦିନ ମଧ୍ୟରେ ଚାରିଗୋଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଛି। ଏହି ଘଟଣାରେ ଟାଙ୍ଗୀ ଓ ଚୌଦ୍ୱାର ପୁଲିସ ବନ୍‌ଜାରା ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିବା ସହ ୩୦ଲକ୍ଷ



ଟଙ୍କାର ଅଳଙ୍କାର ଓ ନଗଦ ୨୭ହଜାର ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ହୋଇଥିବା ବେଳେ ଟାଙ୍ଗୀ ପୁଲିସ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିଥିବା ଜଣାପଡ଼ିଛି। ଚୌଦ୍ୱାର ପୁଲିସ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଗୋଧିବସା ଗ୍ରାମର ଭିମା ବେଦ(୨୬), ନିତିସ୍ ସିଂ(୧୯) ଓ ସୁରେଶ ସିଂ(୧୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟାଙ୍ଗୀ ପୁଲିସ ଗିରଫ ନାବାଳକଠାରୁ ସୁନାର ୨ଟି ଆଖି, ଟୀକା, ୨ଟି ମୁକୁଟ, ଆଖି, ୨ହଳ ନାକଫୁଲ, ମୁଖା, ୨ଟି ଭୂଲତା, ରୂପାର ଟୀକା, ଦୁଇଟି ମୁକୁଟ, ସିନ୍ଥି, ମଥାମଣି ସହ ୮ ହଜାର ୮୫୦ ଟଙ୍କା ଜବତ କରିଛି।

ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

# ଗୁଣାତ୍ମକ ମାନ ବଜାୟ ରଖିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ରାଜ୍ୟରେ ଉନ୍ନତ, ଆଧୁନିକ ଓ ରୋଗୀ-ଅନୁକୂଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗଠନ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମଙ୍ଗଳବାର କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ପ୍ରକଳ୍ପଗୁଡ଼ିକର ନିର୍ମାଣର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବି ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ହୋଇଥିବାରୁ ଏଠାରେ ରୋଗୀ ସେବାର ମାନ, ଚିକିତ୍ସା ଭିତ୍ତିଭୂମି ଏବଂ ଶିକ୍ଷାନୁକୂଳ ପରିବେଶକୁ ଆହୁରି ଉନ୍ନତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ।

ରାଜ୍ୟପାଳଙ୍କ କୋରାପୁଟ କଫି ଆଉଟ୍‌ଲେଟ୍ ପରିଦର୍ଶନ

# ଓଡ଼ିଶାର ଜନଜାତି ଉଦ୍ୟମିତାକୁ ପ୍ରଶଂସା



ଭୁବନେଶ୍ୱର,୨୧।୭(ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲି ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି। ତାଙ୍କ ସହ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିଶନର ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍)ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ତୁଡୁ ଓ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଆଉଟଲେଟ୍‌ରେ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀଙ୍କ ସହିତ ଭାବ ବିନିମୟ କରିଥିଲେ। ରାଜ୍ୟ ସରକାର ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି ଉଦ୍ୟମ କେବଳ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଇ ନଥାଏ ବରଂ ସ୍ଥାୟୀ ଜୀବିକା ସୃଷ୍ଟି ଓ ଅନ୍ତର୍ଭୁକ୍ତିମୂଳକ ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି।

# ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ ଆରଆଇ



ସୁନ୍ଦରଗଡ଼,୨୧।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ତହସିଲ ଅଧୀନ କଲୋସିହିରା ସର୍କଲର ରାଜସ୍ୱ ନିରୀକ୍ଷକ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୁଆଁରମୁଣ୍ଡା ତହସିଲ ଅଧୀନ କଲୋସିହିରା ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍.ଆଇ.) ଅନୀତା ଜେନାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସେ ଜଣେ ଆବେଦନକାରୀଙ୍କ ପୈତୃକ ଜମିର ସୀମା ନିର୍ଦ୍ଧାରଣ (ଡିମାର୍କେସନ) ରିପୋର୍ଟ ପ୍ରଦାନ କରିବା ପାଇଁ ୪,୦୦୦ ଟଙ୍କା ଲାଞ୍ଚ ଦାବି କରି ଗ୍ରହଣ କରୁଥିବା ବେଳେ ଧରାପଡ଼ିଛନ୍ତି। ଅଭିଯୋଗକାରୀ କିଛି ମାସ ପୂର୍ବରୁ ତାଙ୍କ ପୈତୃକ ଜମିର ସୀମା ନିର୍ଦ୍ଧାରଣ ରିପୋର୍ଟ ପାଇଁ ଆବେଦନ କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଜେନା ବିନା କୌଣସି କାରଣରେ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିଲେ। ପରେ ରିପୋର୍ଟ ଜାରି କରିବା ପାଇଁ ସେ ୪,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିରେ ଅତିଷ୍ଠ ହୋଇ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗର ଯାଞ୍ଚ ପରେ ମଙ୍ଗଳବାର ଭିଜିଲାନ୍ସର ଏକ ଟିମ୍ ଯୋଜନା ମୁତାବକ ରାଜସ୍ୱ ନିରୀକ୍ଷକ ଜେନା ୪,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଜେନାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ୪,୦୦୦ ଟଙ୍କାର ଲାଞ୍ଚ ରାଶି ଜବତ କରାଯାଇଛି।

## ଭିଜିଲାନ୍ସ ଜାଲରେ ପଞ୍ଚାୟତ ପିଇଓ



କୋରେଇ, ୨୧।୭ (ସଂଚାର ବ୍ୟୁରୋ): କୋରେଇ ବ୍ଲକ୍ ଅନ୍ତର୍ଗତ କାଚରାସାହି ଗ୍ରାମ ପଞ୍ଚାୟତର ପିଇଓ ପ୍ରଫୁଲ୍ଲ କୁମାର ନାଥ ମଙ୍ଗଳବାର ଓଡ଼ିଶା ଭିଜିଲାନ୍ସ ଟିମ୍ ଜାଲରେ ପଡ଼ିଥିବା ଖବର କୋରେଇ ଜନସାଧାରଣଙ୍କୁ ସରକାରୀ କର୍ମଚାରୀମାନଙ୍କ ସ୍ୱଚ୍ଛତା ବିଷୟରେ ଆଲୋଚନା କରିବା ପାଇଁ ଖୋରାକ ଯୋଗାଇଛି। ଖବରର ଆଧାରରୁ ପ୍ରକାଶ ଯେ କାଚରାସାହି ଗ୍ରାମ ପଞ୍ଚାୟତକକୁ ଆସିଥିବା ଜଣେ ହିତାଧିକାରୀଙ୍କ ଠାରୁ ୫ହଜାର ଟଙ୍କା ପିଇଓ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

ପାଇକନଗର କଭର ନାଳ ଭିତ୍ତିପ୍ରସ୍ତର ସ୍ଥାପନ

# ସମସ୍ତଙ୍କ ସହଯୋଗରେ ମୌଳିକ ସମସ୍ୟାର ସମାଧାନ କରାଯିବ: ବିଧାୟକ



ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ): ଏକାମ୍ର ନିର୍ବାଚନମଣ୍ଡଳୀର ପାଇକନଗର ଅଞ୍ଚଳରେ ଏନ୍‌ଏଚ୍‌ଠାରୁ ପାଇକନଗର ଛକ, ରିନୋଲ୍ଟ ଶୋରୁମ ଓ ମୁଣ୍ଡାସାହି ପର୍ଯ୍ୟନ୍ତ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ କଭର ନାଳ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ବାବୁ ସିଂ।

ଏହି ଅବସରରେ ବିଧାୟକ ଶ୍ରୀ ସିଂ କହିଛନ୍ତି ଯେ, ନିର୍ବାଚନ ସମୟରେ ଏହି ଅଞ୍ଚଳବାସୀଙ୍କ ଏହା ଥିଲା ପ୍ରମୁଖ ଦାବି। ତେଣୁ ଆଜି ପ୍ରତିଶ୍ରୁତି ପୂରଣ ହୋଇଛି। କଭର ନାଳ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଭୁବନେଶ୍ୱର ମହାନଗର ନିଗମର ଉଭୟ ୱାର୍ଡ଼ ନଂ ୫୦ ଓ ୪୮ ପାଇକନଗର ଅଞ୍ଚଳର ଦୀର୍ଘଦିନର ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବା ସହ ଯାତାୟାତ ବ୍ୟବସ୍ଥାର ଉନ୍ନତି ହେବ। ବିକଶିତ ଏକାମ୍ର ଗଠନର ସଂକଳ୍ପକୁ ସାକାର କରିବା ଦିଗରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାଜିବ।

ଜନସାଧାରଣଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ସହ ଉନ୍ନତ ଭିତ୍ତିଭୂମି ସୃଷ୍ଟି ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଏକାମ୍ରବାସୀଙ୍କ ବିଶ୍ୱାସ ଓ ଆଶୀର୍ବାଦକୁ ପାଥେୟ କରି ଲୋକଙ୍କ ସେବା ଓ ସର୍ବାଙ୍ଗୀନ ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ଅନେକ ଜନ ହିତକାରି, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ, ସର୍ବବ୍ୟାପି, ସର୍ବସ୍ପର୍ଶୀ ବିକାଶମୂଳକ କାର୍ଯ୍ୟରେ ଜନସାଧାରଣ ଉପକୃତ ହେଉଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ଏହି ନିର୍ବାଚନମଣ୍ଡଳୀକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ୱାର୍ଡ ନଂ ୫୦ର କର୍ପୋରେଟର ରାମଚନ୍ଦ୍ର ରଣସିଂ, ୱାର୍ଡ ନଂ ୪୮ର କର୍ପୋରେଟର ସୁଚିତ୍ରା ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବସ୍ ଭଡା - ରଥଯାତ୍ରରେ ଦୁଇଗୁଣା ଆଦାୟ



ଭୁବନେଶ୍ୱର,୨୧।୭: ପରିବହନ ବିଭାଗର ସମସ୍ତ ପ୍ରକାର ତାଗିଦା ସତ୍ତ୍ୱେ ରଥଯାତ୍ରା ସମୟରେ ଘରୋଇବସ୍‌ଗୁଡ଼ିକ ମନଇଚ୍ଛା ଭଡା ଆଦାୟ କରୁଛନ୍ତି। ପୁରୀରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କ ଠାରୁ ୨୦୦ ଟଙ୍କା କରି ଭଡା ଆଦାୟ କରାଯାଉଛି। ପ୍ରତିବାଦ କଲେ ବସ୍ ଅଧିକ ରାସ୍ତା ଦେଇ ଯାଉଥିବାରୁ ଏହି ଭଡା ଦେବାକୁ ପଡ଼ିବ ବୋଲି କୁହାଯାଉଛି। ରଥଯାତ୍ରା ପାଇଁ ପୁରୀ ଯାଉଥିବା ବହୁ ଲୋକେ ବସ୍ ଉପରେ ନିର୍ଭର କରୁଛନ୍ତି। ସରକାରଙ୍କ ଟ୍ରାଫିକ ନିୟମ ଅନୁଯାୟୀ ବସ୍‌ଗୁଡ଼ିକ ନିର୍ଦ୍ଧାରିତ ରୁଟ୍‌ରେ ଚଳାଚଳ କରୁଛନ୍ତି। ତେବେ ଭିଡ ସମୟରେ କେତେକ ବସ୍ ପୁରୀରୁ କୋଣାର୍କ-ନିମାପଡା ଦେଇ ଭୁବନେଶ୍ୱର ଆସୁଛନ୍ତି। ଆଉ କେତେକ ବସ୍ ପୁରୀରୁ ବୀର ହରେକୃଷ୍ଣପୁର ଦେଇ ସିଧାସଳଖ ଭୁବନେଶ୍ୱର ଓ କଟକ ଯାଉଛନ୍ତି। ତେବେ ଏହି ବସ୍‌ଗୁଡ଼ିକ ଯାତ୍ରୀମାନଙ୍କ ଠାରୁ ଦୁଇଗୁଣାରୁ ଅଧିକ ଭଡା ଆଦାୟ କରୁଛନ୍ତି। କାରଣ ସାଧାରଣ ସମୟରେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଘରୋଇ ବସ୍ ଭଡା ୭୦ ରୁ ୮୦ ଟଙ୍କା ରହିଥାଏ। ରଥଯାତ୍ରା ସମୟରେ କାଳେ ଘରୋଇ ବସ୍‌ଗୁଡ଼ିକ ଲୋକଙ୍କ ଠାରୁ ଅଧିକ ଭଡା ଆଦାୟ କରିବେ ସେଥିପାଇଁ ପରିବହନ ବିଭାଗର ଅଧିକାରୀମାନେ ଘନ ଘନ ବୈଠକ କରିବା ସହିତ ଅଧିକ ଭଡା ଆଦାୟକଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ। ହେଲେ ଏହି ଚେତାବନୀକୁ ଘରୋଇ ବସ୍‌ଗୁହିକ ଖାତିର କରିନାହାନ୍ତି। ଯାତ୍ରୀଙ୍କ ବିକଳିଆ ଅବସ୍ଥାକୁ ଦେଖି ବସ୍‌ଗୁଡ଼ିକ ଚଢ଼ା ହାରରେ ଅର୍ଥ ଆଦାୟ କରୁଛନ୍ତି। ଯାତ୍ରୀ ପିଛା ୨୦୦ ଟଙ୍କା ଆଦାୟ କରୁଥିଲେ ମଧ୍ୟ ସେମାନଙ୍କୁ ଟିକଟ ଦିଆଯାଉ ନାହିଁ। ଘରୋଇ ବସ୍‌ଗୁଡ଼ିକ ୨୦୦ ଟଙ୍କା ଭଡା ଆଦାୟ କରୁଥିବାବେଳେ ସରକାରଙ୍କ ନିୟନ୍ତ୍ରିତ ୧୨୦ ଟଙ୍କା କରି ନେଉଛନ୍ତି। ରଥଯାତ୍ରା ସମୟରେ ବସ୍‌ଗୁଡ଼ିକ କେତେ ପରିମାଣରେ ଭଡା ଆଦାୟ କରୁଛନ୍ତି ଓ ଯାତ୍ରୀଙ୍କୁ କିଭଳି ସେବା ଯୋଗାଉଛନ୍ତି ସେ ସଂକ୍ରାନ୍ତରେ ପରିବହନ ବିଭାଗର ସ୍କ୍ୱାଡ୍ ଯାଞ୍ଚ କରିବାକଥା। ହେଲେ ଏଭଳି ଯାଞ୍ଚ ଦେଖିବାକୁ ମିଳୁନଥିବାରୁ ଘରୋଇ ବସ୍‌ଗୁଡ଼ିକ ବେପରୁଆ ଭାବେ ଭଡା ଆଦାୟ କରିବାରେ ଲାଗିଛନ୍ତି। ପୁରୀ ଆସୁଥିବା ଯାତ୍ରୀମାନଙ୍କ ଲାଗି ପରିବହନ ବିଭାଗ ପକ୍ଷରୁ ମାଗଣା ଅଟୋସେବା ଯୋଗାଇ ଦିଆଯାଉଛି। ତାଳବଣିଆ ଠାରୁ ବଡଦାଣ୍ଡ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ପାଇଁ ମାଗଣା ପରିବହନ ସେବାର ବ୍ୟବସ୍ଥା ହୋଇଛି। ଏହାଛଡା ବିଶ୍ରାମସ୍ଥଳ, ମାଗଣା ଖାଦ୍ୟ ମଧ୍ୟ ବିଭାଗ ଦେଉଛି। ଦିବ୍ୟାଙ୍ଗମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭାଗର ଏତେ ସବୁ ସକରାତ୍ମକ ପଦକ୍ଷେପ ସତ୍ତ୍ୱେ ଘରୋଇ ବସ୍ ଭଡାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ପ୍ରକଟ କରୁଛନ୍ତି। ପରିବହନ ବିଭାଗ କେବଳ ବୈଠକରେ ନାଲିଆଖି ନଦେଖାଇ ରାସ୍ତାଘାଟରେ ଅତିର୍କିତ ଚଢ଼ାଉ କଲେ ଏଭଳି ଭଡା ଆଦାୟ ଉପରେ ବ୍ରେକ୍ ଲାଗିପାରନ୍ତା ବୋଲି କେତେକ ଯାତ୍ରୀ ମତ ଦେଇଛନ୍ତି। (ତଥ୍ୟ)

ରାଜ୍ୟରେ ପଛୁଆ ବର୍ଗ କମିଶନ ଗଠନ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓବିସି ଫୋରମ୍



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ରାଜ୍ୟରେ ପଛୁଆ ବର୍ଗ କମିଶନ ନିଯୁକ୍ତି ଏବଂ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପ୍ରଦାନ ଦାବିକରି ମଙ୍ଗଳବାର ରାଜ୍ୟ ଓବିସି ଫୋରମ ଅଧ୍ୟକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ନିର୍ବାଚନ କମିଶନ ନିକଟରେ ୩୫ଟି ପୌରାଞ୍ଚଳ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ ଥିବା ସତ୍ତ୍ୱେ ରାଜ୍ୟର ପଛୁଆବର୍ଗ ପାଇଁ କୌଣସି ସଂରକ୍ଷଣ ଦିଆଯାଇ ନାହିଁ। ଫଳରେ ରାଜ୍ୟର ଅର୍ଦ୍ଧାଧିକ ଲୋକଙ୍କ ସାମ୍ବିଧାନିକ ଅଧିକାର କ୍ଷତିଗ୍ରସ୍ତ ହୋଇଛି। ତେଣୁ ତୁରନ୍ତ ଓବିସି ସଂରକ୍ଷଣ ଲାଗୁ କରିବା ପାଇଁ ସେ ଦାବି କରିଛନ୍ତି। ସେଇଭଳି ବିଗତ ଦୁଇ ବର୍ଷ ହେଲାଣି ରାଜ୍ୟରେ ପଛୁଆବର୍ଗ କମିଶନ ନାହିଁ। ନୂଆ କମିଶନ ନିଯୁକ୍ତି ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିବା ବେଳେ ସରକାର ତାରିଖ ପରେ ତାରିଖ ଗଡେଇ ଚାଲିଛନ୍ତି। ଫଳରେ ରାଜ୍ୟର ଓବିସି ବର୍ଗ ନିଜର ହକ୍ ଓ ଅଧିକାର ପାଇଁ କମିଶନଙ୍କ ପାଖକୁ ଯିବାର ରାସ୍ତା ବନ୍ଦ ହୋଇଯାଇଛି। ସେଇଭଳି ବିଜେଡି ସରକାର ସମୟରେ ୨୦୨୩ ମସିହାରେ ରଘୁନାଥ ବିଶ୍ୱାଳ କମିଶନ ଜରିଆରେ ଓବିସି ଜନଗଣନା କରାଯାଇଥିଲା। ସେତେବେଳେ ସରକାର ସେ ରିପୋର୍ଟ ପ୍ରକାଶ କଲେ ନାହିଁ। ତେଣୁ ତୁରନ୍ତ ରାଜ୍ୟରେ ଓବିସିମାନଙ୍କ ଅଧିକାର ସଂରକ୍ଷଣ ପାଇଁ ପଦକ୍ଷେପ ନେବା ସହ ଓବିସି କମିଶନ ନିଯୁକ୍ତି କରିବାକୁ ଓବିସି ଫୋରମ ଦାବି କରିଛି।

ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

# ତୃଣମୂଳସ୍ତରରେ କାମ କରିବାକୁ ଭକ୍ତଙ୍କ ପରାମର୍ଶ

ଭୁବନେଶ୍ୱର,୨୧।୭ (ସଂଚାର ବ୍ୟୁରୋ): ମଙ୍ଗଳବାର କଂଗ୍ରେସ ଭବନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ




ନେତା ଶିବାନନ୍ଦ ରାୟ, ବରିଷ୍ଠ ନେତା କିଶୋର ଜେନା, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ, ସନତ ଦାସ ଓ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ପିସିସି ସଭାପତି ତୃଣମୂଳସ୍ତରକୁ ଯାଇ ଲୋକଙ୍କ ସହ ମିଶି ସଂଗଠନ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ। କଂଗ୍ରେସର ସମୟ ଆସିଛି ଏବଂ ଏଭଳି ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଯଦି ଆମେ ଏକତ୍ରିତ ହୋଇ କାମ କରିବା ତେବେ ନିଶ୍ଚୟ କଂଗ୍ରେସ କ୍ଷମତାକୁ ପୁନର୍ବାର ଆସିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ମୁଁ ଦାୟିତ୍ୱ ନେଲାବେଳକୁ ଭୁବନେଶ୍ୱର ଜିଲ୍ଲା ସଂଗଠନର କୌଣସି ଚିହ୍ନବର୍ଣ୍ଣ ନଥିଲା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୨୨ ଜୁଲାଇ ୨୦୨୬, ଭୁବନେଶ୍ୱର

Wednesday 22 July 2026, Bhubaneswar

# ମଧ୍ୟପ୍ରାଚ୍ୟ ଅସ୍ଥିରତା, ସଙ୍କଟରେ ଅର୍ଥନୀତି



ମଧ୍ୟପ୍ରାଚ୍ୟରେ ପୁର୍ନଜୀବିତ ହୋଇଥିବା ଯୁଦ୍ଧର ଅସ୍ଥିରତା ବିଶ୍ୱ ଅର୍ଥନୀତିକୁ ନୂଆ ଚ୍ୟାଲେଞ୍ଜ ମଧ୍ୟକୁ ଠେଲି ଦେଇଛି। ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ, ହର୍ମୁଜ ପ୍ରଣାଳୀର ଅସୁରକ୍ଷା ଏବଂ ହୁଥି ଦ୍ୱାରା ରେଡ୍ ସି ଅଞ୍ଚଳରେ ଉତ୍ପନ୍ନ ହୋଇଥିବା ବ୍ୟାଘାତ କାରଣରୁ ଅଶୋଧିତ ତୈଳର ମୂଲ୍ୟ ପୁନଃ ବୃଦ୍ଧି ପାଇଛି। ଜୁଲାଇ ୨୦୨୬ରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୯୦ ଡଲାର ଉପରେ ପହଞ୍ଚିଥିବା ବେଳେ, ଏହାର ପ୍ରଭାବ ଭାରତ ସମେତ ବିଶ୍ୱର ଅନେକ ଦେଶର ଇନ୍ଧନ ମୂଲ୍ୟ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଭାରତ ୭୦ ପ୍ରତିଶତ ଇନ୍ଧନ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିବାରୁ ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସର୍ବାଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏପରିକି ଗତ ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧର ପ୍ରଭାବ ଫଳରେ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଇନ୍ଧନ ଗ୍ୟାସ ମୂଲ୍ୟ ବିଢ଼ିବା ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବି ନିୟନ୍ତ୍ରଣରେ ନାହିଁ।

ମଧ୍ୟପ୍ରାଚ୍ୟ ବିଶ୍ୱର ଅଧିକାଂଶ ତୈଳ ଉତ୍ପାଦନ କରେ ଏବଂ ହର୍ମୁଜ ପ୍ରଣାଳୀ ଦେଇ ପ୍ରାୟ ୨୦ ପ୍ରତିଶତ ବିଶ୍ୱ ତୈଳ ପରିବହନ ହୁଏ। ସମ୍ପ୍ରତି ଯୁଦ୍ଧର ପୁନଃ ଉତ୍ଥାନ ଏବଂ ଟ୍ୟାଙ୍କର ଆକ୍ରମଣ କାରଣରୁ ପରିବହନ ବ୍ୟାହତ ହୋଇଛି। ଫଳସ୍ୱରୂପ ବେଞ୍ଜିନ୍ ଏବଂ ଡିଜେଲ୍ ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ଳେଷକମାନେ କହୁଛନ୍ତି ଯେ ଯଦି ପରିସ୍ଥିତି ଆହୁରି ଖରାପ ହୁଏ ତେବେ ମୂଲ୍ୟ ୧୦୦-୧୧୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ଭାରତର ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ, କାରଣ ଭାରତ ତୈଳ ଆବଶ୍ୟକତାର ଏକ ସିଂହଭାଗ ଆମଦାନି କରେ। ପେଟ୍ରୋଲ ଏବଂ ଡିଜେଲ୍ ମୂଲ୍ୟରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ, ଯାହା ପରିବହନ, କୃଷି ଏବଂ ଉଦ୍ୟୋଗର ଖର୍ଚ୍ଚ ବଢ଼ାଇବ। ଐତିହାସିକ ଦୃଷ୍ଟିରୁ ଦେଖିଲେ, ମଧ୍ୟପ୍ରାଚ୍ୟର ଅସ୍ଥିରତା ସର୍ବଦା ତୈଳ ବଜାରକୁ ପ୍ରଭାବିତ କରିଛି। ୨୦୨୬ ମସିହାର ପ୍ରାରମ୍ଭରେ ଯୁଦ୍ଧ ଆରମ୍ଭ ହେବା ପରେ ମୂଲ୍ୟ ବଢ଼ିଥିଲା ଏବଂ ପୁନଃ ଏହି ପରିସ୍ଥିତି ଫେରି ଆସିଛି। ଭାରତରେ ପେଟ୍ରୋଲ ଏବଂ ଡିଜେଲ୍ ମୂଲ୍ୟ ଇଣ୍ଟରନ୍ୟାସନାଲ୍ କ୍ରୁଡ୍ ସହ ଜଡ଼ିତ ଥିବାରୁ ଏହାର ପ୍ରଭାବ ସମଗ୍ର ଅର୍ଥନୀତିରେ ପ୍ରସାରିତ ହେବ। ସାଧାରଣ ଜନତା ଉପରେ ମହଙ୍ଗାଇର ବୋଝ ବଢ଼ିବ, କାରଣ ପରିବହନ ଖର୍ଚ୍ଚ ବଢ଼ିଲେ ସମସ୍ତ ଜିନିଷର ମୂଲ୍ୟ ବଢ଼େ। କୃଷକମାନେ ଡିଜେଲ ମୂଲ୍ୟ ବଢ଼ିବାରୁ ଚାଷ ଖର୍ଚ୍ଚ ବଢ଼ାଇ ପାରିବେ ନାହିଁ, ଯାହା ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରିବ।

ସରକାରୀ ସ୍ତରରେ କିଛି ପଦକ୍ଷେପ ନିଆଯାଇପାରେ। ଭାରତ ତୈଳ ଭଣ୍ଡାର ପୂର୍ଣ୍ଣ କରିବା ଏବଂ ବିକଳ୍ପ ଉତ୍ସ (ଯେପରି ନବୀକରଣଯୋଗ୍ୟ ଶକ୍ତି) ପ୍ରତି ଅଧିକ ଧ୍ୟାନ ଦେବା ଉଚିତ। କର ହ୍ରାସ କରି ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ କରିବା ଆବଶ୍ୟକ। କିନ୍ତୁ ଦୀର୍ଘକାଳୀନ ସମାଧାନ ପାଇଁ ଆମେ ଆମଦାନି ଉପରେ ନିର୍ଭରଶୀଳତା କମାଇବାକୁ ପଡ଼ିବ। ଇଲେକ୍ଟ୍ରିକ ଯାନ, ସୌର ଶକ୍ତି ଏବଂ ହାଇଡ୍ରୋଜେନ ପରି ବିକଳ୍ପ ପ୍ରତି ବିନିଯୋଗ ବଢ଼ାଇବା ଦରକାର।

ଏହି ପରିସ୍ଥିତି ବିଶ୍ୱ ନେତୃତ୍ୱକୁ ମଧ୍ୟ ଚିନ୍ତାରେ ପକାଇଛି। ଶାନ୍ତି ଆଲୋଚନା ଏବଂ କୂଟନୀତିକ ପ୍ରୟାସ ମାଧ୍ୟମରେ ସଂଘର୍ଷ ସମାଧାନ କରିବା ଆବଶ୍ୟକ। ଯଦି ହର୍ମୁଜ ପ୍ରଣାଳୀ ଦୀର୍ଘକାଳ ପାଇଁ ବନ୍ଦ ରହେ ତେବେ ବିଶ୍ୱ ଅର୍ଥନୀତିରେ ମନ୍ଥରତା ଆସିପାରେ। ଭାରତ ପାଇଁ ଏହା ମୂଲ୍ୟସ୍ଫୀତି ଏବଂ ବୃଦ୍ଧି ହାର ହ୍ରାସର କାରଣ ହୋଇପାରେ।

କହିବାକୁ ହେଲେ, ମଧ୍ୟପ୍ରାଚ୍ୟର ଅସ୍ଥିରତା ଇନ୍ଧନ ମୂଲ୍ୟକୁ ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି। ସରକାର ଏବଂ ନାଗରିକ ଉଭୟଙ୍କୁ ସତର୍କ ରହିବାକୁ ପଡ଼ିବ। ସ୍ଥାୟୀ ସମାଧାନ ପାଇଁ ଶକ୍ତି ନିର୍ଭରଶୀଳତା କମାଇବା ଏବଂ ଶାନ୍ତି ପ୍ରତିଷ୍ଠା ଆବଶ୍ୟକ। ସାଧାରଣ ଜନତାର ଜୀବନଯାତ୍ରା ଉପରେ ଏହି ପ୍ରଭାବ କମ୍ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ।

# ସମସ୍ୟା ପାଇଁ ସମସ୍ୟା

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଦିନେ ଚାଟଶାଳୀ ଥିଲା ସଂସ୍କୃତ ଶିକ୍ଷା ଟୋଲ ଥିଲା, ଯାହା ଏବେ ବିଲୁପ୍ତ ହୋଇନାହିଁ ମଦରସା ଉର୍ଦ୍ଦୁ, ଆରବୀ, ପାର୍ଶୀ ପାଇଁ ଏବେ ବି ଶିକ୍ଷା ଦାନ କରୁଛନ୍ତି। ଯାହା ମୌଳିକ ଶିକ୍ଷା ଓ ସାକ୍ଷରତାର ପ୍ରଥମ ଭିତ୍ତି। ଦେଶରେ ଶିକ୍ଷା ଏକ ମନ୍ତ୍ରଣାଳୟ। ଯେ ଭାଗିଦାର ହୋଇ ଉନ୍ନତ ଶିକ୍ଷାନୀତି ପ୍ରଣୟନ ପାଇଁ ଅନେକ ଉନ୍ନତ ଶିକ୍ଷା ପ୍ରଣାଳୀ ବେଳକୁ ବେଳ ଲଗାଇବା ଜଣାଯାଉଛି ହେଲେ ମୌଳିକ ବର୍ଣ୍ଣମାଳା ପାଠକୁ କଣ ବଦଳାଇଛନ୍ତିକି? ଅକ୍ଷର ଗୁଡ଼ିକୁ ଶବ୍ଦରେ ଶବ୍ଦମାଳା ବାକ୍ୟରେ ଯାହା ଭାବ ପ୍ରକାଶ କରିଥାଏ ଏ ପାଇଁ ବ୍ୟାକରଣର କାନୁନ ଆବଶ୍ୟକ ପଡୁଛି, ଭାବର ପ୍ରକାଶରେ ସଙ୍ଗୀତ, ନୃତ୍ୟ ଶିଳ୍ପ ଚିକିତ୍ସା ଆଦି ପାଇଁ କିଛି ଲୌକିକ କଥିତ ଭାଷା, ଇଙ୍ଗିତ, ମୁଦ୍ରା ବି ଲାଗେ, କାବ୍ୟ କବିତା ପାଇଁ ରାଗ, ସଂସ୍କୃତ କାବ୍ୟ ପାଇଁ ଛନ୍ଦ, ଭାଷ୍ୟ ପାଇଁ ରହିଛି ଧାରା। ଏହାକୁ ମନୋଜ୍ଞ କରାଯାଇନପାରେ। ମା ସରସ୍ୱତୀ ତାଙ୍କର କଳା ଏକ ବିଶେଷ ଜଞ୍ଜିର ପ୍ରକ୍ରିୟାରେ ଏକରୁ ଅନେକ କରାଇ ଅନନ୍ତ ଅତୀତରୁ ଏବ ସମୟ ଦେଇ ପୁନଃ ଆଗାମୀ ଅନନ୍ତ ସମୟ ଯାଏଚାଲୁ ରଖିବେ। ଆଗ ଜନ୍ମାଙ୍କୁ ଯେଉଁ ବିଦ୍ୟାର କଳା ଦାନ କରିଥିବେ ତାହା ତାଙ୍କପର ସମୟରେ ଅନ୍ତତଃ ୨୦-୨୫ ବର୍ଷ ପର ବ୍ୟବଧାନରେ ଗୁରୁ ଶିଷ୍ୟ ପରମ୍ପରାରେ ସରସ୍ୱତୀଙ୍କ କଳାରବିକାଶ କ୍ରିୟା ଚାଲୁଛି। କିଛି ବିନ୍ଦୁ ବିକଶିତ ବା ସୂକ୍ଷ୍ମ ମଞ୍ଜିଟିଏ ଏକ ବିରାଟ ତରୁରେ ପରିଣତ ହେବାପରି ଏକ ବିଦ୍ୟା ଏପରି ବିଦ୍ୟା ତରୁ ହୋଇ ଏହାର ଗଣ୍ଡି, ଡାଳ, ପତ୍ର, ଫୁଲ, ଫଳ, ରସରେ ପରିଣତ ହେବା ବୁଝାପଡୁଛି। ଅ ଆ ବା ଏ ବି ବା ଅଲିଫରୁ ଆରମ୍ଭ କରିବା ପାଠର ବିଦ୍ୟାର୍ଥୀ ଗଣ ନିରନ୍ତର ଉଦ୍ୟମୀ ୨୦ବର୍ଷ ପରେ ପାଠ ଗଛର ଫଳ ଉପଭୋକ୍ତା ହୋଇ ଆସୁଛନ୍ତି। ପାଠ ଏକ ସ୍ରୋତସ୍ୱିନୀ ଧାରା ଏହାର ପାରିପାର୍ଶ୍ୱିକରେ ବନ୍ଧ ଅଛି ନଦୀ ବନ୍ଧକୁ ଜଳର ପ୍ରାବଲ୍ୟ କମିବା ସମୟରେ ଯଦି ବନ୍ଧରେ ମୂଷାଗର୍ତ୍ତ କରିବା ଜଣାପଡ଼େ ତାହା ମୂଳ ଚେଷ୍ଟାରେ ରୁଦ୍ଧ ନକରା ଗଲେ ଜଳପ୍ରାବଲ୍ୟରେ ଘଳିଆ ପଡ଼ି ଘାଇ ହୋଇ ଏକ ଶାଖା ନଦୀ ପୁଣି ହୋଇଯିବା ଓ ଏ ପାଇଁ ଅନେକ ଶସ୍ୟ କ୍ଷେତ୍ର, ଭୂମିବାସସ୍ଥାନ ହରାଇବାକୁ ପଡ଼େ।

କୌଣସି ବିଦ୍ୟାକୁ କେବେ ବିକୃତ କରିଲେ ଏପରି ହାନୀ ବିଦ୍ୟାର ଅଧିକାରୀ ଦିଅଁ ଗଡୁ ଗଡୁ ମର୍କଟ ବାନିବେ। ଏ ସମୟରେ କେହି ପୂର୍ଣ୍ଣାଙ୍ଗ ବିଦ୍ୱାନ ନୁହଁନ୍ତି, ଏକଏକ ବିଦ୍ୟାରେ ଖଞ୍ଜା ରହିଛନ୍ତି। ସେଥିରେ ପୁଣି ଅନେକ ଖଇଚାରେ ଅଛନ୍ତି। ଶିକ୍ଷା ସମାପ୍ତି ପ୍ରମାଣ ପତ୍ରଧାରୀ ଯେ ଦାୟିତ୍ୱ ଠିକ ତୁଲାଇ ପାରିବେ ଏ ପାଇଁ ପୁନଃ ପରୀକ୍ଷା, କର୍ମଯୋଗାଣକାରୀ ସଂସ୍ଥାମାନେ କରୁଛନ୍ତି। ସବୁଠି ଏବେ ଘଳିଆ, ଗଳାବାଟା ଧନୀ ହେବା ମୋହ ପ୍ରବଳ। ଲୋକେ ଚାହୁଁଛନ୍ତି ସ୍ୱର ଟା ନେତାଏ ସଭାରେ ବୟାନ କରୁଛନ୍ତି, ସେ ମେଢ଼ିଆରୁ ଏହା ଅନେକ ସମୟରେ କୁହାଯିବ ଦର୍ଶାଉଛନ୍ତି। କୌଣସି ନେତା ପ୍ରକାଶ୍ୟ ପ୍ରଚାର କରି କାମେରା ଆଗରେ ଗସ୍ତ ବିବରଣୀ ବା ଲୋକଙ୍କୁ ଦେଖାଇବା ଗସ୍ତ କରୁଛନ୍ତି, ନେତାଙ୍କ ଗସ୍ତର ଖର୍ଚ୍ଚା ଡୁବିଯାଉନାହିଁ ମାତ୍ର ଯେଉଁ ଦଲିଲ ଦସ୍ତଖତ କରି ଯୋଜନା ଚାଲୁ ହେଉଛି ସେଥିରେ ତ୍ରୁଟି ରିହଲେ ବା ଧାର୍ଯ୍ୟ କାର୍ଯ୍ୟ ଯଦି ଠିକ ରୂପରେ ନହେଲା ଏଥିରେ ହାନୀ ହେଲେ ସେ ଅପୂରଣୀୟ କ୍ଷତି ପ୍ରଜାଙ୍କର ପୁଣି ଦେଶର ହେଉଛି ଦଲିଲ ଦସ୍ତଖତ କରି କାର୍ଯ୍ୟଗ୍ରାହୀଙ୍କ ଏଥିରେ ଲଗା ନାହିକି ପଘା ନାହିଁ କମ୍ପାନୀକା ମାଲ ଦରିଆମେ ଡାଲ। ଏକ ସରକାର ସର୍ବୋଚ୍ଚ ପାଞ୍ଚ ବର୍ଷ ରହିବାବେଳେ ଯେଉଁ ଦୀର୍ଘ ମେୟାଦ ନିର୍ମାଣ ଯୋଜନା କରୁଛନ୍ତି ଯଦି ତାହା ସମ୍ପୂର୍ଣ୍ଣତାଙ୍କ ସମୟ ମଧ୍ୟରେ ନହେଉଛି ପରବର୍ତ୍ତୀ ଭିନ୍ନଦଳ ସରକାର ତହିଁକୁ ପୂର୍ଣ୍ଣାଙ୍ଗ ପାଇଁ ଅନେକ ବେଳେ ନକରି ତାର ଦୋଷ ବାହାର କରି ବା ଅର୍ଥ ଅଭାବ ଦର୍ଶାଇ ସେମିତି ଅପୂର୍ଣ୍ଣ ରଖି ଦେବା ଦେଖାଯାଉଛି। ଭୁବନେଶ୍ୱରରୁ କଟକ ମେଟ୍ରୋ ପ୍ରକଳ୍ପ ଏମିତି ପୂର୍ବସରକାର ଅନେକ ଆଗେଇ ବହୁ ତହବିଲ ଖର୍ଚ୍ଚା କଲେ ବି ଚଳିତ ସରକାର ତାକୁ ଚାହିଁଲେ ନାହିଁ। ଏଥିରେ ଯେଉଁ ହାନୀହେଲା ତାହାକଣ ରାଜ୍ୟର ପ୍ରଜାଙ୍କ ପାଇସା ନୁହେଁ? ରାଜନେତା ସିନା ବଦଳିଲେ କଣ ସଚ୍ଚିବାଳୟର ସଚିବ ମାନେ ହାନୀଲାଭ ତାଙ୍କୁ ଅବଗତ କରାଇ ପାରିଲେ ନାହିଁ। ଯୋଜନା ଆରମ୍ଭବେଳେ ସେହିମାନେ କାହିଁକି ଅର୍ଥ ଅଭାବ ହୋଇପାରେ ଦର୍ଶାଇ କାର୍ଯ୍ୟକୁ ମୂଳରୁ ବନ୍ଦ କଲେ ନାହିଁ। ପ୍ରଜାଙ୍କ ପଇସା କାହିଁକି ବର୍ବାଦ ହେଉଛି, କାହାର ଦୋଷ? ଏପରି ଶାସନ କଳରେ ମୂଳରୁ ଚୂଳ ଯାଏ କୌଣସି କାର୍ଯ୍ୟ କଲାବେଳେ ଆଗକୁ ପରିଣାମ କଳନା ନକରି ପୁଣି ଅଭିଜ୍ଞ, ଅନୁଭବୀଙ୍କ ପରାମର୍ଶ ନ ନେଇ କାମ ଆରମ୍ଭ କରି ପଛରେ ହାନୀ କରୁଛନ୍ତି।

ଠିକାଦାର ମାର୍ଫତ ସବୁକାର୍ଯ୍ୟ ସରକାର କରାଉଛନ୍ତି। ଟେଣ୍ଡର ଯୁକ୍ତି ଯୁକ୍ତ ମୂଲ୍ୟାୟନ କେମିତିକା କରାଯାଉଛି, କାର୍ଯ୍ୟ ପାଇଁ ସମୟ କେମିତିକା ଧାର୍ଯ୍ୟ ହେଉଛି ମଧ୍ୟରେ ଅର୍ଥ ବାଟମାରଣା ହେଲେ ଦେଖୁଛି କିଏ? ଏ ସବୁରେ ଢ଼ିଲୁମ ଢିଲା ଧନ, ବର୍ବାଦ କଣ ବିଜ୍ଞମାନେ ବୁଝିବା ହେଉ ନାହିଁ ଆମ ଭାଷାର ପୁସ୍ତକ ପ୍ରସ୍ତୁତି ପର୍ବ ପଦ୍ଧତିର ଢ଼ାଞ୍ଚା ବଦଳ କାହିଁକି କରାଗଲା। ତଦାରଖ ବିଭିନ୍ନ ପର୍ଯ୍ୟାୟରେ କାହିଁକି କରାଯାଇନାହିଁ ଏଥିରେ ଯେଉଁ ହାନୀ ହୋଇଛି ତାହା କେଉଁଠୁ ଭରିଣା ହେବ? ଆମ ଅସ୍ମିତା କେମିତି ରକ୍ଷା ହେବ ପାଠକେ ଚିନ୍ତା କରନ୍ତୁ।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**
**ମୋବାଇଲ୍:୯୪୩୭୧୦୩୧୨୫୩**

# ଗ୍ରାହାମ ଷ୍ଟେନ୍ସ ହତ୍ୟାକାଣ୍ଡ: ପୁଣି ଚର୍ଚ୍ଚାରେ ଦାରା ସିଂହ



ଅଖିଳ ତରାଇ



୧୯୯୯ ମସିହା ଜାନୁଆରୀ ୨୨ ତାରିଖ ରାତି ଭାରତର ଇତିହାସର ଏକ ଅତ୍ୟନ୍ତ ଦୁଃଖଦ ଓ ଲଜ୍ଜାଜନକ ଅଧ୍ୟାୟ ଭାବେ ଚିରସ୍ମରଣୀୟ। ସେହି ଶୀତୁଆ ରାତିରେ ଓଡ଼ିଶାର ବର୍ତ୍ତମାନର କେନ୍ଦୁଝର ଜିଲ୍ଲାର ମନୋହରପୁର ଗ୍ରାମରେ ଅଷ୍ଟ୍ରେଲୀୟ ଖ୍ରୀଷ୍ଟିଆନ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅ ଫିଲିପ୍ ଏବଂ ଟିମୋଥିଙ୍କୁ ଜୀବନ୍ତ ଜାଳିଦିଆଯାଇଥିଲା। ମାନବିକତାକୁ ସ୍ତବ୍ଧ କରିଦେଇଥିବା ଏହି ଘଟଣା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱକୁ ଆଲୋଡ଼ିତ କରିଥିଲା। ଏହି ମାମଲାର ପ୍ରମୁଖ ଦୋଷୀ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ ପ୍ରାୟ ୨୬ ବର୍ଷ କାରାଦଣ୍ଡ ଭୋଗିବା ପରେ ଏବେ ମୁକ୍ତିର ଦ୍ୱାରପ୍ରାନ୍ତରେ ପହଞ୍ଚିଛନ୍ତି। ଗିରଫ ବେଳକୁ ୩୭ ବର୍ଷ ବୟସର ହୋଇଥିବା ବେଳେ ଏବେ ସେ ବୃଦ୍ଧାବସ୍ଥାରେ ପହଞ୍ଚିଛନ୍ତି। ଓଡ଼ିଶା ରାଜ୍ୟ ସଜା ସମୀକ୍ଷା ବୋର୍ଡ ତାଙ୍କର "ଭଲ ଆଚରଣ" ଆଧାରରେ ଅକାଳ ମୁକ୍ତି ପାଇଁ ସୁପାରିଶ କରିଛି। ସରକାରୀ ଅନୁମୋଦନ ମିଳିଲେ ସେ ଜେଲରୁ ମୁକ୍ତ ହେବେ। ଏହି ସୁପାରିଶ ପୁଣିଥରେ ସେହି ନୃଶଂସ ଘଟଣାକୁ ଜନଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଛି।

ଗ୍ରାହାମ ଷ୍ଟେନ୍ସ ପ୍ରାୟ ତିନି ଦଶନ୍ଧି ଧରି ଓଡ଼ିଶାରେ କୁଷ୍ଠରୋଗୀମାନଙ୍କ ସେବା କରୁଥିଲେ। ୧୯୯୯ ଜାନୁଆରୀ ୨୨ ରାତିରେ ସେ ମନୋହରପୁରର ଏକ ଖ୍ରୀଷ୍ଟିଆନ ଶିବିରରେ ଯୋଗଦେଇ ନିଜ ଷ୍ଟେସନ ୱାଗନ ଭିତରେ ଦୁଇ ପୁଅ ଫିଲିପ୍ (୧୦ ବର୍ଷ) ଓ ଟିମୋଥି (୬ ବର୍ଷ) ସହ ଶୋଇଥିଲେ। ଅଭିଯୋଗ ଅନୁସାରେ, ଦାରା ସିଂହଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣଙ୍କ ଏକ ଉତ୍ତେଜିତ ଜନତା ଗାଡ଼ିକୁ ଘେରି ତାହାରେ ଜ୍ୱଳନଶୀଳ ପଦାର୍ଥ ଢାଳି ନିଆଁ ଲଗାଇଦେଇଥିଲେ। ଗାଡ଼ିର କବାଟ ବାହାରୁ ବନ୍ଦ କରାଯାଇଥିବାରୁ ତିନିଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଅଭିଯୁକ୍ତମାନେ "ଜୟ ବଜରଙ୍ଗ ବାଲି" ସ୍ଲୋଗାନ ଦେଇଥିବା କଥା ତଦନ୍ତରେ ଉଲ୍ଲେଖ ହୋଇଥିଲା।

ଏହି ହତ୍ୟାକାଣ୍ଡ ପରେ ଆନନ୍ଦପୁର ଥାନାରେ ମାମଲା ରୁଜୁ ହୋଇଥିଲା। ପ୍ରଥମେ ଓଡ଼ିଶା କ୍ରାଇମ ବ୍ରାଞ୍ଚ ତଦନ୍ତ କରିଥିଲେ ମଧ୍ୟ ପରେ ମାମଲାଟି ସିବିଆଇକୁ ହସ୍ତାନ୍ତର ହୋଇଥିଲା। ଦାରା ସିଂହ ପ୍ରାୟ ଏକ ବର୍ଷ ଫେରାର ରହିବା ପରେ ୩୧ ଜାନୁଆରୀ ୨୦୦୦ରେ ଗିରଫ ହୋଇଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ "ଅପରେସନ କନଫାଇନମେଣ୍ଟ" ଚଳାଇଥିଲା ଏବଂ ତାଙ୍କ ମୁଣ୍ଡ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇ ଥିଲା।୨୦୦୩ ମସିହାରେ ସିବିଆଇର ବିଶେଷ ଅଦାଲତ ଦାରା ସିଂହଙ୍କୁ ମୃତ୍ୟୁଦଣ୍ଡ ଏବଂ ଅନ୍ୟ ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। କିନ୍ତୁ ୨୦୦୫ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତାଙ୍କ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ଅଦାଲତ କହିଥିଲେ ଯେ, ଦାରା ସିଂହଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟ ହିଁ ମୃତ୍ୟୁର ସିଧାସଳଖ କାରଣ ବୋଲି ସନ୍ଦେହାତୀତ ଭାବେ ପ୍ରମାଣ କରାଯାଇନଥିଲା। ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ଏହି ରାୟକୁ ବଜାୟ ରଖିଥିଲେ ଏବଂ "ବିରଳରୁ ବିରଳତମ" ମାମଲାର ମାନଦଣ୍ଡ ପୂରଣ ହୋଇନଥିବାରୁ ମୃତ୍ୟୁଦଣ୍ଡ ପୁନଃବହାଲ କରିନଥିଲେ।

ଏହି ମାମଲାରେ ମୋଟ ୫୦ରୁ ଅଧିକ ଲୋକ ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଧିକାଂଶ ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ। ମହେନ୍ଦ୍ର ହେମ୍ବ୍ରମ ୨୦୨୫ରେ ୨୫ ବର୍ଷ ସଜା ଭୋଗିବା ପରେ "ଭଲ ଆଚରଣ" ଆଧାରରେ ମୁକ୍ତି ପାଇଥିଲେ। ଦାରା ସିଂହ ମୁକ୍ତ ହେଲେ ଏହି ବହୁଚର୍ଚ୍ଚିତ ମାମଲାରେ ଦଣ୍ଡିତ କୌଣସି ବ୍ୟକ୍ତି ଆଉ କାରାଗାରରେ ରହିବେ ନାହିଁ। ଘଟଣାର ପ୍ରକୃତ କାରଣକୁ ନେଇ ସେତେବେଳେ ବିଭିନ୍ନ ମତ ସାମ୍ନାକୁ ଆସିଥିଲା। କେତେକ ଅଭିଯୁକ୍ତ ଗ୍ରାହାମ ଷ୍ଟେନ୍ସଙ୍କ ବିରୋଧରେ ବଳପୂର୍ବକ ଧର୍ମାନ୍ତରଣର ଅଭିଯୋଗ ଆଣିଥିଲେ। କିନ୍ତୁ ନ୍ୟାୟମୂର୍ତ୍ତି ଡି. ପି. ୱାଧୱାଙ୍କ ନେତୃତ୍ୱାଧୀନ ତଦନ୍ତ କମିଶନ ସେପରି କୌଣସି ବିଶ୍ୱସନୀୟ ପ୍ରମାଣ ପାଇନଥିଲେ। କମିଶନ ସ୍ପଷ୍ଟ କରିଥିଲେ ଯେ ଷ୍ଟେନ୍ସ କୁଷ୍ଠରୋଗୀଙ୍କ ସେବାରେ ନିୟୋଜିତ ଥିଲେ ଏବଂ ବଳପୂର୍ବକ ଧର୍ମାନ୍ତରଣର ଅଭିଯୋଗ ସାବ୍ୟସ୍ତ ହୋଇନଥିଲା। ଅନ୍ୟପକ୍ଷରେ, ଜାତୀୟ ସଂଖ୍ୟାଲଘୁ କମିଶନ କିଛି ଭିନ୍ନ ମତ ରଖି ଆକ୍ରମଣକାରୀଙ୍କ ସଂଗଠନଗତ ସମ୍ପର୍କ ନେଇ ପ୍ରଶ୍ନ ଉଠାଇଥିଲା। ଏହି ବିବାଦ ଆଜି ମଧ୍ୟ ଇତିହାସର ଏକ ଆଲୋଚିତ ଅଧ୍ୟାୟ।

୨୦୨୪ରେ ଦାରା ସିଂହ ସୁପ୍ରିମକୋର୍ଟରେ ଦାଖଲ କରିଥିବା ଆବେଦନରେ କହିଥିଲେ ଯେ ସେ ନିଜ କାର୍ଯ୍ୟ ପାଇଁ ଅନୁତପ୍ତ ଏବଂ ଯୁବାବସ୍ଥାର ଆବେଗରେ ଏହି ଅପରାଧ ଘଟିଥିଲା। ଦୀର୍ଘ ୨୬ ବର୍ଷର କାରାବାସ ପରେ ତାଙ୍କ ମୁକ୍ତି ପ୍ରସଙ୍ଗ ପୁଣି ଏକ ପୁରୁଣା ପ୍ରଶ୍ନକୁ ସାମ୍ନାକୁ ଆଣିଛି— ଆଜୀବନ କାରାଦଣ୍ଡର ଉଦ୍ଦେଶ୍ୟ କେବଳ ଦଣ୍ଡ ନା ଅପରାଧୀର ସଂଶୋଧନ ମଧ୍ୟ? ଆଇନ କହେ, ଆଜୀବନ କାରାଦଣ୍ଡପ୍ରାପ୍ତ ବନ୍ଦୀ ନିର୍ଦ୍ଧାରିତ ସମୟ ଜେଲରେ କାଟିବା ପରେ ଭଲ ଆଚରଣ, ପୁନର୍ବାସନର ସମ୍ଭାବନା ଏବଂ ପ୍ରଶାସନିକ ରିପୋର୍ଟ ଆଧାରରେ ଅକାଳ ମୁକ୍ତି ପାଇପାରନ୍ତି। ଦାରା ସିଂହଙ୍କ ମାମଲା ମଧ୍ୟ ସେହି ଆଇନଗତ ପ୍ରକ୍ରିୟାର ଅଂଶ। କିନ୍ତୁ ଆଇନଗତ ମୁକ୍ତି ଓ ନୈତିକ ବିଚାର ସବୁବେଳେ ଏକ ନୁହେଁ। ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନିର୍ଦ୍ଦୋଷ ଶିଶୁଙ୍କ ମୃତ୍ୟୁ ଯେଉଁ ଘା' ସୃଷ୍ଟି କରିଥିଲା, ତାହା ସମୟ ସହ ମ୍ଳାନ ହୋଇପାରେ, କିନ୍ତୁ କେବେ ବି ଲୋପ ପାଇବ ନାହିଁ।

ଦାରା ସିଂହଙ୍କ ସଂଗଠନଗତ ପୃଷ୍ଠଭୂମି ମଧ୍ୟ ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ସିଂହଙ୍କ ମୂଳ ବାସଭବନ ଉତ୍ତରପ୍ରଦେଶର ଏଟାୱା ଜିଲ୍ଲାର କାକୋର ଗ୍ରାମ। ବିଭିନ୍ନ ତଦନ୍ତ ଦଲିଲ, ଅଦାଲତରେ ଉପସ୍ଥାପିତ ସରକାରୀ ମତ ଏବଂ ଉପଲବ୍ଧ ସାର୍ବଜନିକ ରେକର୍ଡ ଅନୁଯାୟୀ, ଦାରା ସିଂହ ଭାରତୀୟ ଜନତା ପାର୍ଟି (ବିଜେପି) ସହ ଜଡ଼ିତ ଥିଲେ ଏବଂ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି)ର କାର୍ଯ୍ୟକର୍ତ୍ତା ଭାବେ ମଧ୍ୟ ସକ୍ରିୟ ଥିବା ଉଲ୍ଲେଖ ମିଳେ। ପୁଲିସ ତଦନ୍ତରେ ସେ ଭିଏଚପି ଓ ବଜରଙ୍ଗ ଦଳ ସମର୍ଥିତ 'ଗୋ ସୁରକ୍ଷା ସମିତି' ସହ ସଂପୃକ୍ତ ଥିବା କଥା କୁହାଯାଇଥିଲା। ସେ ୧୯୯୮ ନିର୍ବାଚନରେ ବିଜେପି ପାଇଁ ପ୍ରଚାର କରିଥିବା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ଶିବିର ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମ୍ପର୍କରେ ମଧ୍ୟ ବିଭିନ୍ନ ରେକର୍ଡରେ ଉଲ୍ଲେଖ ରହିଛି। ତେବେ, ନ୍ୟାୟମୂର୍ତ୍ତି ଡି. ପି. ୱାଧୱାଙ୍କ ତଦନ୍ତ କମିଶନ ବଜରଙ୍ଗ ଦଳକୁ ଏହି ହତ୍ୟାକାଣ୍ଡର ଯୋଜନା କିମ୍ବା କାର୍ଯ୍ୟାନ୍ୱୟନ ସହ ସିଧାସଳଖ ଭାବେ ସଂପୃକ୍ତ ବୋଲି ପ୍ରମାଣ ପାଇନଥିଲେ। ଅନ୍ୟପକ୍ଷରେ ଜାତୀୟ ସଂଖ୍ୟାଲଘୁ କମିଶନ ଏହି ମତ ସହ ଅସହମତି ପ୍ରକାଶ କରି କିଛି ଭିନ୍ନ ପର୍ଯ୍ୟବେକ୍ଷଣ ରଖିଥିଲା।

ଅନ୍ୟପଟେ ରାଜନୈତିକ ସ୍ତରରେ ମଧ୍ୟ ତାଙ୍କ ମୁକ୍ତି ପାଇଁ ଦାବି ଉଠିଥିଲା। ବିଶେଷ କରି ସୁଦର୍ଶନ ନ୍ୟୁଜର ସମ୍ପାଦକ ସୁରେଶ ଚଭାଙ୍କେ ଦାରା ସିଂହଙ୍କୁ ଜେଲ୍‌ରେ ଭେଟିବାକୁ ଚେଷ୍ଟା କରି ବିଫଳ ହେବା ପରେ ଏକ ବଡ଼ ଅଭିଯାନ ଆରମ୍ଭ କରିଥିଲେ। ସେହି ସମୟରେ କେନ୍ଦୁଝରର ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଦାବିକୁ ସମର୍ଥନ କରି ସେହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଏହି ଘଟଣା ଆମକୁ ସ୍ମରଣ କରାଏ ଯେ ଧର୍ମ, ଜାତି କିମ୍ବା ମତଭେଦର ନାଁରେ ହିଂସା କେବେ ବି ସମାଧାନ ନୁହେଁ। ଗଣତାନ୍ତ୍ରିକ ଦେଶରେ ଅସହମତିର ଉତ୍ତର ହେଉଛି ଆଇନ ଓ ସଂଳାପ, ଅଗ୍ନି ଓ ହତ୍ୟା ନୁହେଁ। ଦାରା ସିଂହଙ୍କ ସମ୍ଭାବ୍ୟ ମୁକ୍ତି ଆଇନର ପ୍ରକ୍ରିୟାର ଏକ ଅଂଶ ହୋଇପାରେ, କିନ୍ତୁ ମନୋହରପୁରର ସେହି ରାତି ଭାରତକୁ ସଦା ସ୍ମରଣ କରାଇବ ଯେ ମାନବିକତାଠାରୁ ବଡ଼ କୌଣସି ଧର୍ମ, କୌଣସି ଚିନ୍ତାଧାରା ଏବଂ କୌଣସି ଆଦର୍ଶ ହୋଇପାରେ ନାହିଁ।

**ଗଞ୍ଜାମ, ମୋବାଇଲ୍:୭୭୮୭୦୦୧୦୦୧**

# ଆବ୍ରାହାମ୍ ଆକର୍ଡ଼(ଚୁକ୍ତି)ର ଭବିଷ୍ୟ

ଡା. ରାଜକିଶୋର ପଣ୍ଡା



ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଗୋଟିଏ ନାମ ବାରମ୍ବାର ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ଗୁରୁତ୍ୱ ପାଇଥିଲା। ଏହି ନାମଟି ହେଉଛି "ଆବ୍ରାହାମ୍ ଆକର୍ଡ଼"। ଏହି ଆକର୍ଡ଼ ଶବ୍ଦର ଅର୍ଥ ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁଯାୟୀ ହେଉଛି ଅନୁମତି ବା ସମ୍ମତି। ବିଶ୍ୱରାଜନୀତି ପରିପ୍ରେକ୍ଷୀରେ ଆମେ ଏହାକୁ ଆବ୍ରାହାମ୍ ଚୁକ୍ତି ବୋଲି ମଧ୍ୟ କହି ପାରିବା। ତେବେ କ'ଣ ଏହି ଆବ୍ରାହାମ୍ ଚୁକ୍ତି ଓ କେଉଁ କାରଣବଶତଃ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଆମେ ବର୍ତ୍ତମାନ ଜାଣିବା।

ଆବ୍ରାହାମ୍ ଆକର୍ଡ଼ ସଂକ୍ଷେପରେ ହେଉଛି ଏକ ଧାରାବାହିକ ଚୁକ୍ତି ସମୂହ ଯାହାକି ଆମେରିକା ମଧ୍ୟସ୍ଥତାରେ, ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ଇସ୍ରାଏଲ ଓ କିଛି ଆରବ ରାଷ୍ଟ୍ର ମଧ୍ୟରେ। ଏହି ଚୁକ୍ତିର ପ୍ରାଥମିକ ଲକ୍ଷ୍ୟ ଥିଲା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାଦ୍ୱାରା ସେଠାରେ କୂଟନୈତିକ ସମ୍ପର୍କ ଏକ ଐତିହାସିକ ମୋଡ଼ ନେଇଥିଲା। ଚୁକ୍ତିର ନାମକରଣଟି ଆବ୍ରାହାମ୍‌ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହାମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ। ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା। ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଅନ୍ୟ ରାଷ୍ଟ୍ରମାନେ ଯେଉଁମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ। ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହାମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି।

ଆବ୍ରାହାମ୍ ଆକର୍ଡ଼ର ଉଦ୍ଦେଶ୍ୟ ଏହା ଯେ ଆରବ ରାଷ୍ଟ୍ରମାନେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ୍ ଦେଶ ପ୍ରସଙ୍ଗରୁ ନିଜକୁ ଦୂରରେ ରଖନ୍ତୁ। ଇସ୍ରାଏଲ, ୟୁଏଇ ଓ ବାହାରିନ୍ ମଧ୍ୟରେ ଏକ ପରିପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ମଧ୍ୟ ଏହି ଚୁକ୍ତିର ଲକ୍ଷ୍ୟ। ଏହି ଚୁକ୍ତିକୁ ସମର୍ଥନ କରିବା ଦ୍ୱାରା ୟୁଏଇ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି।

ଏହି ଚୁକ୍ତି ବିଷୟରେ ପ୍ରଥମେ ଅଗଷ୍ଟ ୨୦୨୦ରେ ଘୋଷଣା କରାଯାଇଥିଲା ଓ ସେପ୍ଟେମ୍ବର ପନ୍ଦର ୨୦୨୦ରେ ୱାଶିଂଟନ୍‌ଠାରେ ଏହା ସ୍ୱାକ୍ଷରିତ ବା ଚୂଡ଼ାନ୍ତ ହୋଇଥିଲା। ଜୁଲାଇ ୨୦୨୫ରେ ଦ୍ୱିତୀୟ ଟ୍ରମ୍ପ ପ୍ରଶାସନ ସିରିଆ, ଲେବାନନ୍ ଓ ସାଉଦି ଆରବକୁ ଏହି ଚୁକ୍ତିରେ ମିଶାଇବା ପାଇଁ ଉଦ୍ୟମ କରିଥିଲେ। ସେହିପରି ଡିସେମ୍ବର ୨୦୨୫ରେ ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ, ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶର ମାନ୍ୟତା ଦେବା ପରେ, ସେ ମଧ୍ୟ ଏହି ଚୁକ୍ତିରେ ମିଶିବା ପାଇଁ ନିଷ୍ପତ୍ତି ନେଇଛି।

ଏବେ ଦେଖିବା ଯେ ଆବ୍ରାହାମ୍ ଆକର୍ଡ଼ ସ୍ୱାକ୍ଷରିତ ହେବାପରେ ଦ୍ୱିପାକ୍ଷିକ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପରିବର୍ତ୍ତନମାନ ଆସିଛି। ଉପରୋକ୍ତ ଚୁକ୍ତି ପରେ, ୨୦୨୧ ମସିହାରେ ଇସ୍ରାଏଲ, ୟୁଏଇର ଆବୁଧାବିରେ ଦୂତାବାସ ଖୋଲିବା ସହିତ ୟୁଏଇ ମଧ୍ୟ ତେଲ ଅଭିଭରେ ଦୂତାବାସ ଖୋଲିଛି। ଇସ୍ରାଏଲ ଓ ୟୁଏଇ ମଧ୍ୟରେ ବାଣିଜ୍ୟ କାରବାର ୯୦୦ ମିଲିଅନ ଡଲାରକୁ ଛୁଇଁ ଅଛି। ପର୍ଯ୍ୟଟନ କ୍ଷେତ୍ରକୁ ଦେଖିଲେ, ଦୁଇରାଷ୍ଟ୍ର ମଧ୍ୟରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାଦ୍ୱାରା ପ୍ରଥମ ମାସରେ ହିଁ କେବଳ ସତୁରୀ ହଜାର ଇସ୍ରାଏଲ୍ ପର୍ଯ୍ୟଟକ, ୟୁଏଇ ଭ୍ରମଣ କରିଛନ୍ତି। ଅନେକ ଇସ୍ରାଏଲୀ ଯୁବକମାନଙ୍କ ପାଇଁ ୟୁଏଇ ନିଯୁକ୍ତିର ଦେଶ ମଧ୍ୟ ପାଲଟିଛି। ୟୁଏଇ ଓ ବାହାରିନକୁ ମିଠାଜଳ ଯୋଗାଇବା ପାଇଁ ମଧ୍ୟ ଇସ୍ରାଏଲ ଚୁକ୍ତିବଦ୍ଧ ହୋଇଛି। ଏହି ଚୁକ୍ତିଦ୍ୱାରା ଭାରତ ମଧ୍ୟ ଅନେକାଂଶରେ ଲାଭବାନ୍ ହେଉଅଛି। ଆବ୍ରାହାମ୍ ଆକର୍ଡ଼ ଦ୍ୱାରା ଭାରତର ଉଭୟ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ସୁଧାର ଆସିଛି, ଯାହାକି ବାଟ କଢ଼ାଇ ନେଇଛି ଆଇ.ଟୁ.ୟୁ.ଟୁ (ଓ୨ଟ୨) ମଞ୍ଚକୁ। ଏହି ମଞ୍ଚକୁ ଆବ୍ରାହାମ୍ ଆକର୍ଡ଼ର ସନ୍ତାନ ଭାବରେ ବିବେଚନା କରାଯାଉଛି। ଏହି ମଞ୍ଚରେ ଚାରୋଟି ଦେଶ ଅଛନ୍ତି - ଭାରତ, ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ। ପ୍ରତ୍ୟେକଟି ଦେଶର ଇଂରାଜୀ ନାମ ଅନୁସାରେ ଉପରୋକ୍ତ ମଞ୍ଚର ନାମକରଣ ଏପରି କରାଯାଇଛି। ଏହାକୁ ପଶ୍ଚିମ ଏସିୟ କ୍ୱାଡ଼ (ଡରସ୍ୱବ୍ୱ ଇସ୍ୱସବଭ ଛଙ୍କବୟ) ବୋଲି ମଧ୍ୟ କୁହାଯାଉଛି। ଆଇଟୁୟୁଟୁ ମଞ୍ଚଦ୍ୱାରା ଛଅଗୋଟି କ୍ଷେତ୍ରରେ ମିଳିତ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଉତ୍ସାହିତ କରାଯାଉଛି। ଏହି କ୍ଷେତ୍ରଗୁଡ଼ିକ ହେଉଛନ୍ତି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବହନ, ମହାକାଶ ଗବେଷଣା, ଜଳ ଓ ଶକ୍ତି ସୁରକ୍ଷା। ଭାରତୀୟ ଛାତ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଯାଇପାରୁଛନ୍ତି ଓ ଏହାଦ୍ୱାରା ଦ୍ୱିପାକ୍ଷିକ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଉନ୍ନତି ଘଟୁଛି।



ନିବନ୍ଧର ଶେଷ ଭାଗରେ ଆମେ ଆଲୋଚନା କରିବା ଯେ ଆବ୍ରାହାମ୍ ଆକର୍ଡ଼ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ କେଉଁ ସବୁ ଅସୁବିଧା ରହୁଛି। ପ୍ରଥମ ହେଉଛି ପାଲେଷ୍ଟାଇନ୍ ପ୍ରସଙ୍ଗ। ଆମେରିକାର ଉଦ୍ଦେଶ୍ୟ ଏହି ଯେ, ଆରବ ରାଷ୍ଟ୍ରମାନେ, ଆବ୍ରାହାମ ଆକର୍ଡ଼କୁ ସ୍ୱୀକୃତି ଦିଅନ୍ତୁ ଓ ପାଲେଷ୍ଟାଇନ୍ ପ୍ରସଙ୍ଗରୁ ଦୂରରେ ରୁହନ୍ତୁ। ଏହାକୁ ୟୁଏଇ ସମର୍ଥନ କରୁଥିବାବେଳେ ବିରୋଧ କରୁଛନ୍ତି ସାଉଦି ଆରବ, ପାକିସ୍ତାନ ଭଳି ରାଷ୍ଟ୍ରମାନେ। ଏଠାରେ ଗୋଟିଏ ତଥ୍ୟ ଉଲ୍ଲେଖ କରିବାକୁ ଏ ଲେଖକ ଚାହୁଁଛି କି, ଦଶନ୍ଧି ଧରି ପାକିସ୍ତାନର ପାସପୋର୍ଟରେ ଗୋଟିଏ ସରଳ ଅଥଚ ଦୃଷ୍ଟି ଆକର୍ଷକ ନିର୍ଦ୍ଦେଶନାମା ରହିଛି। ଏହା ହେଉଛି, "ସମ୍ପୃକ୍ତ ପାସପୋର୍ଟ ଇସ୍ରାଏଲକୁ ଛାଡ଼ି ଆଉ ସମସ୍ତ ଦେଶ ପାଇଁ ବୈଧ। ପାକିସ୍ତାନର ଏକ ଦୀର୍ଘକାଳୀନ ବିଦେଶନୀତି ହେଉଛି ଇସ୍ରାଏଲ ରାଷ୍ଟ୍ରକୁ ମାନ୍ୟତା ନ ଦେବା। ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷକୁ ଏକ ଐତିହାସିକ ଅନ୍ୟାୟ ବୋଲି ପାକିସ୍ତାନ ସମେତ ସାଉଦି ଆରବ, ଓମାନ୍, କାତାର ଆଦି ମାନୁଛନ୍ତି। ଏଥିରେ ସାଉଦି ଆରବର ସ୍ୱର ସବୁଠାରୁ ଶାଣିତ।" ବିଗତ ଚାରିବର୍ଷ ହେଲାଣି ରିୟାଦ୍ ଦାବି କରି ଆସୁଛି କି, ପାଲେଷ୍ଟାଇନ୍ ରାଷ୍ଟ୍ର ବିଷୟକୁ ତ୍ୟାଗ କରି, କୌଣସି ବି ଶାନ୍ତି ଚୁକ୍ତି କେବେ ବି ଗ୍ରହଣୀୟ ନୁହେଁ। ଯୁବରାଜ ମହମ୍ମଦ୍ ବିନ୍ ସଲମାନଙ୍କର ଏହା ହିଁ ହେଉଛି ପ୍ରମୁଖ ବାର୍ତ୍ତା। ଯଦିଓ ଟ୍ରମ୍ପ ଯୁଦ୍ଧ ସମୟରେ ଏକ ପ୍ରସ୍ତାବ ଦେଇଥିଲେ କି, ପ୍ରଥମେ ଆରବ ରାଷ୍ଟ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ, ଏହାକୁ କିନ୍ତୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍‌ବାସ୍ ଆରଘାଚୀ ଘୋର ବିରୋଧ କରିଥିଲେ। ଦ୍ୱିତୀୟରେ ସାଂସ୍କୃତିକ ସଂଘର୍ଷ, ଯାହାକି ହେଉଛି ସିଆ ବନାମ ସୁନ୍ନି। ସାଉଦି ଆରବ ସୁନ୍ନି ବହୁଳ ହୋଇଥିବାବେଳେ ଇରାନ୍ ସିଆ ବହୁଳ। ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଅତି ପୁରାତନ। ତେଣୁ ଦୁଇଟି ରାଷ୍ଟ୍ର ଏକ ମିଳିତ ସହମତି ଭିତ୍ତିକ ରାଜିନାମାରେ ପହଞ୍ଚିବାର ସମ୍ଭାବନା ଅତ୍ୟନ୍ତ କମ୍। ତୃତୀୟରେ ବର୍ତ୍ତମାନ ସମୟରେ ଆମେରିକାକୁ ଛାଡ଼ିଦେଲେ ରୁଷିଆ ଓ ଚୀନ ମଧ୍ୟ ଇରାନ୍ ଇସ୍ରାଏଲ ପ୍ରସଙ୍ଗରେ ମୁଣ୍ଡ ଖେଳାଉଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଏହି ବହୁମୁଖୀତା ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଚତୁର୍ଥରେ ପୁଞ୍ଜି ପ୍ରସଙ୍ଗ। ଆବ୍ରାହାମ୍ ଆକର୍ଡ଼ ଅନୁସାରେ ଏକ ପୁଞ୍ଜି ବା ଫଣ୍ଡ ବ୍ୟବସ୍ଥା ଆମେରିକା ତରଫରୁ କରାଯାଇଥିଲା। ଏହାକୁ କୁହାଯାଉଥିଲା ଆବ୍ରାହାମ୍ ଫଣ୍ଡ। ଲକ୍ଷ୍ୟ ରଖାଯାଇଥିଲା କି ଏହି ଫଣ୍ଡ ଜରିଆରେ ପାଖାପାଖି ୩ ବିଲିଅନ ଡଲାର ଅର୍ଥ ସଂଗ୍ରହ କରାଯିବ ଓ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟରେ ଲଗାଯିବ। ଉପରୋକ୍ତ ବିଭିନ୍ନ କାରଣରୁ କିନ୍ତୁ ଆବ୍ରାହାମ୍ ଚୁକ୍ତି ସମ୍ପୂର୍ଣ୍ଣ ଭାବରେ ଫଳବତୀ ହୋଇପାରିଲା ନାହିଁ, ଆବ୍ରାହାମ୍ ଫଣ୍ଡର ଭବିଷ୍ୟତ ମଧ୍ୟ ଅନିଶ୍ଚିତତାର ଘେରରେ। ତେଣୁ ପରିଶେଷରେ ଯଦିଓ ଏହା ସ୍ପଷ୍ଟ ଯେ ଆବ୍ରାହାମ୍ ଆକର୍ଡ଼ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା କିନ୍ତୁ ନିର୍ଭର କରୁଛି, ଅନେକଗୁଡ଼ିଏ ଭୂରାଜନୈତିକ (ଏରକ୍ଟକ୍ସକ୍ସକ୍ଷସବ୍ୱସମବକ୍ଷ) ପ୍ରସଙ୍ଗ ଉପରେ, ଯାହା ମଧ୍ୟରୁ ଅନ୍ୟତମ ହେଉଛି ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା।

**ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ:୮୧୪୪୦୪୨୯୯୭**

## ପରିଣାମ ଲାଗି ପ୍ରସ୍ତୁତ ରହିବାକୁ ଦେଶବାସୀଙ୍କୁ ଆହ୍ୱାନ

# ପୂର୍ଣ୍ଣାଙ୍ଗ ଯୁଦ୍ଧ ଘୋଷଣା କଲା ଇରାନ୍



### ଏବେ ଯୁଦ୍ଧ କେବଳ ଏକମାତ୍ର ବାସ୍ତବତା:ପେଜେଶକିଆନ୍

ତେହରାନ, ୨୧।୭: ଇରାନ ଓ ଆମେରିକା ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଏବେ ବଡ଼ ଧରଣର ସାମରିକ ସଂଘର୍ଷରେ ପରିଣତ ହୋଇଛି। ମଙ୍ଗଳବାର ସକାଳେ ଇରାନ ସେନା କୁଏତରେ ଥିବା ଆମେରିକୀୟ ସାମରିକ ଘାଟି 'କ୍ୟାମ୍ପ ଆରିଫଜାନ' ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ ଏବେ ଆମେରିକା ବିରୋଧରେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ସାମିଲ ହୋଇଛି ବୋଲି ଏହି ଆକ୍ରମଣ ପରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି। ଦେଶବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ପଛକୁ ହଟିବାର ପଥ ଏବେ ବନ୍ଦ ହୋଇଯାଇଛି। ଯୁଦ୍ଧ ଆରମ୍ଭ ହୋଇଥିବା କଠୋର ବାସ୍ତବତାକୁ ଆମକୁ ଗ୍ରହଣ କରିବାକୁ ପଡିବ ଏବଂ ଯେକୌଣସି ପରିଣାମ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ।

ଇରାନର ସରକାରୀ ଖବର ସଂସ୍ଥା ଇର୍ନା ଅନୁଯାୟୀ, ତେହରାନର ସ୍ଥଳସେନା ଦକ୍ଷିଣ କୁଏତରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣ କରିବା ସହିତ ଆମେରିକାର ଘାତକ କ୍ଷେପଣାସ୍ତ୍ର ପ୍ରଣାଳୀ 'ହିମାର୍ସ'କୁ ଟାର୍ଗେଟ କରିଛି। ଇରାନ କହିଛି ଯେ, ଏହି ଆକ୍ରମଣ ଶତ୍ରୁର କ୍ଷେପଣାସ୍ତ୍ର କ୍ଷମତାକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି। କ୍ୟାମ୍ପ ଆରିଫଜାନ ହେଉଛି ଆମେରିକା ବାୟୁସେନା, ନୌସେନା ଏବଂ ମାରିନ୍ କର୍ପସର ଏକ ପ୍ରମୁଖ ରଣନୈତିକ ଘାଟି। ଆକ୍ରମଣ ପରେ କୁଏତ ଆକ୍ରମଣକୁ ଦୃଢ଼ ନିନ୍ଦା କରି ନିଜର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସଜାଗ ରଖିଛି।

ଏହି ସାମରିକ କାର୍ଯ୍ୟାନୁଷ୍ଠାନର ଜବାବରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ କୌଣସି ଆମେରିକୀୟ ସୈନିକଙ୍କୁ କ୍ଷତି ପହଞ୍ଚାଏ, ତେବେ ତାହାର ପରିଣାମ ଭୋଗିବାକୁ ପଡିବ। ତେହରାନ ଉପରେ ଚାପ ପକାଇବା ପାଇଁ ଟ୍ରମ୍ପ ଇରାନର ବିଦ୍ୟୁତ୍ କେନ୍ଦ୍ର ଓ ସେତୁଗୁଡ଼ିକୁ ଟାର୍ଗେଟ କରିବାକୁ ଧମକ ଦେଇଛନ୍ତି।

## ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ

ୱାଶିଂଟନ, ୨୧।୭: ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଅତି ଭୟଙ୍କର ମୋଡ଼ ନେଇଛି। ମଙ୍ଗଳବାର ପ୍ରତ୍ୟୁଷରେ ଇରାନ ସେନା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ 'ହର୍ମୁଜ ପ୍ରଣାଳୀ'ରେ ଏକ ବ୍ୟବସାୟିକ ତେଲ ଟ୍ୟାଙ୍କର ଉପରେ ଆକ୍ରମଣ କରିଛି, ଯାହାଫଳରେ ଟ୍ୟାଙ୍କରରେ ଥିବା ନାବିକମାନେ ଜାହାଜ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ। ଏହାର ଜବାବରେ ଆମେରିକା ମଧ୍ୟ ଇରାନ ଉପରେ ପୁନର୍ବାର ବିମାନ ଆକ୍ରମଣ କରିଛି। ଗତ ୧୦ ଦିନ ଧରି ଆମେରିକାର ଲଗାତାର ବୋମାବର୍ଷା ସତ୍ତ୍ୱେ ଇରାନ ଏହି ପ୍ରଣାଳୀ ଉପରୁ ନିଜର ନିୟନ୍ତ୍ରଣ ହଟାଇବାକୁ ପ୍ରସ୍ତୁତ ନୁହେଁ। ସୁରକ୍ଷା ପରିସ୍ଥିତି ବିଗିଡ଼ିବା ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ହେଉଥିବା ଜାହାଜ ଚଳାଚଳ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଏହି ବାଟ ଦେଇ ଯାଉଥିବାରୁ, ଏହି ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ହୁ ହୁ ହୋଇ ବୃଦ୍ଧି ପାଉଛି।

# ସୋନମ୍ ୱାଙ୍ଗଚୁକଙ୍କୁ ମେଦାନ୍ତକୁ ସ୍ଥାନାନ୍ତର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୧।୭: ପରିବେଶବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକଙ୍କୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଜନ୍ତରମନ୍ତରରେ ଦୀର୍ଘଦିନର ଅନଶନ ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୱାଙ୍ଗଚୁକଙ୍କୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ଏକ ବିଶେଷଜ୍ଞ ଡାକ୍ତରୀ ଟିମଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିବ। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଜେ. ଆଙ୍ଗମୋ ଦିଲ୍ଲୀ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବା ଦର୍ଶାଇ ସରକାରୀ ହସ୍ପିଟାଲରୁ ବେସରକାରୀ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ଶୁଣାଣି ସମୟରେ ହାଇକୋର୍ଟଙ୍କ ବେଞ୍ଚ କହିଛନ୍ତି ଯେ ସଫଦରଜଙ୍ଗ ହସ୍ପିଟାଲର ସମସ୍ତ ଚିକିତ୍ସା ରିପୋର୍ଟ ଓ ତଥ୍ୟ ମେଦାନ୍ତ ହସ୍ପିଟାଲକୁ ହସ୍ତାନ୍ତର କରାଯିବ।

ମେଦାନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ପ୍ୟାନେଲ ଗଠନ କରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ସ୍ଥାନାନ୍ତର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ। ତେବେ ଡାକ୍ତରଙ୍କ ବିନା ପରାମର୍ଶରେ ତାଙ୍କୁ ଯେପରି ଡିସଚାର୍ଜ ନକରାଯାଏ, ସେଥିପ୍ରତି ଧ୍ୟାନ ଦେବାକୁ ସେ ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

## କନିଷ୍କ ନାରାୟଣ ବ୍ରିଟେନ୍‌ର ପ୍ରଥମ ଏଆଇ ମନ୍ତ୍ରୀ



ଲଣ୍ଡନ, ୨୧।୭: ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ୍ ପ୍ରବାସୀ ଭାରତୀୟ କନିଷ୍କ ନାରାୟଣଙ୍କୁ ଦେଶର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମନ୍ତ୍ରୀ ଭାବେ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ୱେଲ୍‌ସ ଅଞ୍ଚଳରୁ ଲେବର ପାର୍ଟିର ସଦସ୍ୟ ଶ୍ରୀ ନାରାୟଣ ପ୍ରଯୁକ୍ତି କ୍ଷେତ୍ରରେ ବ୍ରିଟେନର ସ୍ଥିତିକୁ ମଜଭୁତ କରିବା ଦିଗରେ କାମ କରିବେ। ବିହାରର ମୁଜାଫରପୁରରେ ଜନ୍ମଗ୍ରହଣ କରିଥିବା ନାରାୟଣଙ୍କ ବାଲ୍ୟ ଜୀବନ ବିହାରରେ କଟିଥିଲା। ତା'ପରେ ସେ ଦିଲ୍ଲୀ ଯାଇଥିଲେ ଓ ସେଠାରୁ ୧୨ ବର୍ଷ ବୟସ ହୋଇଥିବା ବେଳେ କାର୍ଡିଫ୍ ଚାଲିଯାଇଥିଲେ। ସେଠାରେ ରହଣୀ ପରେ ସେ ଉଭୟ ସରକାର ଓ ଘରୋଇ କ୍ଷେତ୍ରରେ କାମ କରିଥିଲେ। ରାଜନୀତିରେ ପ୍ରବେଶ କରି ସେ ୨୦୨୪ରେ ସଂସଦକୁ ନିର୍ବାଚିତ ହୋଇଥିଲେ। ନିକଟରେ ସେ ବ୍ରିଟେନ ଅନଲାଇନ ସୁରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

## ମେଧାବୀ ଛାତ୍ରୀଙ୍କୁ ସ୍କୁଟି ଦେବେ ଯୋଗୀ ସରକାର



ଲକ୍ଷ୍ନୌ, ୨୧।୭: ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଣୀ ଲକ୍ଷ୍ମୀବାଇ ସ୍କୁଟି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏବଂ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସମସ୍ତ କଲେଜରେ ଶ୍ରେଷ୍ଠ ୫ ପ୍ରତିଶତ ଛାତ୍ରୀଙ୍କୁ ମାଗଣା ପେଟ୍ରୋଲ ସ୍କୁଟର ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉଚ୍ଚଶିକ୍ଷା ପାଇଁ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କର ଗମନାଗମନ ସୁବିଧାକୁ ସହଜ କରିବା। ବିଶେଷ କରି ସେହି ଛାତ୍ରୀମାନେ ଯେଉଁମାନେ ଦୂରଦୂରାନ୍ତ ଅଞ୍ଚଳରୁ ପଢ଼ିବାକୁ ଆସୁଛନ୍ତି, ଏହି ସ୍କୁଟି ସେମାନଙ୍କ ପାଇଁ ବହୁତ ସହାୟକ ହେବ। ଏହା ଦ୍ୱାରା ଛାତ୍ରୀମାନେ ସ୍ୱାବଲମ୍ବୀ ହେବା ସହ ସେମାନଙ୍କ ଶିକ୍ଷା କ୍ଷେତ୍ରରେ କୌଣସି ବାଧା ଉପୁଜିବ ନାହିଁ। ରାଣୀ ଲକ୍ଷ୍ମୀବାଇ ସ୍କୁଟି ଯୋଜନା ବ୍ୟତୀତ କ୍ୟାବିନେଟରେ ଅନ୍ୟ ୧୫ଟି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ଯୋଜନା ସେହିମାନଙ୍କ ପାଇଁ ଯେଉଁ ପରିବାରର ବାର୍ଷିକ ଆୟ ୧୨ ଲକ୍ଷ ଟଙ୍କା ଥିବା । ତେବେ ମେଧାବୀ ଛାତ୍ରୀମାନଙ୍କୁ ସରକାର ସ୍କୁଟର ଯୋଗାଇବା ସହ ସେମାନଙ୍କୁ ୫ ଲିଟର ପେଟ୍ରୋଲ ଏବଂ ଗୋଟିଏ ହେଲମେଟ୍ ମଧ୍ୟ ପ୍ରଦାନ କରିବେ।

### ୪ ଭାରତୀୟଙ୍କ ମୃତ୍ୟୁ ମାମଲା

## ରୁଷର ଚାର୍ଜ ଡି'ଆଫେୟର୍ସଙ୍କୁ ସମନ

ନୂଆଦିଲ୍ଲୀ, ୨୧।୭: ୟୁକ୍ରେନ ଉପକୂଳରେ ଗିନି-ବିସାଉ ପତାକାଧାରୀ ଏକ ବାଣିଜ୍ୟିକ ଜାହାଜ ଉପରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ଚାରି ଜଣ ଭାରତୀୟ ନାଗରିକଙ୍କ ସମେତ ଦଶ ଜଣଙ୍କର ମୃତ୍ୟୁ ହୋଇଛି। ଭାରତ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ସଂଘର୍ଷ ସମୟରେ ବାଣିଜ୍ୟିକ ଜାହାଜର ସୁରକ୍ଷା ପାଇଁ ଆହ୍ୱାନକୁ ଦୋହରାଇଛି। ଜାହାଜ ଉପରେ ହୋଇଥିବା ଆକ୍ରମଣ ପରେ ଭାରତ ମଙ୍ଗଳବାର ରୁଷର ଚାର୍ଜ ଡି'ଆଫେୟର୍ସଙ୍କୁ ସମନ ଜାରି କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ୧୯ ଜୁଲାଇ ସନ୍ଧ୍ୟାରେ ଓଡେସା ବନ୍ଦରରୁ ପ୍ରସ୍ଥାନ କରିବା ସମୟରେ ବାଣିଜ୍ୟ ଜାହାଜ ଏମ୍‌ଭି ଗୋଲଡେନ୍ ଲିଓରେ ପାଞ୍ଚ ଜଣ ଭାରତୀୟ ନାଗରିକଙ୍କ ସମେତ ୧୭ ଜଣ କ୍ରୁ ସଦସ୍ୟ ଥିଲେ। ମନ୍ତ୍ରଣାଳୟ କହିଛି, ଉପଲବ୍ଧ ସୂଚନା ଅନୁଯାୟୀ, ଚାରି ଜଣ ଭାରତୀୟ ନାଗରିକଙ୍କ ଦୁଃଖଦ ମୃତ୍ୟୁ ହୋଇଛି, ଯେତେବେଳେ ଜଣେ ଭାରତୀୟ ନାଗରିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଜମ୍ମୁ-କଶ୍ମୀରରେ ବର୍ଷା ଓ ଭୂସ୍ଖଳନ

## ୨ ଦିନରେ ୨୨ ମୃତ, ୮ ନିଖୋଜ



ଶ୍ରୀନଗର, ୨୧।୭: ଜମ୍ମୁ-କଶ୍ମୀରରେ ଲଗାତାର ଜାରି ରହିଥିବା ପ୍ରବଳ ବର୍ଷା, ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ସୋମବାର ବର୍ଷାଜନିତ ଭିନ୍ନ ଭିନ୍ନ ଦୁର୍ଘଟଣାରେ ଆଉ ୧୨ ଜଣଙ୍କର ମୃତ୍ୟୁ ଘଟିବା ସହ ଗତ ଦୁଇ ଦିନ ମଧ୍ୟରେ ମୋଟ ମୃତ୍ୟୁସଂଖ୍ୟା ୨୨କୁ ବୃଦ୍ଧି ପାଇଛି ଏବଂ ୮ ଜଣ ନିଖୋଜ ରହିଛନ୍ତି। ପାଣିପାଗ ବିଭାଗ ଆଗାମୀ ଦିନଗୁଡ଼ିକରେ ଆହୁରି ଅଧିକ ବର୍ଷା ହେବାର ପୂର୍ବାନୁମାନ କରିଛି। ଜମ୍ମୁର ସୀମାନ୍ତ ଜିଲ୍ଲା ପୁଞ୍ଛର ଲୋରାନ-ଡୁମିଲାନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା କାଦୁଅ ଓ ଭୂସ୍ଖଳନ ଗୋଟିଏ ମାଟି ଘର ଉପରେ ମାଡ଼ି ଯିବାରୁ ଘର ଭିତରେ ଥିବା ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା, ଜଣେ ୨ ବର୍ଷର ଶିଶୁକନ୍ୟା, ୨ ଜଣ ପୁରୁଷ ଓ ଜଣେ ୪ ବର୍ଷର ଶିଶୁପୁତ୍ର ରହିଛନ୍ତି। ସେହିପରି ଜମ୍ମୁ-କିଶ୍ତ୍ୱାଡ଼ ଜାତୀୟ ରାଜପଥର ରାଗି ନାଲା ନିକଟରେ ପାହାଡ଼ରୁ ପଥର ଖସି ଗୋଟିଏ ଯାତ୍ରୀବାହୀ ବସ୍ ଉପରେ ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଇପିଏଫ୍‌ଓ ଆଣିବ ନୂଆ ପେନ୍‌ସନ୍ ଯୋଜନା

ନୂଆଦିଲ୍ଲୀ, ୨୧।୭: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏକ ସାର୍ବଜନୀନ ପେନ୍‌ସନ୍ ଯୋଜନା ଉପରେ କାମ କରୁଛି। ଇପିଏଫ୍‌ଓ ୩.୦ ଅଧୀନରେ ଏହାକୁ ବିକାଶ କରାଯାଉଛି। ଏହାର ଲାଭ କେବଳ ବେତନଭୋଗୀ କର୍ମଚାରୀ ନୁହେଁ, ବରଂ ସବୁ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ମଧ୍ୟ ମିଳିବ। ବିଶେଷ କରି ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକମାନେ ଏହା ଦ୍ୱାରା ଉପକୃତ ହେବେ।

ବର୍ତ୍ତମାନ ସମୟରେ ଏହି ଯୋଜନା କେବଳ ବିଚାରବିମର୍ଶ ସ୍ତରରେ ରହିଛି। ଏହା ଉପରେ ସରକାର କୌଣସି ଠୋସ୍ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯଦି ଏହି ଯୋଜନା ଲାଗୁ ହେବ ତେବେ ଦେଶର ପେନ୍‌ସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବ। କର୍ମଚାରୀ ଓ ଶ୍ରମିକମାନେ ବିଭିନ୍ନ ଉତ୍ସରୁ ହେଉଥିବା ଆୟରୁ ଏଥିପାଇଁ ଅବଦାନ ଦେଇପାରିବେ ଏବଂ ଏକ ବୃହତ୍ ଅବସରକାଳୀନ ପାଣ୍ଠି ଗଠନ କରିବାର ସୁଯୋଗ ପାଇପାରିବେ। ଏହି ଯୋଜନା ଏକ ଅବଦାନ ଆଧାରିତ ପେନ୍‌ସନ୍ ଯୋଜନା ହେବ। ଏଥିରେ କର୍ମଚାରୀ ବା ଶ୍ରମିକମାନେ ଯେଉଁ ମାସିକ ଅବଦାନ ରାଶି ପ୍ରଦାନ କରିବ ତାହା ଇପିଏଫ୍ ଭଳି ଖାତାରେ ଜମା ହୋଇରହିବ। ସେହି ଜମାରାଶିକୁ ସରକାରୀ ପ୍ରତିଭୂତିରେ ନିବେଶ କରାଯିବ ଓ ପ୍ରତିବର୍ଷ ସୁଧ ଟଙ୍କା ଖାତାରେ ଜମା କରାଯିବ।

# ଅଶୋଧିତ ତୈଳ ଦର ୧୨୦ ଡଲାର ଛୁଇଁବ!




ନୂଆଦିଲ୍ଲୀ, ୨୧।୭: ଆମେରିକା ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ପ୍ରଭାବରେ ଯଦି ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଦୀର୍ଘଦିନ ବନ୍ଦ ରହିବ ତେବେ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ଦାମ୍ ୧୨୦ ଡଲାରକୁ ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି ଗୋଲ୍ଡମ୍ୟାନ୍ ସଚ୍‌ସ ପୂର୍ବାନୁମାନ କରିଛି। ଦୁଇ ଦେଶ ଭିତରେ ପୁଣି ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ଭିତରେ ତେଲ ଦର ୯୧ ଡଲାରକୁ ବୃଦ୍ଧି ପାଇଛି।

ଚଳିତ ବର୍ଷର ଚତୁର୍ଥ ତ୍ରୈମାସିକ କିମ୍ବା ଆସନ୍ତା ବର୍ଷ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍‌ର ବ୍ୟାରେଲ ପିଛା ଦର ୮୦ ଡଲାର କିମ୍ବା ୭୫ ଡଲାରକୁ ହ୍ରାସ ପାଇବାର ସମ୍ଭାବନା ଥିବା ଗୋଲ୍ଡମ୍ୟାନ୍ ସଚ୍‌ସ କହିଛି। କିନ୍ତୁ ସବୁ କିଛି ଲୋହିତ ସାଗରରେ ଜାହାଜ କିଭଳି ଚଳାଚଳ କରୁଛି ତାହା ଉପରେ ନିର୍ଭର କରିବ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଏହି ବାଟ ଦେଇ ଜାହାଜ ଠିକ ଭାବେ ଚଳାଚଳ କରିପାରୁନାହିଁ। ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ସହ ଆମଦାନି କରୁଥିବା ଦେଶଗୁଡ଼ିକୁ ଏହି ଜଳପଥ ଯୋଡ଼ିଥାଏ। ତାହା ଉପରେ ଇରାନ ଓ ଆମେରିକା ଆକ୍ରମଣ କରିବା ଯୋଜନାରେ ରହୁଥିବାରୁ କୌଣସି ସିପିଂ କମ୍ପାନି ସେହି ବାଟ ଦେଇ ନିଜ ଜାହାଜ ପଠାଇବାକୁ ଚାହୁନାହାନ୍ତି। ସେଭଳି ପରିସ୍ଥିତିରେ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୋଇ ତାହାର ଦର ବୃଦ୍ଧି ପାଉଛି।

ଚଳିତ ବର୍ଷ ଫେବ୍ରୁଆରିରେ ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହେବା ପରେ ଅଶୋଧିତ ତୈଳ ଦରରେ ହଠାତ୍ ବୃଦ୍ଧି ଦେଖାଦେଇଥିଲା। ଏପ୍ରିଲ୍ ବେଳକୁ ତେଲର ବ୍ୟାରେଲ ପିଛା ଦାମ୍ ୧୨୬ ଡଲାରକୁ ବୃଦ୍ଧି ପାଇଥିଲା ଓ ସେହି ସ୍ତରରେ ତାହା ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲା। ତାହାର ପ୍ରଭାବରେ ଭାରତରେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଦରରେ ଲିଟରକୁ ୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ନିକଟରେ ଆମେରିକା ଓ ଇରାନ ମଧ୍ୟରେ ଅନ୍ତରୀଣ ଚୁକ୍ତି ହେବା ପରେ ଅଶୋଧିତ ତେଲ ଦର ହ୍ରାସ ପାଇ ବ୍ୟାରେଲକୁ ୭୨ ଡଲାର ହୋଇଯାଇଥିଲା। ମାତ୍ର ପୁଣି ଉତ୍ତେଜନା ବଢ଼ିବା ପରେ ତେଲ ଦର ବଢୁଥିବାରୁ ଆମଦାନି ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଦେଶ ଭାରତ ପାଇଁ ଚିନ୍ତା ବଢ଼ିଯାଇଛି।

# ମୋଦିଙ୍କ ଘର ଆଗରେ ରାହୁଲ-ପ୍ରିୟଙ୍କାଙ୍କ ଧାରଣା



ନୂଆଦିଲ୍ଲୀ, ୨୧।୭: ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ କଂଗ୍ରେସର ଶୀର୍ଷ ନେତାମାନେ ଧାରଣାରେ ବସିଛନ୍ତି। କେନ୍ଦ୍ର ସରକାର ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ ସେମାନେ ଏହି ପ୍ରତିବାଦ କରୁଛନ୍ତି।

ଯନ୍ତର-ମନ୍ତରରେ ଘଟିଥିବା ଘଟଣା ପରେ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି ରାସ୍ତାକୁ ଓହ୍ଲାଇଛି। ବିରୋଧୀ ନେତାମାନେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା କଥିତ ବର୍ବରତା ଓ ସେମାନଙ୍କ ଦାବିକୁ ଅଣଦେଖା କରାଯାଇଥିବା ଘଟଣାକୁ ନେଇ ସେମାନେ ଚୁପ୍ ରହିବେ ନାହିଁ। ନେତାମାନଙ୍କ ଅଭିଯୋଗ, ପୁଲିସ ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ ଓ ଦମନ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ଲୋକକଲ୍ୟାଣ ମାର୍ଗରେ ତୀବ୍ର ପ୍ରଦର୍ଶନ ପରେ ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଂଗ୍ରେସର ଅନେକ ବରିଷ୍ଠ ନେତା ଓ କର୍ମୀଙ୍କୁ ହାଜତକୁ ନେଇଛି। ହାଜତ ସମୟରେ ପଞ୍ଜାବ କଂଗ୍ରେସ ନିର୍ବାଚନ ପ୍ରଚାର କମିଟିର ଅଧ୍ୟକ୍ଷ ଚରଣଜିତ ସିଂହ ଚନ୍ନୀ ଏବଂ କଂଗ୍ରେସ ସାଂସଦ କେ. ସୁରେଶ ପୁଲିସର କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରି ଏହାକୁ ସ୍ୱେଚ୍ଛାଚାରୀ ମନୋଭାବର ପରିଚୟ ବୋଲି କହିଛନ୍ତି।

ଯନ୍ତର-ମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେ.ସି. ୱେଣୁଗୋପାଳ ଓ ପବନ ଖେଡ଼ାଙ୍କ ସମେତ କଂଗ୍ରେସର ଅନେକ ବରିଷ୍ଠ ନେତା ଲୋକକଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟରେ ହଠାତ୍ ଧାରଣାରେ ବସିଛନ୍ତି।

# ୬ ମାଲବାହୀ ଟ୍ରେନ୍ ୱାଗନ୍ ଲାଇନଚ୍ୟୁତ



ଗାଜିଆବାଦ, ୨୧।୭: ଦିଲ୍ଲୀ ସଂଲଗ୍ନ ଗାଜିଆବାଦ-ନୂଆଦିଲ୍ଲୀ ରେଳ ଲାଇନରେ ଏକ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି। ଏକ ମାଲବାହୀ ଟ୍ରେନ୍‌ର ଛଅଟି ୱାଗନ୍ ହଠାତ୍ ଲାଇନଚ୍ୟୁତ ହୋଇଯାଇଥିଲା, ଯାହା ଫଳରେ ଏହି ବ୍ୟସ୍ତବହୁଳ ରୁଟ୍‌ରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି।

ମଙ୍ଗଳବାର ଭୋର୍ ୧ଟା ୫୫ରେ ଏହି ଦୁର୍ଘଟଣା ଘଟିଛି। ଦିଲ୍ଲୀ ଡିଭିଜନର ଗାଜିଆବାଦ-ନୂଆଦିଲ୍ଲୀ ସେକ୍ସନ ଦେଇ ଯାତ୍ରା କରୁଥିବା ମାଲବାହୀ ଟ୍ରେନ୍ ହଠାତ୍ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣାର ଗମ୍ଭୀରତା ରେଳ ପ୍ରଶାସନକୁ ଭୟଭୀତ କରିଥିଲା। ସୂଚନା ପାଇବା ମାତ୍ରେ, ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ), ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଏଡିଆରଏମ), ଏବଂ ଉତ୍ତର ରେଳବାଇର ଦିଲ୍ଲୀ ଡିଭିଜନର ଅନ୍ୟ ବରିଷ୍ଠ ବୈଷୟିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ସିକ୍କିମ୍ ଭୂସ୍ଖଳନରେ ୭ ଜଣଙ୍କ ମୃତ୍ୟୁ

### ଟନେଲ୍‌ରେ ଫସିଛନ୍ତି ୨୭ ଶ୍ରମିକ

ଗାଙ୍ଗଟକ୍, ୨୧।୭: ସିକ୍କିମରେ ବଡ଼ ଦୁର୍ଘଟଣା। ସିକ୍କିମର ନାମଚି ଜିଲ୍ଲାରେ ଏକ ନିର୍ମାଣାଧୀନ ଟନେଲ ବାହାରେ ଭୂସ୍ଖଳନ ଯୋଗୁଁ ୨୭ ଜଣ ଶ୍ରମିକ ଭିତରେ ଫସି ରହିଛନ୍ତି। ଫସି ରହିଥିବା ଶ୍ରମିକମାନଙ୍କୁ ବାହାର କରିବା ଉଦ୍ଧାର ଅଭିଯାନ ଜାରି ରହିଛି। ସୂଚନା ଅନୁଯାୟୀ, ଜିଲ୍ଲା ପ୍ରଶାସନ ସାତ ଜଣଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ କରିଛି। କୁହାଯାଉଛି ଯେ ଟନେଲ ଭିତରେ ମିଥେନ୍ ଗ୍ୟାସ୍ ଥିବା ଆଶଙ୍କା କରାଯାଉଛି। ଏହି କାରଣରୁ ଉଦ୍ଧାର କାର୍ଯ୍ୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

## ଦିଲ୍ଲୀ ଅଭିମୁଖେ ହଜାର ହଜାର ଚାଷୀ, ସିନ୍ଧୁ ଓ ଶମ୍ଭୁ ବର୍ଡର ସିଲ୍



ନୂଆଦିଲ୍ଲୀ, ୨୧।୭: ପଞ୍ଜାବ ଏବଂ ହରିୟାଣାର ଚାଷୀମାନଙ୍କ 'ଦିଲ୍ଲୀ ଚଲୋ' ଡାକରା ପରେ ଦିଲ୍ଲୀ ଓ ଏହାର ଆଖପାଖ ସୀମାରେ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) କୁ ବିରୋଧ କରି ହଜାର ହଜାର ଚାଷୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୋଲିସ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଅଟକାଇଛି। ପଞ୍ଜାବ ଏବଂ ହରିୟାଣାର ସମ୍ଭୁ ବର୍ଡର ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି । ତେବେ ଅମ୍ବାଲାର ଶମ୍ଭୁ ବର୍ଡର ଏବଂ ସୋନିପଥ ଓ ଦିଲ୍ଲୀର ସିନ୍ଧୁ ବର୍ଡରରେ ପୁଲିସ ଚାଷୀମାନଙ୍କୁ ଅଟକାଇ ଦେଇଛି। ସୁରକ୍ଷା ଦୃଷ୍ଟିରୁ ହରିୟାଣା ଏବଂ ଦିଲ୍ଲୀ ପୋଲିସ ପକ୍ଷରୁ ସିନ୍ଧୁ ଏବଂ ଶମ୍ଭୁ ବର୍ଡରକୁ ସମ୍ପୂର୍ଣ୍ଣ ରୂପେ ସିଲ୍ କରିଦିଆଯାଇଛି। ଅମ୍ବାଲା ନିକଟସ୍ଥ ଶମ୍ଭୁ ବର୍ଡରରେ ପୋଲିସ ବଡ଼ ବଡ଼ ବାରିକେଡ୍ ଲଗାଇ ଚାଷୀଙ୍କୁ ଅଟକାଇବାକୁ ଚେଷ୍ଟା କରୁଛି। ଏହି କାରଣରୁ ଦିଲ୍ଲୀ-ଅମୃତସର-ଚଣ୍ଡିଗଡ଼ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି।

### ଚିନ୍ତାରେ ସ୍ୱାମୀ

# ବିବାହ ପରେ ଜାଣିଲେ, ପତ୍ନୀ କିନ୍ନର



ଆଲିଗଡ଼୍, ୨୧।୭: ଉତ୍ତର ପ୍ରଦେଶର ଆଲିଗଡ଼୍‌ରୁ ଏକ ଅଦ୍ଭୁତ ମାମଲା ସାମନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି, ବିବାହ ପରେ ତାଙ୍କୁ ଜଣାପଡିଛି ଯେ ତାଙ୍କ ପତ୍ନୀ ଜଣେ କିନ୍ନର। ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ପତ୍ନୀ ଓ ତାଙ୍କ ପରିବାର ଲୋକ ତାଙ୍କଠାରୁ ଅଲଗା ହେବା ବଦଳରେ ୬ ଲକ୍ଷ ଟଙ୍କା ଦାବି କରିଛନ୍ତି। ମାମଲା ସିଭିଲ ଲାଇନ୍ ଥାନା ଅନ୍ତର୍ଗତ ଫିରଦୋସ ନଗରର ହୋଇଥିବା ବେଳେ ଇନ୍ଦ୍ରେଶ କୁମାର ନାମକ ବ୍ୟକ୍ତି ଏହି ଅଭିଯୋଗ କରିଛନ୍ତି। ବିବାହର କିଛି ସମୟ ପରେ ତାଙ୍କ ପତ୍ନୀଙ୍କ ବିଷୟରେ ସୂଚନା ମିଳିଥିଲା। ସେ ଏ ସମ୍ପର୍କରେ ଶ୍ୱଶୁର ଘର ଲୋକଙ୍କ ସହ କଥା ହୋଇଥିଲେ, କିନ୍ତୁ ଏହାର କୌଣସି ସମାଧାନ ହୋଇ ପାରିନଥିଲା। ଇନ୍ଦ୍ରେଶ କୁମାର ଅଭିଯୋଗ କରିଛନ୍ତି, ବିରୋଧ କରିବା ପରେ ପତ୍ନୀ ଆତ୍ମହତ୍ୟାର ଧମକ ଦେଇଥିଲେ, ଯାହାଫଳରେ ସେ ମାନସିକ ଚାପରେ ଅଛନ୍ତି।

ଇନ୍ଦ୍ରେଶ କୁମାରଙ୍କ ଅନୁସାରେ, ଏହା ତାଙ୍କର ଦ୍ୱିତୀୟ ବିବାହ। ପ୍ରଥମ ପତ୍ନୀଙ୍କ କରୋନା ମହାମାରୀ ବେଳେ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ତିନୋଟି ସନ୍ତାନ ଅଛନ୍ତି, ଯାହାଙ୍କର ଲାଳନ ପାଳନରେ ସମସ୍ୟା କାରଣରୁ ଦ୍ୱିତୀୟ ବିବାହ କରିବାର

### ଅଲଗା ହେବାକୁ ଦାବି କରୁଛନ୍ତି ୬ ଲକ୍ଷ ଟଙ୍କା

ନିଷ୍ପତ୍ତି ନେଇଥିଲେ। ୨୦୨୪ ରେ ତାଙ୍କ ପିଉସା ଫରିଦାବାଦରେ ତାଙ୍କର ଦ୍ୱିତୀୟ ବିବାହ କରାଇଥିଲେ। ବିବାହର ପୂରା ଖର୍ଚ୍ଚ ସେ ଉଠାଇଥିଲେ ଓ ମଧ୍ୟସ୍ଥିଙ୍କୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମଧ୍ୟ ଦେଇଥିଲେ।

ଇନ୍ଦ୍ରେଶ କୁମାରଙ୍କ ଦାବି ଅନୁସାରେ, ବିବାହ ପରେ ତାଙ୍କ ପତ୍ନୀଙ୍କ ବିଷୟରେ ସନ୍ଦେହ ହୋଇଥିଲା। ସେ ବହୁବାର ମେଡିକାଲ ଯାଞ୍ଚ କରିବା ପାଇଁ କହିଥିଲେ, କିନ୍ତୁ ପତ୍ନୀ ପ୍ରସ୍ତୁତ ନଥିଲେ। ପରେ ଦେହ ଖରାପ ହେବା ପରେ ଡାକ୍ତରଙ୍କ ପାଖକୁ ନେଇଯାଇଥିଲେ, ସେଠାରେ ତାଙ୍କୁ ଜଣାପଡିଥିଲା ତାଙ୍କ ପତ୍ନୀ ଜଣେ କିନ୍ନର। ଇନ୍ଦ୍ରେଶ ଅଭିଯୋଗ କରିଛନ୍ତି, ଏବେ ଶାଶୁଘର ପକ୍ଷ ତାଙ୍କୁ ୬ ଲକ୍ଷ ଟଙ୍କା ଦାବି କରିଛନ୍ତି। ଟଙ୍କା ଦେବା ପରେ ସେମାନେ ପିଛା ଛାଡିବେ ବୋଲି କହିଛନ୍ତି। ଏହି ବିବାଦ ଭିତରେ ମହିଳା ଜଣକ ଇନ୍ଦ୍ରେଶଙ୍କୁ ଆକ୍ରମଣର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେଭଳି ମହିଳାଙ୍କ ସହ ମଧ୍ୟ ଇନ୍ଦ୍ରେଶ ମାରପିଟ୍ କରୁଥିବାର ଅନ୍ୟ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି। ତେବେ ଏହି ଦୁଇ ଭିଡିଓ ସ୍ୱତନ୍ତ୍ର ରୂପରେ ଜଣାପଡିନି। ସୂଚନା ପାଇବା ପରେ ସିଭିଲ ଲାଇନ୍ସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲା। ପୁଲିସ କହିଛି ଯେ ଘଟଣାର ତଦନ୍ତ କରାଯାଉଛି। ମିଳିଥିବା ତଥ୍ୟ ଆଧାରରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗୋଦରୀ ଲୋ, ନିଜ ଗୋଡ଼କୁ ଅନା

● ନବୀନଙ୍କୁ ଆଇନ ମନ୍ତ୍ରୀଙ୍କ ଶାଣିତ ଆକ୍ରମଣ ● ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ ଦଳ ନେତା



**ଭୁବନେଶ୍ୱର,୨୧।୭(ସଂଚାର ବ୍ୟୁରୋ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବୟାନବାଜିକୁ ନେଇ କଡ଼ା ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗୋଦରୀ ଲୋ, ନିଜ ଗୋଡ଼କୁ ଅନା ଢଗ ଶୁଣାଇ ମନ୍ତ୍ରୀ କହିଛନ୍ତି ଯେ, ବିଜେଡି ନିଜ ୨୪ ବର୍ଷର ଶାସନ କାଳରେ ଅନେକ କେଲେଙ୍କାରୀ କରିଛି। ତାଙ୍କ ସମୟରେ ଚିଟଫଣ୍ଡ ଠକେଇଠାରୁ ଆରମ୍ଭ କରି ବହୁ ରାଜନୈତିକ ହତ୍ୟାକାଣ୍ଡ ଘଟିଛି। ତେଣୁ କୁଶାସନ କରିଥିବା ନେତାମାନେ ବର୍ତ୍ତମାନର ସୁଶାସନ କରୁଥିବା ସରକାରଙ୍କୁ ସମାଲୋଚନା କରିବା ଆଦୌ ଗ୍ରହଣୀୟ ନୁହେଁ।

ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେଡି ସରକାରୀ ଚାକିରିର ଅବସର ବୟସସୀମା କମ୍ ରଖିଥିଲା, ଯାହାକୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ବୃଦ୍ଧି କରିଛନ୍ତି। ବିଜେଡି ଶାସନରୁ ମିଳିଥିବା ପୁରୁଣା ଅବ୍ୟବସ୍ଥା ଓ 'ଲିଗାସି' ସମସ୍ୟାକୁ ସୁଧାରିବା ପାଇଁ ନୂଆ ସରକାରଙ୍କୁ ଗୋଟିଏ ବର୍ଷ ଲାଗିଗଲା। ବିରୋଧୀଙ୍କ ପାଖରେ ଏବେ କୌଣସି ପ୍ରକୃତ ମୁଦ୍ଦା ନାହିଁ। ନବୀନ ଯେଉଁ ମତ ରଖୁଛନ୍ତି, ତାହା ତାଙ୍କ ଦଳୀୟ ଚାପ ଯୋଗୁଁ ହୋଇଥାଇପାରେ, ମାତ୍ର ତାଙ୍କ ଭଳି ଜଣେ ବରିଷ୍ଠ ନେତା ଏଭଳି ବୟାନବାଜିରୁ ଦୂରେଇ ରହିବା ଉଚିତ୍।

ଏଥିସହିତ ସେ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ଓ ବାମପନ୍ଥୀ ଦଳଗୁଡ଼ିକ ଏହି ସ୍ଥିତିରୁ ରାଜନୈତିକ ଫାଇଦା ନେବାକୁ ଅପେକ୍ଷା କରି ରହିଛନ୍ତି। ଯେଉଁ ଦଳଗୁଡ଼ିକ ଦେଶରୁ ପ୍ରାୟ ଶେଷ ହେବାକୁ ବସିଲେଣି, ସେମାନଙ୍କୁ ଧରି ନବୀନ ଓଡ଼ିଶାରେ ରାଜନୀତି କରିବାକୁ ଚାହୁଁଛନ୍ତି, ଯାହା ତାଙ୍କ ହତାଶାର ଚରମ ଉଦାହରଣ। ନବୀନ ପଟ୍ଟନାୟକ ଏଭଳି ନିମ୍ନସ୍ତରର ରାଜନୀତି ବନ୍ଦ କରି ନିଜ ପୁରୁଣା ଶାସନ କାଳକୁ ମନେ ପକାଇବା ଦରକାର। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶ ପାଇଁ କାମ କରୁଥିବା ବେଳେ ନବୀନ ନିମ୍ନ ରାଜନୀତି କରୁଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି।

ନିଟ୍ ବିବାଦ ନେଇ ବିଜେଡି ସଭାପତି ବଡ଼ ବୟାନ ଦେଇ ଦାବି କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଉଚିତ। ନବୀନ ଦିଲ୍ଲୀ ଗସ୍ତରେ ଥିବା ବେଳେ ଦଳୀୟ ସାଂସଦ ସହ ଆଲୋଚନା ପରେ ଏଭଳି ପ୍ରତିକ୍ରିୟା ରଖିଥିଲେ। ସେ କହିଛନ୍ତି, ଦିଲ୍ଲୀର ଘଟଣାବଳୀ ନେଇ ଦଳୀୟ ସାଂସଦଙ୍କ ସହ ଆଲୋଚନା କରିଛି। ପରିସ୍ଥିତି ଗମ୍ଭୀର ରହିଛି, ମେଡିକାଲରେ ଆହତ ଛାତ୍ରଙ୍କୁ ବିଜେଡି ସାଂସଦ ଭେଟିଛନ୍ତି। ବର୍ତ୍ତମାନ ସ୍ଥିତିରେ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ।

## ହୁକ ପକାଇବାକୁ ବରଦାସ୍ତ ନୁହେଁ, 'ବିଦ୍ୟୁତ ପ୍ରହରୀ' ଆପ୍ ଲଞ୍ଚ କରି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



**କୋଲକାତା,୨୧।୭(ସଂଚାର ବ୍ୟୁରୋ):** ସ୍ମାର୍ଟ ମିଟର ସମ୍ପର୍କରେ ଜାଣିଶୁଣି ଭ୍ରମ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଙ୍ଗଳବାର ଏହି ଅଭିଯୋଗ ଆଣି ସିଧାସଳଖ ବାମପନ୍ଥୀମାନଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଛନ୍ତି। ରାଜ୍ୟ ସରକାର ଅବୈଧ ଟ୍ୟାପିଂ (ହୁକ) କିମ୍ବା ବିଦ୍ୟୁତ ଚୋରି ରୋକିବା ପାଇଁ 'ବିଦ୍ୟୁତ ପ୍ରହରୀ' ଆପ୍ ଲଞ୍ଚ କରିଛନ୍ତି। ମଙ୍ଗଳବାର ଶୁଭେନ୍ଦୁ ଏହି ଆପ୍ ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଏହି ପ୍ରଥାକୁ ପ୍ରତିଫଳିତ କରି ରାଜ୍ୟରେ ସ୍ମାର୍ଟ ମିଟର ପ୍ରଚଳନ କରିବାର ନିଷ୍ପତ୍ତି ଘୋଷଣା କରିଛନ୍ତି। ତେବେ, ସରକାର ଏହି ପ୍ରକ୍ରିୟାକୁ ଶୀଘ୍ର କରିବାକୁ ଚାହୁଁନାହାଁନ୍ତି, ପ୍ରଥମେ ଜନସାଧାରଣଙ୍କୁ ସ୍ମାର୍ଟ ମିଟରର ଲାଭ ବିଷୟରେ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ ଅବୈଧ ହୁକ ବା ବିଦ୍ୟୁତ ଚୋରି ବନ୍ଦ କରିବା ପାଇଁ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି, ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ କୌଣସି ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଏହା ସହିତ, ଶୁଭେନ୍ଦୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଗ୍ରାହକଙ୍କଠାରୁ ବକେୟା ବିଦ୍ୟୁତ ବିଲ୍ ଆଦାୟ କରିବାରେ ବିଶେଷ ସକ୍ରିୟ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାୟଗଞ୍ଜ ସହରରେ ଜମିଥିବା ଜଳବନ୍ଦୀ ସଫା କରିବାକୁ ଓହ୍ଲାଇଲା ଦମକଳ



**କୋଲକାତା,୨୧।୭(ସଂଚାର ବ୍ୟୁରୋ):** ବାରମ୍ବାର ବର୍ଷା ଯୋଗୁଁ ରାୟଗଞ୍ଜ ସହରର ବିସ୍ତୃତ ଅଞ୍ଚଳ ୪ ନମ୍ବର ୱାର୍ଡର ଅଶୋକପଲ୍ଲି ସମେତ ବହୁ ଅଞ୍ଚଳ ଜଳବନ୍ଦୀ ହୋଇଯାଇଛି। ପରିସ୍ଥିତିର ମୁକାବିଲା ପାଇଁ, ରାଜ୍ୟ ମନ୍ତ୍ରୀ କୌଶିକ ଚୌଧୁରୀଙ୍କ ଉଦ୍ୟମରେ ମଙ୍ଗଳବାର ସକାଳେ ଦମକଳ ବାହିନୀ କାର୍ଯ୍ୟରେ ଲାଗିପଡ଼ିଥିଲା। ରାୟଗଞ୍ଜ ଦମକଳ କେନ୍ଦ୍ର ଜରୁରିକାଳୀନ ଭିତ୍ତିରେ ଦୁଇଟି ପମ୍ପ ସେଟ୍ ସ୍ଥାପନ କରିଛି ଯାହା ଦ୍ୱାରା ଜମା ହୋଇଥିବା ପାଣି ନିଷ୍କାସନ ଆରମ୍ଭ ହେବ, ଅନ୍ୟପଟେ ରାୟଗଞ୍ଜ ପୌରପାଳିକା ମଧ୍ୟ ୱାର୍ଡରେ ଏକ ପମ୍ପ ସେଟ୍ ପରିଚାଳନା କରୁଛି। ଏହି ମିଳିତ ପ୍ରୟାସ ଜଳବନ୍ଦୀ ସମସ୍ୟାର ସମାଧାନ କରିବ ବୋଲି ବାସିନ୍ଦା ଆଶାବାଦୀ। ୱାର୍ଡର ବାସିନ୍ଦା ଏବଂ ଜିଲ୍ଲା ବିଜେପିର ଉପାଧ୍ୟକ୍ଷ ମାନସ ଘୋଷ କହିଛନ୍ତି, ବାମପନ୍ଥୀର ୩୪ ବର୍ଷର କାର୍ଯ୍ୟକାଳ ଏବଂ ପରବର୍ତ୍ତୀ ୧୫ ବର୍ଷର ତୃଣମୂଳ ଶାସନ କାଳରେ ଏହି ଅଞ୍ଚଳ ଜଳବନ୍ଦୀ ସମସ୍ୟା ଦ୍ୱାରା ଜର୍ଜରିତ ହୋଇଆସିଛି। ଡ୍ରେନେଜ୍ ବ୍ୟବସ୍ଥା ପ୍ରତି କେହି ଧ୍ୟାନ ଦେଇ ନଥିଲେ। ବର୍ତ୍ତମାନ, ନୂତନ ସରକାର ବାସିନ୍ଦାଙ୍କୁ ଅସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଦମକଳ ବାହିନୀକୁ ନିୟୋଜିତ କରିଛନ୍ତି। ଶିକ୍ଷା, ଅଗ୍ନିଶମ ସେବା ଏବଂ ଜରୁରୀକାଳୀନ ସେବା ରାଷ୍ଟ୍ରମନ୍ତ୍ରୀ କୌଶିକ ଚୌଧୁରୀଙ୍କ ଉଦ୍ୟମରେ ଅଗ୍ନିଶମ ସେବା ଦଳ ମଙ୍ଗଳବାର ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଛି। ଅନ୍ୟ ବାସିନ୍ଦାମାନେ ଉଲ୍ଲେଖ କରିଛନ୍ତି ଯେ ଜଳବନ୍ଦୀ ସମସ୍ୟା କେବଳ ପର୍ଯ୍ୟାପ୍ତ ଡ୍ରେନେଜ୍ ବ୍ୟବସ୍ଥାର ଅଭାବରୁ ନୁହେଁ ବରଂ ଅଶୋକପଲ୍ଲି ସମେତ ୪ ନମ୍ବର ୱାର୍ଡର ବିସ୍ତୃତ ଅଞ୍ଚଳରେ ପ୍ରବାହିତ ହେଉଥିବା ପାଣି ଯୋଗୁଁ ମଧ୍ୟ ସୃଷ୍ଟି ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ଥାୟୀ ସମାଧାନ ଆବଶ୍ୟକ।

## ନୂତନ ୫୦ଟି ସରକାରୀ ବସ୍ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

**କୋଲକାତା, ୨୧।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କସବାରେ ୫୦ଟି ନୂତନ ବସ୍‌ର ଉଦଘାଟନ କରିଛନ୍ତି। ସେହି କାର୍ଯ୍ୟକ୍ରମରେ ସେ ତିନୋଟି ଚାର୍ଜିଂ ଷ୍ଟେସନ ମଧ୍ୟ ଉଦଘାଟନ କରିଛନ୍ତି। ସେଠାରୁ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ପରିବହନ ବ୍ୟବସ୍ଥାକୁ ପୁନଃନିର୍ମାଣ କରାଯିବ। ଅଧିକ ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରାଯିବ, ଏବଂ ଏସି ବସ୍ ସଂଖ୍ୟା ବୃଦ୍ଧି କରାଯିବ। ମେଟ୍ରୋ ନେଟୱାର୍କକୁ ଆହୁରି ବିସ୍ତାର କରିବା ପାଇଁ ଏକ ପ୍ରସ୍ତାବ ମଧ୍ୟ ଦିଆଯାଇଛି।

## ୮ ସ୍ଥାନରେ ଇଡି ତଲାସୀ

**କୋଲକାତା, ୨୧।୭(ସଂଚାର ବ୍ୟୁରୋ):** ଉତ୍ତର ୨୪ ପ୍ରଗଣା, ବନଗାଁ ସମେତ ଆଠଟି ସ୍ଥାନରେ ଇଡିର ତଲାସୀ ଅଭିଯାନ। ସରକାରୀ ଲାଭର ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କଠାରୁ ବିପୁଳ ପରିମାଣର ଟଙ୍କା ଆଦାୟ ସମ୍ପର୍କରେ ଅଭିଯୋଗ ଉଠିଛି। ଜମାକାରୀଙ୍କଠାରୁ ୧୬୪ କୋଟି ଟଙ୍କା ଆଦାୟ ସମ୍ପର୍କରେ ତଦନ୍ତ ଚାଲିଛି, ଏବଂ ଏହି ତଲାସୀ ସେହି ମାମଲା ସହିତ ଜଡିତ।

(ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ବ୍ରିଟିଶ ଡେପୁଟି ହାଇକମିଶନର)

## ୟୁକେ-ଓଡ଼ିଶା ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା



**ଭୁବନେଶ୍ୱର,୨୧।୭(ସଂଚାର ବ୍ୟୁରୋ):** କୋଲକାତାର ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି। ୟୁକେ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି ପୃଷ୍ଠଭୂମିରେ ୟୁକେ ଏବଂ ଓଡ଼ିଶା ମଧ୍ୟରେ ଥିବା ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ଶକ୍ତି, ଭିତ୍ତିଭୂମି ସୁଦୃଢ଼ୀକରଣ, ଦକ୍ଷତା ବିକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ (କ୍ରିଟିକାଲ ମିନେରାଲ୍ସ) ଏବଂ କ୍ରୀଡ଼ା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦିଆଯାଇଥିଲା। ଓଡ଼ିଶା ସହିତ ତାଙ୍କର ନିବିଡ଼ ସମ୍ପର୍କ ବିଷୟରେ ଉଲ୍ଲେଖ କରି ଡେପୁଟି ହାଇକମିଶନର କହିଥିଲେ ଯେ, ଏହା ତାଙ୍କର ୧୮ ତମ ଓଡ଼ିଶା ଗସ୍ତ। ଏହାସହ ସେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଦ୍ରୁତ ବିକାଶର ଭୂୟସୀ ପ୍ରଶଂସା କରିଥିଲେ। 'ବିକଶିତ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ପାଇଁ ସ୍ଥାୟୀ ଆର୍ଥିକ ପ୍ରଗତି ଏବଂ ୟୁକେ-ଓଡ଼ିଶା ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ଉପମୁଖ୍ୟମନ୍ତ୍ରୀ ଏବଂ ଡେପୁଟି ହାଇକମିଶନର ନିଜ ନିଜର ମତାମତ ଆଦାନପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ବ୍ରିଟିଶ ଡେପୁଟି ହାଇକମିଶନ ଡକ୍ଟର ଫ୍ଲେମିଂଙ୍କ ସହ ବ୍ରିଟିଶ ହାଇକମିଶନର ଅଫିସରୁ କୋଲକାତାର 'ଡିପାର୍ଟମେଣ୍ଟ ଫର୍ ବିଜନେସ୍ ଆଣ୍ଡ ଟ୍ରେଡ୍'ର ପୂର୍ବ ଭାରତ ନିବେଶ ପ୍ରମୁଖ ସନ୍ଦୀପ ଚୌଧୁରୀ ଏବଂ ଆସିଷ୍ଟାଣ୍ଟ କମ୍ୟୁନିକେସନ୍ସ, ଇଭେଣ୍ଟସ ଓ ଭିଜିଟ୍ସ ଅଫିସର ସ୍ୱର୍ଣ୍ଣମୟୀ ଶତପଥୀ ସାମିଲ ଥିଲେ। ଏହି ଗସ୍ତ ବାଣିଜ୍ୟ, ଶିକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା ସହ ସହଭାଗିତା ବୃଦ୍ଧି କରିବା ପାଇଁ ୟୁକେର ପ୍ରତିବଦ୍ଧତାକୁ ଦର୍ଶାଉଛି।

● ରାମ ମନ୍ଦିରରେ ନୂଆ ବ୍ୟବସ୍ଥା

## ୱେବ୍‌ସାଇଟ୍‌ରେ ଅପଲୋଡ୍ ହେବ ମାସିକ ଅଡିଟ୍ ରିପୋର୍ଟ

**ଅଯୋଧ୍ୟା,୨୧।୭:** ରାମ ମନ୍ଦିର ଦାନ ପାଣ୍ଠି ଚୋରି ଘଟଣା ପରେ ଟ୍ରଷ୍ଟ ସଜାଗ ହୋଇଛି । ନିଜର କାର୍ଯ୍ୟପ୍ରଣାଳୀକୁ ଅଧିକ ସ୍ୱଚ୍ଛ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଏବେ ଟ୍ରଷ୍ଟ ପ୍ରତି ମାସର ଅଡିଟ୍ ରିପୋର୍ଟ ନିଜର ଅଧିକାରୀକ ୱେବସାଇଟରେ ସାର୍ବଜନୀନ କରିବ, ଯେପରି ଦେଶ-ବିଦେଶର କୋଟି କୋଟି ରାମଭକ୍ତ ମନ୍ଦିରର ଆୟ-ବ୍ୟୟ ଏବଂ ଟ୍ରଷ୍ଟର ଗତିବିଧି ବିଷୟରେ ସିଧାସଳଖ ଜାଣିପାରିବେ। ଏହା ସହିତ ୱେବସାଇଟରେ ଟ୍ରଷ୍ଟର ପ୍ରଶାସନିକ ନିଷ୍ପତ୍ତି, ନିର୍ମାଣ କାର୍ଯ୍ୟ ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକଳାପର ନିୟମିତ ଅପଡେଟ୍ ମଧ୍ୟ କରାଯିବ। ଏପର୍ଯ୍ୟନ୍ତ ଟ୍ରଷ୍ଟର ଆର୍ଥିକ ଅଡିଟ୍ ବର୍ଷକୁ କେବଳ ଥରେ, ଆର୍ଥିକ ବର୍ଷ ଶେଷ ହେବା ପରେ ପ୍ରସ୍ତୁତ କରାଯାଉଥିଲା। ଏହି ରିପୋର୍ଟ ଟ୍ରଷ୍ଟର ବୈଠକରେ ଟ୍ରଷ୍ଟିମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଥିଲା, କିନ୍ତୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଉପଲବ୍ଧ ହେଉନଥିଲା। ନୂଆ ବ୍ୟବସ୍ଥା ଲାଗୁ ହେବା ପରେ ପ୍ରତି ମାସର ଆୟ, ବ୍ୟୟ, ଦାନ ଏବଂ ଆର୍ଥିକ ସ୍ଥିତିର ବିବରଣୀ ୱେବସାଇଟରେ ସାର୍ବଜନୀନ କରାଯିବ। ଏହାଦ୍ୱାରା ଟ୍ରଷ୍ଟର ଆର୍ଥିକ ପରିଚାଳନାରେ ଅଧିକ ସ୍ୱଚ୍ଛତା ଆସିବ ବୋଲି ଆଶା କରାଯାଉଛି।

## ଗଞ୍ଜାମ ଏନଏସି ଓ ବ୍ଲକ ପକ୍ଷରୁ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଛତ୍ରପୁର,୨୧।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନ୍ତର୍ଗତ ଗଞ୍ଜାମ ବ୍ଲକ ଓ ଗଞ୍ଜାମ ଏନଏସି ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ବ୍ୟାପକ ସଫେଇ ଏବଂ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗଞ୍ଜାମ ବ୍ଲକ ପକ୍ଷରୁ ପୋଇରାଶି ପଞ୍ଚାୟତର ଛୋଟବସା ଛକଠାରେ ବିଡିଓ ଅଚ୍ୟୁତାନନ୍ଦ ଜାନୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ରବୀନ୍ଦ୍ର ବେହେରା, ପିଇଓ ପଞ୍ଚାନନ ସେଠୀ, ଜିଆରଏସ ପ୍ରଦୀପ ଦଳେଇ, ଶିକ୍ଷକ ଡି. ଶୁକ୍ରୁ ରେଡ୍ଡୀ, ବନବାସ ଖୁଣ୍ଟିଆ, ସମାଜସେବୀ ନିରାକାର ମହାରଣା, ଜୋସ୍ନା ରାଣୀ ପଲେଇ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

ସ୍କୁଲ ପିଲାଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି

## ହାଇକୋର୍ଟଙ୍କ ରାୟକୁ ଦେଶରେ ଲାଗୁ କଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୨୧।୭:** ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହୋଇଥିବା ବିବାଦୀୟ 'ଅପାର୍' ଆଇଡିକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ପୂର୍ବ ରାୟକୁ କାଏମ୍ ରଖି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ, ଏହି ଡିଜିଟାଲ୍ ଆଇଡି ପାଇଁ ଅଭିଭାବକଙ୍କ ସମ୍ମତି ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହେବା ଦରକାର ଏବଂ ସମ୍ମତି ପତ୍ରରେ 'ନାସ୍ତି' ବା 'ଅପ୍ଟ-ଆଉଟ୍' କରିବାର ବିକଳ୍ପ ରହିବା ବାଧ୍ୟତାମୂଳକ।

ଏହି ନିୟମକୁ ସମଗ୍ର ଦେଶରେ ସିବିଏସ୍‌ଇ ସ୍କୁଲଗୁଡ଼ିକରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ଆଭିମୁଖ୍ୟ ପରେ ଦେଶର ଲକ୍ଷ ଲକ୍ଷ ଅଭିଭାବକ ଏବେ ବଡ଼ ଆଶ୍ୱସ୍ତି ଲାଭ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ 'ୱାନ୍ ନେସନ୍, ୱାନ୍ ଷ୍ଟୁଡେଣ୍ଟ ଆଇଡି' ଯୋଜନା ଅଧୀନରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ୧୨ ଅଙ୍କ ବିଶିଷ୍ଟ ଅପାର୍ ଆଇଡି ତିଆରି କରାଯାଉଛି। ଏହା ଆଧାର କାର୍ଡ ସହ ସଂଯୁକ୍ତ ରହୁଥିବା ବେଳେ ଏଥିରେ ପିଲାଙ୍କ ସମସ୍ତ ଶୈକ୍ଷିକ ତଥ୍ୟ ଡିଜିଟାଲ୍ ଆକାରରେ ଗଚ୍ଛିତ ରଖିବାର ବ୍ୟବସ୍ଥା ରହିଛି। ତେବେ ସ୍କୁଲଗୁଡ଼ିକ ଏହାକୁ ବାଧ୍ୟତାମୂଳକ କରୁଥିବା ନେଇ ଗତବର୍ଷ ଡିସେମ୍ବରରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା।

ହାଇକୋର୍ଟ ସେତେବେଳେ ନିର୍ଦ୍ଦେଶ ଦେଇଥିଲେ ଯେ ସମ୍ମତି ପତ୍ରରେ ପିତାମାତାଙ୍କୁ 'ମନା କରିବାର ଅଧିକାର' ମିଳିବା ନିହାତି ଆବଶ୍ୟକ। କେନ୍ଦ୍ର ସରକାର ଓଡ଼ିଶା ହାଇକୋର୍ଟଙ୍କ ଏହି ରାୟକୁ ଚାଲେଞ୍ଜ କରିନଥିବାରୁ, ଏବେ ସୁପ୍ରିମକୋର୍ଟ ଏହାକୁ ପ୍ୟାନ୍-ଇଣ୍ଡିଆ ସ୍ତରରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଓଡ଼ିଶାରେ ନୂଆ ଏମସ୍ ଶାଖାର ପ୍ରସ୍ତାବ ନାହିଁ

ଭୁବନେଶ୍ୱର, ୨୧।୭-(ତଥ୍ୟ) ଓଡିଶାର ବିଭିନ୍ନ ଅଞ୍ଚଳରେ ଅଖିଳ ଭାରତ ଆର୍ୟୁବିଜ୍ଞାନ ସଂସ୍ଥାନ (ଏମସ୍) ର ଶାଖା ଖୋଲିବାପାଇଁ ଦାବି ଉଠୁଥିବାବେଳେ ଆଉ କୌଣସି ନୂଆ ଶାଖା ଖୋଲିବା ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରୋକ ଠୋକ୍ ଭାବେ କହିଛି। ଏଠାରେ ଉଲ୍ଲେଖନୀୟ ଯେ ଭୁବନେଶ୍ୱର ଏମସ୍‌ର ବାଲେଶ୍ୱର ଠାରେ ଏକ ସାଟେଲାଇଟ୍ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଗତ ମାସରେ ରାଇରଙ୍ଗପୁର ଠାରେ ଅନ୍ୟଏକ କେନ୍ଦ୍ର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। ସମ୍ବଲପୁର, ରାଉରକେଲା, ରାୟଗଡ଼ା ଓ ବ୍ରହ୍ମପୁରରେ ଏମସର ଶାଖା ଖୋଲିବା ଲାଗି ଦୀର୍ଘଦିନରୁ ଦାବିହୋଇ ଆସୁଛି। ଆଜି ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଭୁବନେଶ୍ୱର ଠାରେ ପ୍ରତିଷ୍ଠା ହୋଇଥିବା ଏମସ୍‌ର ବାଲେଶ୍ୱର ଠାରେ ଏକ ସାଟେଲାଇଟ୍ କେନ୍ଦ୍ର ରହିଛି। ତେବେ ଓଡିଶାର ଅନ୍ୟ କୌଣସି ଠାରେ ଭୁବନେଶ୍ୱର ଏମସ୍‌ର ଶାଖା ଖୋଲିବା ଲାଗି ଏବେ କୌଣସି ପ୍ରସ୍ତାବ ନାହିଁ। ଏଭଳି ସ୍ଥିତିରେ ରାଇରଙ୍ଗପୁର ଠାରେ ଏମସ୍ ଶାଖା ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଯେଉଁ ଘୋଷଣା କରାଯାଇଥିଲା ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦେଶର ଅଗ୍ରଣୀ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡିକ ଭିତରେ ଭୁବନେଶ୍ୱର ଏମସ୍ ଭଲ ସ୍ଥାନରେ ରହିଛି। ତେବେ ଏଠାରେ ପ୍ରାୟ ଏକ ତୃତୀୟାଂଶ ଡାକ୍ତର ଶିକ୍ଷକ, ଡାକ୍ତର ଓ ଅନ୍ୟାନ୍ୟ ପଦ ପଦବୀ ଖାଲି ପଡ଼ିଥିବାବେଳେ ବର୍ଷକୁ ବର୍ଷ କିନ୍ତୁ ଉତ୍ତମମାନର ଚିକିତ୍ସା ଯୋଗୁଁ ରୋଗୀସଂଖ୍ୟା ବଢୁଛି। ଏମିତିକି ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଆଦିରୁ ବହୁ ରୋଗୀ ଭୁବନେଶ୍ୱର ଏମସ୍ ଆସୁଛନ୍ତି। ଏ ପରିପ୍ରେକ୍ଷୀରେ ଭୁବନେଶ୍ୱର ଏମସ୍‌ରେ ଖାଲି ପଡ଼ିଥିବା ସମସ୍ତ ପଦ ପଦବୀ ପୂରଣ ସହିତ ରୋଗୀଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ଏହାର ସମ୍ପ୍ରସାରଣ ଲାଗି ମଧ୍ୟ ଦାବି ଉଠୁଛି। ଗତ ନିର୍ବାଚନ ସମୟରେ ସମ୍ବଲପୁରରେ ଏମସ୍ ଶାଖା ଖୋଲିବାପାଇଁ ବିଜେପି ପକ୍ଷରୁ ଘୋଷିତ ସଙ୍କଳ୍ପପତ୍ରରେ କୁହାଯାଇଥିଲା। ସେହିପରି ରାଉରକେଲା ଓ ବ୍ରହ୍ମପୁରରେ ଏମସ୍ ଶାଖା ପ୍ରତିଷ୍ଠା ଦାବି ମଧ୍ୟ ଦୀର୍ଘବର୍ଷରୁ ଉଠୁଛି। ଅନ୍ୟ ପକ୍ଷରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ନଥିବାରୁ ଏମସ୍‌ର ଚିକିତ୍ସକମାନେ ନାକେଦମ ହେଉଥିବା ଏବଂ ରୋଗୀ ଦେଖାଇବା ଲାଗି ଟିକଟ କରିବାପାଇଁ ଲୋକେ ରାତି ଅନିଦ୍ରା ହୋଇ ବର୍ଷା କାକରରେ ଏମସ୍ ପରିସରରେ ଧାଡି ଲଗାଇ ପଡ଼ି ରହୁଥିବାବେଳେ ନିୟମିତ ବ୍ୟବଧାନରେ ବାଲେଶ୍ୱରକୁ ଯାଇ ଚିକିତ୍ସାସେବା ଯୋଗାଇବା କଷ୍ଟକର ହୋଇପଡୁଛି। ବାଲେଶ୍ୱର ଏମସ୍ ଶାଖା ପାଇଁ ସ୍ୱତନ୍ତ୍ର ଭାବେ ଡାକ୍ତର ଓ ଅନ୍ୟ କର୍ମଚାରୀ ନିଯୁକ୍ତ କରିବାଲାଗି ବି ଦାବି ହେଉଛି। (ତଥ୍ୟ)

## କୃଷ୍ଣନଗରରେ ମମତାଙ୍କ ସମର୍ଥକ ତୃଣମୂଳ କର୍ମୀଙ୍କ ଉପରେ ଆକ୍ରମଣ

**କୋଲକାତା,୨୧।୭(ସଂଚାର ବ୍ୟୁରୋ):** ମମତା ବାନାର୍ଜୀଙ୍କ 'ସହୀଦ ଦିବସ' ସମାବେଶରେ ଯୋଗଦେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କୁ ବାଧା ଦେବା ଏବଂ ଆକ୍ରମଣ କରିବା ସମ୍ପର୍କରେ ଅଭିଯୋଗ ଆସିଛି। ଅଭିଯୋଗ ହୋଇଛି ଯେ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରାଯାଇଛି ଏବଂ ଗୋଟିଏ ଘଟଣାରେ, ବିଜେପି ଜଣେ ଆହତ ରକ୍ତାକ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚିବାକୁ ମଧ୍ୟ ବାଧା ଦେଇଥିଲା। ଘଟଣାଟି ନଦିଆର କୃଷ୍ଣନଗର ବସ୍ ଷ୍ଟାଣ୍ଡ ନିକଟରେ ଘଟିଛି।

## ୨୧ରେ ସହୀଦ୍ ପକ୍ଷ ପାଳନ

**କୋଲକାତା,୨୧।୭(ସଂଚାର ବ୍ୟୁରୋ):** ୨୧ ଜୁଲାଇରେ, ତିନୋଟି ପୃଥକ ଦଳ ସହିଦମାନଙ୍କୁ ସ୍ମରଣ କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ବିଶ୍ୱସ୍ତ କାଳିଘାଟ-ତୃଣମୂଳ ଗୋଷ୍ଠୀ କ୍ୟାଥେଡ୍ରାଲ ରୋଡରେ 'ସହୀଦ ଦିବସ' ପାଳନର ଆୟୋଜନ କରିଥିଲା। ସେମାନଙ୍କ ସଭା ମଞ୍ଚ ଭଙ୍ଗାଯାଇଥିବା ଅଭିଯୋଗ ପରେ ମମତା ବାନାର୍ଜୀ ନିଜେ ରାତିସାରା ସେଠାରେ ଜଗି ରହିଥିଲେ ଏବଂ ଅଭିଷେକ ବାନାର୍ଜୀଙ୍କୁ ମଧ୍ୟ ସେହି ସ୍ଥାନରେ ଦେଖାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋଷୀଙ୍କୁ କଠୋର...

ସରକାରମାନଙ୍କୁ ଅନୁରୋଧ କରିଛନ୍ତି। ପରୀକ୍ଷାରେ କୌଣସି ବି ପ୍ରକାରର ଦୁର୍ନୀତିକୁ ସରକାର ଆଦୌ ବରଦାସ୍ତ କରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ, ମଙ୍ଗଳବାର ସଂସଦରେ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସ ବି ବିରୋଧୀଙ୍କ ହୋହଲ୍ଲା ଓ ହଟ୍ଟଗୋଳ ମଧ୍ୟରେ ଧୋଇଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବାର ମାତ୍ର କିଛି ସମୟ ମଧ୍ୟରେ ପ୍ରବଳ ହଟ୍ଟଗୋଳ ଯୋଗୁ ଉଭୟ ଗୃହକୁ ମୁଲତବୀ ରଖିବାକୁ ପଡ଼ିଛି। ଉଭୟ ଲୋକସଭା ଓ ରାଜ୍ୟସଭାରେ ମଙ୍ଗଳବାର ବିରୋଧୀ ଦଳ ନେତାମାନେ ନିଟ୍ ପେପର ଲିକ୍ ପ୍ରସଙ୍ଗ ଓ ସିଜେପି ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଲାଠିମାଡ଼ ଘଟଣାରେ ଆଲୋଚନା ଦାବି କରି ପ୍ରବଳ ହୋହଲ୍ଲା କରିଥିଲେ। ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଦିଲୀପ ସାଇକିଆ ଆଜି ଗୃହ ମୁଲତବୀ ରଖିବା ପୂର୍ବରୁ କହିଥିଲେ ଯେ ଦୟାକରି ସମସ୍ତେ ନିଜ ନିଜର ସ୍ଥାନରେ ବସନ୍ତୁ। ସମଗ୍ର ଦେଶ ଆପଣମାନଙ୍କୁ ଦେଖୁଛି। ସଂସଦକୁ ବ୍ୟାନର, ପୋଷ୍ଟର ଓ କଳା ପୋଷାକ ଧରି ଆସିବା ସଂସଦୀୟ ନିୟମର ବିରୁଦ୍ଧାଚରଣ କରୁଛି। ସେହିପରି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଗୃହରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ବିରୋଧୀ ନେତାମାନେ ଲଗାତାର ହୋହଲ୍ଲା କରି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ଗୃହକୁ ମୁଲତବୀ ରଖିବାକୁ ପଡ଼ିଲା।

### ସନ୍ତୁଳିତ ଶିଳ୍ପ ବିକାଶରେ...

ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ ସମ୍ପର୍କିତ ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ପାରମ୍ପରିକ ଶିଳ୍ପକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ସବୁ ଜିଲ୍ଲାରେ ଶିଳ୍ପର ବିକାଶକୁ ଦୃଷ୍ଟିରେ ରଖି ଏହିସବୁ ପ୍ରକଳ୍ପ ଅନୁଗୁଳ, ବଲାଙ୍ଗିର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା, ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ ପ୍ରତିଷ୍ଠା ହେବ, ଯାହାଦ୍ୱାରା ସବୁ ଜିଲ୍ଲାରେ ନିଯୁକ୍ତିର ସମାନ ସୁଯୋଗ ସୃଷ୍ଟି ହେବ। ଆଇଟି ଓ ଆଇଟିଇଏସ କ୍ଷେତ୍ରରେ ବହୁରାଷ୍ଟ୍ରୀୟ କମ୍ପାନୀ ଏଚ୍‌ସିଏଲ ଟେକ୍ନୋଲୋଜି ଲିମିଟେଡ ୭୩୦ କୋଟିର ନିବେଶ ସହ ଖୋର୍ଦ୍ଧାରେ ଏକ ଗ୍ଲୋବାଲ ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା କରିବ। ଏହା ରାଜ୍ୟର ସୂଚନା-ପ୍ରଯୁକ୍ତି କ୍ଷେତ୍ରକୁ ଆହୁରି ସଶକ୍ତ କରିବା ସହ ଭବିଷ୍ୟତରେ ଓଡିଶାକୁ ଆଇଟି ଶିଳ୍ପର ନିବେଶ ପାଇଁ ସୁଯୋଗ ସୃଷ୍ଟି କରିବ। ଏହାଦ୍ୱାରା ୬ ହଜାର ଯୁବକ ଯୁବତୀଙ୍କ ପାଇଁ ବଡ଼ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ସବୁଜ ଶକ୍ତି କ୍ଷେତ୍ରରେ ଆକମେ କ୍ଲିନଟେକ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ଆଲକାଲାଇନ ଇଲେକ୍ଟ୍ରୋଲାଇଜର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ୩ ଗିଗାୱାଟ୍ କ୍ଷମତା ସମ୍ପନ୍ନ ଏହି ୟୁନିଟ୍ ପାଇଁ ୭୭୮ କୋଟିର ନିବେଶ ହେବ। ଏହାଦ୍ୱାରା ୪୮୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିଭଳି ଜିଜିବି ବ୍ୟାଟେରୀ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କଟକରେ ୨୦୨ କୋଟି ୫୦ ଲକ୍ଷର ପୁଞ୍ଜିନିବେଶରେ ଏକ ଲିଙ୍କ୍ ଆନୋଡ ବ୍ୟାଟେରୀ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏହାଦ୍ୱାରା ୨୫୪ ଯୁବକ ଯୁବତୀ ନିଯୁକ୍ତି ପାଇପାରିବେ। ଏସପିଏଲ ଇଣ୍ଡଷ୍ଟ୍ରିଜ ପକ୍ଷରୁ ପୁରୀରେ ଆଉ ଏକ ରେଡିମେଡ ପୋଷାକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ହେବ। ଏଥିପାଇଁ ୫୦ କୋଟିର ନିବେଶ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୩ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରିଚା ଗ୍ଲୋବାଲ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପୁରୀରେ ୮୪ କୋଟି ନିବେଶରେ ଆଉ ଏକ ରେଡିମେଡ ପୋଷାକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ହେବ। ଏଥିସହିତ ୨୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହିପରି ଆସ୍ଥାକଟ୍ସନ ପକ୍ଷରୁ ୧୨୪ କୋଟିର ନିବେଶରେ ବଲାଙ୍ଗୀରରେ ମଧ୍ୟ ଏକ ଟେକ୍ସଟାଇଲ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଆନ ରିଭରସାଇଡ ଟାଉନସିପ ପ୍ରାଇଭେଟ ଲିମିଟେଡ କଟକରେ ୨୬୫ କୋଟିର ବିନିଯୋଗ କରି ଏକ ୩୦୦ ଶଯ୍ୟା ବିଶିଷ୍ଟ ମଲଟି ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବ। ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱ ଆଣ୍ଡ ନିଳ ମଲ୍ଟି କମ୍ପ୍ଲେକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଟକରେ ୧୦୫ କୋଟିର ପୁଞ୍ଜିନିବେଶ କରି ଏକ ଫାଇଭ-ଷ୍ଟାର ହୋଟେଲ ନିର୍ମାଣ କରିବ। ଜେଏସ ଗାର୍ଡ଼ିସ ପକ୍ଷରୁ ମଧ୍ୟ ସମ୍ବଲପୁରରେ ୮୫ କୋଟି ନିବେଶରେ ଏକ ଫାଇଭ-ଷ୍ଟାର ହୋଟେଲ ନିର୍ମାଣ କରାଯିବ। ଶ୍ରୀକ୍ଷେତ୍ର ଇନ୍ଫ୍ରା ପକ୍ଷରୁ ଖୋର୍ଦ୍ଧାରେ ଏକ ପଞ୍ଚତାରକା ରିସୋର୍ଟ ପ୍ରତିଷ୍ଠା କରାଯିବ। ଏଥିପାଇଁ ୭୦ କୋଟି ନିବେଶ କରିବାକୁ ପ୍ରସ୍ତାବ ରହିଛି। ଏଥିସହିତ ଟାଟା ଷ୍ଟିଲ ପକ୍ଷରୁ କେନ୍ଦୁଝରରେ ପ୍ରସ୍ତାବିତ ୫ ନିୟୁତ ଟନ କ୍ଷମତା ସମ୍ପନ୍ନ ରେଲୱେ ସାଇଡ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ପ୍ରକଳ୍ପରେ ୧୬୫ କୋଟିର ପୁଞ୍ଜିନିବେଶ କରାଯିବ।

### ଟିମ୍ ଓଡ଼ିଶାକୁ...

ପ୍ରତି ନିରନ୍ତର ଆଗ୍ରହପ୍ରକଟ କରିଥିବାରୁ ଆମେ ଆମର ଶିଳ୍ପ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଉଛୁ। ଏହି ମାନ୍ୟତା ଆମର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ, ବରଂ ଏକ ମାଇଲଖୁଣ୍ଟ। ଆମେ ନିରନ୍ତର ସଂସ୍କାର ଜାରି ରଖିବୁ, ଭିତ୍ତିଭୂମି ସୁଦୃଢ଼ କରିବୁ ଏବଂ ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିବୁ ଯାହାଦ୍ୱାରା ଓଡ଼ିଶା ଭାରତ ଏବଂ ନିବେଶ କ୍ଷେତ୍ରରେ ବିଶ୍ୱସ୍ତରରେ ସବୁଠୁ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ପରିଗଣିତ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ସଂଘୀୟ ବ୍ୟବସ୍ଥା ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଆମୂଳ ପରିବର୍ତ୍ତନ ଯୁଗାନ୍ତକାରୀ ସଂସ୍କାର ଏବଂ 'ଡବଲ୍ ଇଞ୍ଜିନ୍ ସରକାର'ର ଶକ୍ତି ଓଡ଼ିଶାର ଭିତ୍ତିଭୂମି, ଶିଳ୍ପାୟନ, ସଂଯୋଗୀକରଣ, ଲଜିଷ୍ଟିକ୍, ଦକ୍ଷତା ବିକାଶ ଏବଂ ସାମଗ୍ରିକ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ' ପରିକଳ୍ପନା ଦ୍ୱାରା ଅନୁପ୍ରାଣିତ ହୋଇ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ପ୍ରତିବଦ୍ଧ, ଯେଉଁଠାରେ ଶିଳ୍ପ ଅଭିବୃଦ୍ଧି ଗୁଣାତ୍ମକ ରୋଜଗାର ସୃଷ୍ଟି କରିବ, ଯୁବବର୍ଗଙ୍କୁ ସଶକ୍ତ କରିବ ଏବଂ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ସର୍ବବ୍ୟାପୀ ସମୃଦ୍ଧି ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି। ନୀତି ଆୟୋଗ ଦ୍ୱାରା ପ୍ରକାଶିତ 'ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ' ହେଉଛି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ନିବେଶ ପରିବେଶ ଆକଳନ ପାଇଁ ଭାରତର ପ୍ରଥମ ସମ୍ପୂର୍ଣ୍ଣ, ତଥ୍ୟ-ଆଧାରିତ ବ୍ୟବସ୍ଥା। ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଏବଂ ଗୋଆ ସହିତ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସ୍ଥାନ ପାଇଛି, ଯାହା ଭାରତର ସବୁଠୁ ପ୍ରତିଯୋଗିତାମୂଳକ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଏହାର ଆବିର୍ଭାବକୁ ପୁନଃ ପ୍ରତିପାଦିତ କରୁଛି।

### ଆଉ ୫୮ ଲକ୍ଷ...

ହଜାର ସ୍ଥାନାନ୍ତରିତ ବା ଅନୁପସ୍ଥିତ ଭୋଟର ଏବଂ ୧ ଲକ୍ଷ ୫୮ ହଜାର ଦ୍ୱୈତ ବା ନକଲି ଭୋଟର ରହିଛନ୍ତି। ଏହାବ୍ୟତୀତ ଅନ୍ୟାନ୍ୟ କାରଣରୁ ପ୍ରାୟ ୧୪ ହଜାର ନାଁକୁ ମଧ୍ୟ ବାଦ ଦିଆଯାଇଛି। ପୂର୍ବରୁ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟର ଥିବାବେଳେ ଯାଞ୍ଚ ପ୍ରକ୍ରିୟାରେ ୩ କୋଟି ୧୩ ଲକ୍ଷରୁ ଅଧିକ ଲୋକ ନିଜର ଫର୍ମ ଦାଖଲ କରିଥିଲେ। ସଦ୍ୟ ପ୍ରକାଶିତ ଚିଠା ତାଲିକା ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ମୋଟ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣ ଭୋଟର ଅଛନ୍ତି। ସେଥିମଧ୍ୟରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ପୁରୁଷ ଥିବାବେଳେ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ମହିଳା ଏବଂ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ତେବେ ତ୍ରୁଟି ଓ ସନ୍ଦେହଜନକ ତଥ୍ୟକୁ ଆଧାର କରି ୫୮ ଲକ୍ଷ ଭୋଟରଙ୍କୁ ସ୍ପଷ୍ଟୀକରଣ ବା ଶୁଣାଣି ପାଇଁ ନୋଟିସ ଜାରି କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

### ରାହୁଲ ଓ କଂଗ୍ରେସ...

ସରକାର ନିଟ୍ ସମ୍ପର୍କରେ ସଂସଦରେ ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣାଙ୍ଗ ଆଲୋଚନା ଜରିଆରେ ଯୁବକ ଓ ଛାତ୍ରମାନଙ୍କର ପ୍ରତ୍ୟେକ ବୈଧ ଉଦବେଗକୁ ସମ୍ବୋଧନ କରିବାକୁ ପ୍ରତିବଦ୍ଧ। ଛାତ୍ରମାନେ ରାଜନୈତିକ କ୍ୟାମ୍ପେନ୍‌ର ମୁଦ୍ଦା ହେବା ଉଚିତ ନୁହେଁ। ଛାତ୍ରଛାତ୍ରୀଙ୍କ ପ୍ରତି ଆମ ଉତ୍ତରଦାୟିତ୍ୱ ରହିଛି ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଛାତ୍ରମାନଙ୍କୁ ଆଉ କ୍ରୋଧ ନୁହେଁ, ବରଂ ଉତ୍ତର, ସୁଧାର ଏବଂ ଜବାବଦିହିତା ଦେବାକୁ ସେ ପ୍ରତିଶ୍ରୁତିବଦ୍ଧ ରହିଥିବା କହିଛନ୍ତି।

### ଦୁର୍ବଳ ହେଉଛି...

ରିଲିଜରେ ନବୀନଙ୍କ କଥାକୁ ଦୋହରା ଯାଇଥିଲା। ହେଲେ ଏଥିରେ ନବୀନଙ୍କ ବାବଦରେ ପଦେ ହେଲେ କିଛି ଲେଖା ନଥିଲା। ନବୀନ ଦିଲ୍ଲୀରେ ଜାତୀୟ ଗଣମାଧ୍ୟମକୁ କହିବା ପରେ ଶଙ୍ଖଭବନରୁ ପୁଣିଥରେ ପ୍ରେସ ବିବୃତ୍ତି ଜାରିକୁ ଖୋଦ୍ ଦଳୀୟ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଗତ କିଛିଦିନ ଧରି ଦଳରେ ଏଭଳି କାରବାର ଜାରି ରହିଛି। ଦଳରୁ ଜାରି ହେଉଥିବା ପ୍ରେସ ରିଲିଜରେ ନବୀନଙ୍କ ସଂକ୍ରାନ୍ତରେ ସେଭଳି କିଛି ଉଲ୍ଲେଖ କରାଯାଉନାହିଁ। ବରଂ ଦଳୀୟ ମୁଖପାତ୍ରମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଗୋଟିଏ ଦିନରେ ଗୋଟିଏ ପ୍ରସଙ୍ଗରେ ନବୀନଙ୍କ କଥା ଉପରେ କଥା କହିବା ଏବେ ଦଳୀୟ କର୍ମୀମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିବାବେଳେ ଦଳ ଭିତରେ ନବୀନଙ୍କ ନେତୃତ୍ୱର ପାରିବାପଣିଆକୁ ନେଇ ଆଲୋଚନା ହେଉଛି। ନୂଆଦିଲ୍ଲୀରୁ ଜାରି ଗୋଟିଏ ପ୍ରେସ ବିବୃତ୍ତିରେ ଦଳର ଦୁଇଜଣ ସାଂସଦଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏଥିରେ ବି ନବୀନଙ୍କ ଗୁରୁତ୍ୱ ଦିଆଯାଇନାହିଁ। ସେହିଭଳି ଶଙ୍ଖଭବନରୁ ଜାରି ପ୍ରେସ୍ ବାର୍ତ୍ତାରେ ବି ନବୀନଙ୍କ ବାବଦରେ ଉଲ୍ଲେଖ କରାଯାଇନାହିଁ। କହିବାର ବାହୁଲ୍ୟ ନବୀନ ପଟ୍ଟନାୟକ ସାଂସଦଙ୍କ ସହ ବୈଠକ କରିବା ଏବଂ ସେମାନଙ୍କୁ ଦେଇଥିବା ନିର୍ଦ୍ଦେଶ ବାବଦରେ ଦଳ ପକ୍ଷରୁ ଜାରି କୌଣସି ଗୋଟିଏ ବି ପ୍ରେସ ବିବୃତ୍ତିରେ କୁହାଗଲା ନାହିଁ। ଦଳର ସଭାପତି ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିବାପରେ ସମାନ ପ୍ରସଙ୍ଗରେ ଏକାଧିକ ପ୍ରେସ ବିବୃତ୍ତି ଜାରି କରି ଦଳୀୟ ନେତାମାନେ ଦଳର ସଭାପତିଙ୍କୁ ଗୌଣ କରିବାକୁ ଚକ୍ରାନ୍ତ କରୁନହାନ୍ତି କି ବୋଲି ଆଲୋଚନା ହେଉଛି।

### ବାହୁଡ଼ାରେ ବର୍ଷା...

ଦୃଷ୍ଟିରେ ରଖି ଆଇଏମ୍‌ଡି ପକ୍ଷରୁ ଏକାଧିକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇ ପ୍ରଶାସନକୁ ଆଲର୍ଟ ରହିବାକୁ ପରାମର୍ଶ ଦିଆଯାଇଛି।



## ମହାପ୍ରଭୁଙ୍କର ନୃସିଂହ ଓ ବରାହ ଅବତାର, ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ନୀଳଗିରି,୨୧।୭ (ସଂଚାର ବ୍ୟୁରୋ): ତୃତୀୟ ଶ୍ରୀକ୍ଷେତ୍ରର ମାଉସୀ ମା' ମନ୍ଦିରରେ ବଡ଼ଠାକୁରଙ୍କ ମୂର୍ତ୍ତି ଆଜି ନୃସିଂହ ଓ ବରାହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପ୍ରଭୁଙ୍କ ଏହି ରୂପ ଦର୍ଶନ ପାଇଁ ସନ୍ଧ୍ୟା ଠାରୁ ମାଉସୀ ମା' ମନ୍ଦିରରେ ଗହଳି ଦେଖାଦେଇଛି। ପୂଜକ ହରି ବନ୍ଧୁ କର ମହାପ୍ରଭୁଙ୍କର ତୃତୀୟ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ରୀତିନୀତି କରାଇଥିବା ସୂଚନା ଦେଇଛନ୍ତି।

## ସୁଦର୍ଶନ ଦାରୁପୀଠରେ ହେରାପଞ୍ଚମୀ



ବାଲିଅନ୍ତା,୨୧।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସୁଦର୍ଶନ ଦେବ ଦାରୁ ପୀଠରେ ହେରା ପଞ୍ଚମୀ ଗତକାଲି ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଲକ୍ଷ୍ମୀଙ୍କୁ ମନ୍ଦିରରୁ ସଂନ୍ଧ୍ୟା ୮ଟା ସମୟରେ ଏକ ଶୁସଜ୍ଜିତ ଶୋଭାଯାତ୍ରାରେ ପାଲିଙ୍କିରେ ବସାଇ ଏକ ଶୋଭାଯାତ୍ରାରେ ରଥିଜେମା ଭଗବତୀ ମନ୍ଦିର ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ଆଡ଼ପ ମଣ୍ଡପରେ ଠାକୁରାଣୀ ଠାକୁରରଙ୍କୁ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ ମା'ଙ୍କୁ ବନ୍ଦାପନା କରିଥିଲେ। ଆଡ଼ପ ମଣ୍ଡପରେ ପୂଜା ଓ ନୀତୀକାନ୍ତି ସରିବା ପରେ ବାହାରକୁ ଆସି ମା'ଙ୍କର ଅଭିମାନରେ ରଥଭାଙ୍ଗା ନୀତି ସଂପର୍ଣ୍ଣ ହୋଇଥିଲା। ଏହାପରେ ଠାକୁରାଣୀ ଦାରୁପୀଠ ମନ୍ଦିରକୁ ଅନ୍ଧାରରେ ପ୍ରତ୍ୟାବର୍ତ୍ତନ କରିଥିବା ପରଂବ୍ରହ୍ମ ମନ୍ଦିର ଟ୍ରଷ୍ଟ ମୁଖ୍ୟ ସଂସ୍ଥାପକ ଅଶୋକ କୁମାର ସାହୁ ଓ କୋଷାଧ୍ୟକ୍ଷ ଚକ୍ରଧର ନାୟକ କହିଛନ୍ତି।

## ୱାର୍ଡ ନଂ-୨୬ରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶୁଭ ଦେଲେ ବିଧାୟକ



ଯାଜପୁର ରୋଡ଼,୨୧।୭(ସଂଚାର ବ୍ୟୁରୋ): କୋରେଇ ବିଧାୟକ ଆକାଶ ଦାସନାୟକ ବ୍ୟାସନଗର ପୌରାଅଂଚଳ ସହରର ପ୍ରତ୍ୟେକ ୱାର୍ଡର ଜନସାଧାରଣ ମାନଙ୍କ ବିଭିନ୍ନ ସମସ୍ୟା ବୁଝିବା ଠାରୁ ଆରମ୍ଭ କରି ଜନତାଙ୍କ ମୌଳିକ ଆବଶ୍ୟକତା ପୁରଣ ପାଇଁ ସହରର ବିଭିନ୍ନ ସ୍ଥାନରେ ଜନହିତକର ବିକାଶମୂଳକ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ପକାଇ ସହରର ବିକାଶଧାରାକୁ ଆଗେଇ ନେଇ ଚାଲିଛନ୍ତି । ଏହି କ୍ରମରେ ଆଜି ୱାର୍ଡ଼-ନଂ୨୬ରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ସହ ବ୍ୟାସ-ସରୋବର ଭୂମିରେ ବସି ବିଧାୟକ ଶ୍ରୀଦାସନାୟକ ପୂଜା କରିଥିଲି। ଏହି ଓ୍ୱାର୍ଡରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ସ୍ଥାନୀୟ ଲୋକମାନଙ୍କର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତାକୁ ପୂରଣ କରିବାରେ ବିଶେଷ ସହାୟକ ହେବ ବୋଲି କଥା ପଦାକୁ ଆସିଥିଲା। ଏହି କାର୍ଯ୍ୟକ୍ରମରେ ନଗରପାଳ ସୁବାସ ଚନ୍ଦ୍ର ବଳ, କାଉନସିଲର ଅଶୋକ କୁମାର ରାଉତ'ଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା, ଜନସାଧାରଣ ମାନେ ସାମିଲ ହୋଇଥିଲେ।

## ଇଟାଲୀରୁ କୃଷ୍ଣ ଓ ସୀମାଞ୍ଚଳଙ୍କୁ ନିମନ୍ତ୍ରଣ

ହିଞ୍ଜିଳିକାଟୁ,୨୧।୭(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁର ନୃତ୍ୟମ ଅନୁଷ୍ଠାନର ଗୁରୁ ତଥା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ 'ଅଦମ୍ୟ' ଚଳଚ୍ଚିତ୍ର ଇଉରୋପ ମହାଦେଶର ଇଟାଲୀ ଦେଶରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଏ ନେଇ ଇଟାଲୀ ଦେଶର ସଂଗୀତ କାଇରୋ ମୋଣ୍ଟେନୋଟେ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲର ନିର୍ଦ୍ଦେଶକ ମିଷ୍ଟର ଆଲବେର୍ଟୋ ଏକ ପତ୍ର ଲେଖି ଫିଲ୍ମର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ସାହୁ ଓ ସଂଳାପକାର ସୀମାଞ୍ଚଳ ମହାରଣାଙ୍କୁ ପୁରସ୍କାର ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି । ଏହି ମହୋତ୍ସବ ଆସନ୍ତା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଯାଉଛି । ଗଞ୍ଜାମ ଜିଲ୍ଲାର ଲୋକକଳାକୁ ଅଦମ୍ୟ ଫିଲ୍ମ ମାଧ୍ୟମରେ ବିଶ୍ୱ ସ୍ତରରେ ପହଞ୍ଚାଇ କୃଷ୍ଣ ଚନ୍ଦ୍ର ସାହୁ ଓ ସୀମାଞ୍ଚଳ ମହାରଣା ଓଡ଼ିଶା ସର୍ବୋପରି ଭାରତବର୍ଷ ପାଇଁ ଗୌରବ ଆଣିଛନ୍ତି। ତେବେ ଇଟାଲୀ ଗସ୍ତ ପାଇଁ ଉଭୟଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ରହିଥିବା ବେଳେ ରାଜ୍ୟ ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି ।

### କାଗଜରେ ସବୁ ସୁବିଧା, ବାସ୍ତବରେ କିଛି ନାହିଁ

# ଭିନ୍ନକ୍ଷମଙ୍କୁ ମିଳୁନି ମୁଣ୍ଡ ଗୁଞ୍ଜିବାକୁ ଘର

**ଗାଇଡଲାଇନ୍‌ରେ ଥିଲେ ଶତପ୍ରତିଶତ ଘର ମିଳିବ: ବିଡ଼ିଓ**

**ଗାଇଡଲାଇନ୍‌ରେ ନାହାନ୍ତି କି ସୁଧାଂଶୁ? ପ୍ରଶ୍ନ ଉଠାଇଲେ ଲୋକେ**

କାକଟପୁର/ଅସ୍ତରଙ୍ଗ,୨୧।୭ (ସଂଚାର ବ୍ୟୁରୋ): ସରକାରଙ୍କ ଫାଇଲ୍‌ରେ ସବୁ ଯୋଜନା ଅଛି। ସବୁ ବିକଳାଙ୍ଗଙ୍କୁ ଘର ମିଳିବାର କଥା ଅଛି। କିନ୍ତୁ ଜମିରେ? ସେଠି କିଛି ନାହିଁ। ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରୀଗାଁ ପଂଚାୟତ କିଆକଣି ଗ୍ରାମର ସୁଧାଂଶୁ ମଲ୍ଲିକ ହେଲେ ସେହି "କିଛି ନାହିଁ" ର ଜ୍ୱଳନ୍ତ ଉଦାହରଣ। ୯୫% ସ୍ଥାୟୀ ବିକଳାଙ୍ଗ । ସେରିବ୍ରାଲ ପାଲସି ସହ ମାନସିକ ଅସୁସ୍ଥତା। ପୁରୀ ସିଡିଏମ୍‌ଓଙ୍କ ସାର୍ଟିଫିକେଟ୍‌ରେ ସବୁ ଲେଖା ଅଛି। ନିଜେ ଚାଲିପାରନ୍ତି ନାହିଁ, ନିଜେ କାମ କରିପାରନ୍ତି ନାହିଁ। ସମ୍ପୂର୍ଣ୍ଣ ପରିବାର ଉପରେ ବୋଝ। ତଥାପି ଆଜି ପର୍ଯ୍ୟନ୍ତ ମୁଣ୍ଡ ଗୁଞ୍ଜିବାକୁ ଗୋଟେ ପକ୍କା ଘର ନାହିଁ। ପିତା ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ବର୍ଷ ବର୍ଷ ଧରି ଦୌଡୁଛନ୍ତି। ତାଲିକାରେ ନାମ ଆସୁନି।

ଆମ ପ୍ରତିନିଧି କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତିଙ୍କୁ ପଚାରିବାରୁ ସେ କହିଛନ୍ତି ବିକଳାଙ୍ଗ ଲୋକଙ୍କ ପାଇଁ ଆମ ବ୍ଲକ ପ୍ରଶାସନର ଦ୍ୱାର ସବୁବେଳେ ଖୋଲା। ଯଦି ସେ ଗାଇଡଲାଇନ୍ ଅନୁସାରେ ଯୋଗ୍ୟ ହେବେ ଆମେ ଶତ ପ୍ରତିଶତ ଘର ଦେବୁ।" ଆଉ ବି କହିଛନ୍ତି , "ସେ ନିଜେ ଘର କରିପାରିବେ ନାହିଁ, ତେଣୁ ଯାହାଙ୍କ ଉପରେ ନିର୍ଭର କରିଥିବେ ତାଙ୍କୁ ମିଳିବ। ଅନ୍ତ୍ୟୋଦୟ ଯୋଜନାରେ ବିକଳାଙ୍ଗଙ୍କୁ ପ୍ରାଥମିକତା। ଆମେ ସମସ୍ତଙ୍କୁ ସଠିକ ସୂଚନା ଦେଇସାରିଛୁ।"

ଗାଁ ଲୋକେ ପଚାରୁଛନ୍ତି - "୯୫% ବିକଳାଙ୍ଗ ହୋଇବି ଯଦି ଘର ନ ମିଳେ, ତେବେ ଆଉ କାହାକୁ ମିଳିବ? ଗାଇଡଲାଇନ୍ କ'ଣ କେବଳ କାଗଜ ପାଇଁ କି?"

ଖବର ପ୍ରକାଶ ପରେ ଦେଖିବାକୁ ଅପେକ୍ଷା ବିଡ଼ିଓ ସ୍ୱତନ୍ତ୍ର ଟିମ୍ ପଠାଇବେ କି ଯାଞ୍ଚ ପାଇଁ । ସେହି "କେବେ"ର ଅପେକ୍ଷାରେ ବସିଛନ୍ତି ଗାଁ ଲୋକେ। ସରକାରଙ୍କ ନିୟମ କହୁଛି ବିକଳାଙ୍ଗଙ୍କୁ ପ୍ରଥମେ। କିନ୍ତୁ ବାସ୍ତବରେ ସୁଧାଂଶୁଙ୍କ ପରି ଲୋକ ଶେଷରେ ରହିଯାଉଛନ୍ତି। କାଗଜପତ୍ର ସବୁ ଠିକ୍ ଥାଇବି କାହିଁକି ତାଲିକାରୁ ବାଦ୍? ଏବେ ସମସ୍ତଙ୍କ ନଜର କାକଟପୁର ବ୍ଲକ ପ୍ରଶାସନ ଉପରେ।



## ହଜିଥିବା ମୋବାଇଲ୍ ଫେରାଇଲା ପୁଲିସ




ସୁନ୍ଦରଗଡ଼,୨୧।୭ (ସଂଚାର ବ୍ୟୁରୋ): ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ୍ ଫୋନ୍‌କୁ ନେଇ ଚିନ୍ତାରେ ଥିବା ୧୬୨ ଜଣ ଲୋକଙ୍କ ମୁହଁରେ ହସ ଫୁଟାଇଛି ସୁନ୍ଦରଗଡ଼ ପୁଲିସ। ଜିଲ୍ଲା ପୁଲିସ ପକ୍ଷରୁ ସୋମବାର ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଚୋରି ମୋବାଇଲ୍ ଫେରସ୍ତ ମେଳାରେ ଖୋଜି ବାହାର କରାଯାଇଥିବା ୧୬୨ଟି ହଜିଥିବା ଓ ଚୋରି ହୋଇଥିବା ମୋବାଇଲ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଇଛି।

ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ ପାଲ କୌରଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ମୋବାଇଲ୍‌ଗୁଡ଼ିକୁ ଯାଞ୍ଚ ପରେ ଅସଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଦୀର୍ଘଦିନ ପରେ ନିଜ ପ୍ରିୟ ମୋବାଇଲ୍ ଫେରିପାଇ ଉପସ୍ଥିତ ଲୋକମାନେ ବେଶ୍ ଖୁସି ପ୍ରକାଶ କରିବା ସହ ପୁଲିସର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଏସ୍‌ପି ଅମ୍ରିତ ପାଲ କୌର କହିଥିଲେ ଯେ, ମୋବାଇଲ୍ ହଜିଯିବା କିମ୍ବା ଚୋରି ହେବା ମାତ୍ରେ ବିଳମ୍ବ ନକରି ସମ୍ପୃକ୍ତ ସିମ୍‌କୁ ବ୍ଲକ୍ କରିବା ସହ ସାଇବର୍ ଥାନା କିମ୍ବା ନିକଟସ୍ଥ ଥାନାରେ ଅଭିଯୋଗ କରିବା ଉଚିତ। ଠିକ୍ ସମୟରେ ଅଭିଯୋଗ ହେଲେ ମୋବାଇଲ୍ ଉଦ୍ଧାରର ସମ୍ଭାବନା ବଢ଼ିଥାଏ ବୋଲି ସେ କହିଥିଲେ।

### କୁନ୍ଦେଇ ପଞ୍ଚାୟତରେ ଡ୍ରେନ ନିର୍ମାଣକୁ ନେଇ ବିବାଦ

## ନିମ୍ନମାନର କାମ ଓ ସୂଚନାଫଳକ ନଥିବା ଅଭିଯୋଗ

ନବରଙ୍ଗପୁର/ରାଇଘର,୨୧।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ପଞ୍ଚାୟତରେ ଚାଲିଥିବା ଡ୍ରେନ ନିର୍ମାଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀମାନେ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇବା ସହ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା ଡ୍ରେନକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନୂତନ ଡ୍ରେନ ନିର୍ମାଣ କରିବା ପରିବର୍ତ୍ତେ କେବଳ ଉପରିଭାଗରେ ପତଳା ପ୍ଲାଷ୍ଟର କରି କାମ ଶେଷ କରାଯାଉଥିବା ପରି ଦେଖାଯାଉଛି। ଫଳରେ ଡ୍ରେନର ସ୍ଥାୟୀତ୍ୱ ଓ ନିର୍ମାଣ ମାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ, କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବାରୁ ପ୍ରକଳ୍ପର ମୋଟ ବ୍ୟୟ, କାର୍ଯ୍ୟାଦେଶ ସଂଖ୍ୟା, କାର୍ଯ୍ୟ



ନିର୍ବାହକ ସଂସ୍ଥା, ଠିକାଦାରଙ୍କ ନାମ ଏବଂ କାମର ସମୟସୀମା ସମ୍ପର୍କରେ ସାଧାରଣ ଲୋକ କୌଣସି ସୂଚନା ପାଇପାରୁ ନାହାନ୍ତି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ନିମ୍ନମାନର କାର୍ଯ୍ୟ ଯୋଗୁଁ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ସନ୍ଦେହ ପ୍ରକାଶ ପାଉଛି। ସେମାନେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ସମସ୍ତ ଅଭିଯୋଗର ସ୍ୱାଧୀନ ଭାବେ ପୁଷ୍ଟି ହୋଇନାହିଁ।

ଏନେଇ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ନିରପେକ୍ଷ ତଦନ୍ତ କରି ପ୍ରକୃତ ସ୍ଥିତିକୁ ସାମ୍ନାକୁ ଆଣିବା ସହିତ, ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ କଠୋର ଆଇନାନୁଗ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ବର୍ତ୍ତମାନ ସମ୍ପୃକ୍ତ ବିଭାଗର ପ୍ରତିକ୍ରିୟାକୁ ସ୍ଥାନୀୟ ଲୋକ ଅପେକ୍ଷା କରିଛନ୍ତି।

# ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

**● ପଲ୍ଲୀ ସଭାରେ ଉତ୍ତେଜନା ● ସରପଞ୍ଚ ଓ ନାୟବ ସରପଞ୍ଚଙ୍କୁ ତାଲା ପକାଇଲେ ହିତାଧିକାରୀ**

ଢେଙ୍କାନାଳ,୨୧।୭ (ସଂଚାର ବ୍ୟୁରୋ): ଆବାସ ଯୋଜନାର ହିତାଧିକାରୀ ଚୟନକୁ ନେଇ ଗୁଣ୍ଡିଚାପଡ଼ା ପଞ୍ଚାୟତରେ ମଙ୍ଗଳବାର ଏକ ପଲ୍ଲୀ ସଭା ଚାଲିଥିବା ବେଳେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ ପଡ଼ିଥିବା ଏବଂ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଓ ହିତାଧିକାରୀମାନେ ପଞ୍ଚାୟତ ଅଫିସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ପରିସ୍ଥିତି ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ, କ୍ଷୁବ୍ଧ ହିତାଧିକାରୀମାନେ ସରପଞ୍ଚ ଓ ନାୟବ ସରପଞ୍ଚଙ୍କୁ ପଞ୍ଚାୟତ ଅଫିସ୍ ଭିତରେ ତାଲା ପକାଇ ଦେଇଥିଲେ। ଏହା ସହ ନାୟବ ସରପଞ୍ଚ ଆବାସ ଯୋଜନାରେ ନାମ ସାମିଲ କରିବା ପାଇଁ ପାଞ୍ଚଜଣ ହିତାଧିକାରୀଙ୍କଠାରୁ ୫୦୦ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଏହି ଅଭିଯୋଗକୁ ନେଇ ପଞ୍ଚାୟତ ପରିସରରେ ଦୀର୍ଘ ସମୟ ଧରି ହୋହଲ୍ଲା ଓ ପ୍ରତିବାଦ ଜାରି ରହିଥିଲା।

ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପୁଲିସ ପକ୍ଷରୁ ପରିସ୍ଥିତିକୁ ଶାନ୍ତ କରିବା ସହ ହିତାଧିକାରୀମାନଙ୍କୁ ସେମାନଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି ବୁଝାଇଥିଲେ। ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିଲା ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ତେବେ ଆବାସ ଯୋଜନାରେ ହୋଇଥିବା ବୋଲି ଅଭିଯୋଗ ହେଉଥିବା ଅନିୟମିତତା ଏବଂ ଲାଞ୍ଚ କାରବାରର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ହିତାଧିକାରୀମାନେ ଦାବି କରିଛନ୍ତି।।

## ନିଟ୍‌ରେ ସଫଳ ଚା ବିକାଳୀଙ୍କ ପୁଅ



ବାଲିଆପାଳ,୨୧।୭ (ସଂଚାର ବ୍ୟୁରୋ): ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଥିଲେ ସଫଳତା ନିଶ୍ଚିତ ଏହାକୁ ପ୍ରମାଣିତ କରିଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଲକୁମ୍ଭାରୀ ଗାଁର ଶିବଶଙ୍କର ପାତ୍ର । ନିଟ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଶିବଶଙ୍କର ନିଜ ପରିବାର, ଗାଁ ତଥା ସମଗ୍ର ବାଲେଶ୍ୱର ଜିଲ୍ଲାର ନାମ ରୋଶନ କରିଛନ୍ତି । ଦେଭୋଗ ପଞ୍ଚାୟତ ଅଧିନସ୍ଥ ବିଲକୁମ୍ଭାରୀ ଗ୍ରାମର ହରେକୃଷ୍ଣ ପାତ୍ରଙ୍କ ବଡ଼ ପୁଅ ଶିବଶଙ୍କର ପାତ୍ର ନିଟ୍ ପରୀକ୍ଷାରେ ମୋଟ ୭୨୦ ନମ୍ବରରୁ ୬୪୮ ନମ୍ବର ହାସଲ କରି ୧୫୮୧ ର୍ୟାଙ୍କ ରଖିଛନ୍ତି। ମଇଁଷାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ପାଠ ପଢ଼ା ଆରମ୍ଭ କରି ସୋର ବାଗୁଡ଼ି ନବଦୋୟରେ +୨ ଶେଷ ହେବା ପରେ ଶିବଶଙ୍କର ନିଜ ଲକ୍ଷ୍ୟ ପ୍ରତି ଦୃଢ଼ ରହି ଦିନରାତି ପରିଶ୍ରମ କରି ନିଟ୍ ରେ କୃତକାର୍ଯ୍ୟ ହୋଇଛନ୍ତି। ବାପା ହରେକୃଷ୍ଣଙ୍କ ଚା ଦୋକାନ ରହିଅଛି ଏବଂ ଚାଷ କରନ୍ତି । ମାଆ ମଞ୍ଜୁଲତା ଜଣେ ସଫଳ ଉଦ୍ୟୋଗୀ, ସୁଗୃହିଣୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠିର ସିଆରପି ଅଛନ୍ତି । ଏହି ସଫଳତାର ଶ୍ରେୟ ବାପା, ମାଆ, ପରିବାରର ସମସ୍ତ ସଦସ୍ୟ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିବଶଙ୍କର ଦେଇଛନ୍ତି । ନିଟ୍ ରେ ସଫଳତା ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ନାବାଳିକା ଛାତ୍ରୀ ଗର୍ଭବତୀ, ଅଭିଯୁକ୍ତ ଗିରଫ



ଫୁଲବାଣୀ,୨୧।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅଧୀନରେ ଘଟିଛି ଏକ ଅଭାବନୀୟ ଘଟଣା ଜଣେ ୧୦ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଏନେଇ ପୁଲିସ ଗୋଚ୍ଛାପଡ଼ା ଥାନା ବଦୁଲି ଗ୍ରାମର ଅଭିଯୁକ୍ତ ଶକ୍ତି ଦିଗାଲ (୧୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଭ୍ରଜିତି ସାମନ୍ତରାୟ ସୂଚନା ଦେଇଛନ୍ତି। ଥାନା ସୂତ୍ରରୁ ପ୍ରକାଶ, ଜଣେ ଝିଅ ବିଦ୍ୟାଳୟ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଛନ୍ତି। ଗତ ୧୮ ତାରିଖରେ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସମ୍ପୃକ୍ତ ଛାତ୍ରୀଙ୍କ ସମେତ ୭ ଜଣଙ୍କ ଋତୁ ସ୍ରାବ ଜନୀତ ସମସ୍ୟା ଜଣାପଡିଥିଲା। ସେମାନଙ୍କୁ ନିକଟସ୍ତ ଗୁମାଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସମ୍ପୃକ୍ତ ଛାତ୍ରୀ ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲ। ପ୍ରଧାନଶିକ୍ଷକ ଝିଅର ବାପାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ଝିଅକୁ ପଚାରିବାରୁ ଶକ୍ତି ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି କହିଥିଲେ। ଏ ନେଇ ଝିଅର ବାପା ଗୋଚ୍ଛାପଡ଼ା ଥାନାରେ ୧୯ ତାରିଖରେ ଏତଲା ଦେଇଥିଲେ।

## ନିଖୋଜ ଯୁବକକୁ ଖୋଜି ବାହାର କରିବା ପାଇଁ ଏସ୍‌ପିଙ୍କ ପାଖରେ ଆକୁଳ ନିବେଦନ



କୋରାପୁଟ,୨୧।୭ (ସଂଚାର ବ୍ୟୁରୋ): ଦିଲ୍ଲୀରୁ ଘରକୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ଜଣେ ଯୁବକଙ୍କୁ ଖୋଜି ବାହାର କରିବା ପାଇଁ ପରିବାର ଲୋକେ କୋରାପୁଟ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦେଢ଼ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁଅର କୌଣସି ସନ୍ଧାନ ମିଳୁନଥିବାରୁ ପରିବାର ସଦସ୍ୟ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, କୋଟପାଡ଼ ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମର ପୂର୍ଣ୍ଣ ପୂଜାରୀ (୨୬) ଜୀବିକା ନିର୍ବାହ ପାଇଁ କଲିଆପାର ଗ୍ରାମର କୈଳାସ ପେଟିଆଙ୍କ ସହ ଦିଲ୍ଲୀ ଯାଇଥିଲେ। କିଛିଦିନ କାମ କରିବା ପରେ ସେ ଗତ ଜୁନ ୬ ତାରିଖରେ ଟ୍ରେନ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ତେବେ ଯାତ୍ରାପଥରେ ସେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ପରିବାରର କହିବା ଅନୁଯାୟୀ, ଟ୍ରେନରେ ପୂର୍ଣ୍ଣଙ୍କ ସହ ଯାତ୍ରା କରୁଥିବା ବ୍ରହ୍ମପୁରର ଜଣେ ବ୍ୟକ୍ତି ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ଆଉ ଦେଖିନଥିଲେ। ହେଲେ ପୂର୍ଣ୍ଣଙ୍କ ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଟ୍ରେନରେ ପଡ଼ି ରହିଥିଲା। ପରେ ସେହି ବ୍ୟକ୍ତି ଜୁନ ୯ ତାରିଖରେ ସମସ୍ତ ସାମଗ୍ରୀ ବ୍ରହ୍ମପୁର ଥାନାରେ ଜମା ଦେଇଥିଲେ ଏବଂ ମୋବାଇଲରୁ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ।

ଏହାପରେ ପୂର୍ଣ୍ଣଙ୍କ ବଡ଼ ଭାଇ ଜୁନ ୧୦ ତାରିଖରେ କୋଟପାଡ଼ ଥାନାରେ ନିଖୋଜ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ତଦନ୍ତରେ ଆଖିଦୃଶିଆ ଅଗ୍ରଗତି ହୋଇନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ଅନ୍ୟପଟେ ବ୍ରହ୍ମପୁର ଯାଇ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଉଥିବା ବେଳେ ଆର୍ଥିକ ଅନଟନ କାରଣରୁ ସେଠାକୁ ଯିବା ସମ୍ଭବ ହେଉନଥିବା ସେମାନେ କହିଛନ୍ତି। ଶେଷରେ ନିଖୋଜ ଯୁବକଙ୍କ ମା' ସୁକମତି ପୂଜାରୀ ଓ ପରିବାର ସଦସ୍ୟମାନେ କୋରାପୁଟ ଏସପିଙ୍କୁ ଭେଟି ଲିଖିତ ଅଭିଯୋଗ ଦାଖଲ କରିବା ସହ ପୂର୍ଣ୍ଣଙ୍କୁ ଶୀଘ୍ର ଠାବ କରିବାକୁ ନିବେଦନ କରିଛନ୍ତି। ଏସପି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

## ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ପ୍ରସ୍ତୁତି ବୈଠକ

**ଟ୍ରକ ମାଲିକଙ୍କ ସମସ୍ୟା ସମାଧାନ ଓ ସଂଘର ବିକାଶକୁ ଦିଆଗଲା ପ୍ରାଥମିକତା**



ଯୋଡ଼ା,୨୧।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ମାଇନିଂ ଏରିଆ ଟ୍ରକ ଓନର୍ସ ଆସୋସିଏସନ୍‌ର ବହୁ ପ୍ରତୀକ୍ଷିତ ନିର୍ବାଚନ ପ୍ରାୟ ୭ ବର୍ଷ ପରେ ଅନୁଷ୍ଠିତ ହୋଇଥିଲା। ଜୁଲାଇ ୧୪ ତାରିଖରେ ହୋଇଥିବା ଏହି ନିର୍ବାଚନରେ ଟ୍ରକ ମାଲିକମାନଙ୍କ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଥିଲା। ନିର୍ବାଚନରେ ସର୍ବାଧିକ ସମର୍ଥନ ହାସଲ କରିଥିବା ପ୍ରାର୍ଥୀମାନେ ବିଜୟୀ ହୋଇ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଛନ୍ତି।

ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥଗ୍ରହଣ ଉତ୍ସବକୁ ସଫଳ କରିବା ଉଦ୍ଦେଶ୍ୟରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା, ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ପରିବହନ ବ୍ୟବସ୍ଥାର ସୁଧାର, ଭଡ଼ା ଦର ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ସଂଘର ସାମଗ୍ରିକ ବିକାଶ ନେଇ ଆଲୋଚନା କରାଯାଇଥିଲା।

ନିର୍ବାଚିତ କର୍ମକର୍ତ୍ତାମାନେ ଟ୍ରକ ମାଲିକଙ୍କ ସ୍ୱାର୍ଥର ସୁରକ୍ଷା ସହିତ ମାଇନିଂ ଏରିଆର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ଉତ୍ସାହ ଓ ଆଶାର ପରିବେଶ ସୃଷ୍ଟି ହୋଇଛି।

ଏହି ନିର୍ବାଚନରେ ଚତୁର୍ଭୁଜ ପଲେଇ ସଭାପତି, ସତ୍ୟପ୍ରିୟ ବାରିକ ସମ୍ପାଦକ, ଅଜୟ ସିନ୍ହା। ଉପ-ସଭାପତି, ସାଗର ମଙ୍ଗରାଜ ଯୁଗ୍ମ ସମ୍ପାଦକ ଏବଂ ସୁରେଶ ଚନ୍ଦ୍ର ଗିରି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ଦଳ ସଂଘକୁ ଆହୁରି ସକ୍ରିୟ ଓ ଶକ୍ତିଶାଳୀ କରିବା ସହ ଟ୍ରକ ମାଲିକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ ପାଇଛି।

### ଲଘୁଚାପ ଜନିତ ଲଗାଣ ବର୍ଷା

## ଗଛ ପଡ଼ି ରାସ୍ତା ଅବରୋଧ

ଫୁଲବାଣୀ,୨୧।୭(ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଥିବାରୁ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ବାଲିଗୁଡ଼ା ରୁ ରାଇକିଆ ଯିବା ରାସ୍ତାରେ ପିରିଗଡ଼ ପୂର୍ବରୁ ରାସ୍ତା ଉପରେ ଏକ ଗଛ ପଡ଼ିବା ଯୋଗୁଁ ଯାତାୟାତ ରେ ବାଧା ସୃଷ୍ଟି ହୋଇଥିଲା । ପ୍ରାୟ ଦୁଇଘଣ୍ଟା ରୁ ଉର୍ଦ୍ଧ ସମୟ ଧରି ରାସ୍ତାର ଦୁଇ ପାଶ୍ୱର୍ରେ ଶତାଧିକ ଯାନବାହାନ ଅଟକି ରହିଥିବାରୁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହୋଇଥିଲେ । ଖବର ପାଇ ବାଲିଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସ୍ୱାଭାବିକ କରିଥିଲେ ।



## ଓସିପିଏଲ ଓ ସେବକ ପକ୍ଷରୁ ଗୋପାଳନ ପ୍ରଶିକ୍ଷଣ ଶିବିର



ସୁନ୍ଦରଗଡ଼,୨୧।୭(ସଂଚାର ବ୍ୟୁରୋ): ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ"ର ମିଳିତ ଉଦ୍ୟମରେ 'ଗୋ ସାଥୀ ପ୍ରକଳ୍ପ'ର ହିତାଧିକାରୀଙ୍କୁ ନେଇ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ, ସୁନ୍ଦରଗଡ଼ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇ ଥିଲା।

ଶିବିରର ପ୍ରମୁଖ ଉଦ୍ଦେଶ୍ୟ ଥିଲା ଗୋ ପାଳନ ପ୍ରଣାଳୀକୁ ଲୋକପ୍ରିୟ କରିବା, ପଶୁ ସ୍ୱାସ୍ଥ୍ୟ ସୁରକ୍ଷା, ପୁଷ୍ଟିକର ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ, ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ଆଧୁନିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼. ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ବସନ୍ତ କୁମାର ବେହେରା, ଓସିପିଲ ଓସିପିଏଲର ଆସିଷ୍ଟାଣ୍ଟ ମ୍ୟାନେଜର ଲୋକନାଥ ସାହୁ ଏବଂ ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ଉପସ୍ଥିତ ରହିଥିଲେ। ମୁଖ୍ୟ ତାଲିମଦାତା ଭାବେ ବଡ଼ଗାଁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ସୁଶାନ୍ତ ନାଏକ ଏବଂ ସବଡେଗା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଅଭିନ୍ନ କେଶରୀ ବେହେରା ଚାଷୀ ମାନଙ୍କୁ ବ୍ୟବହାରିକ ଓ ବୈଜ୍ଞାନିକ ପଦ୍ଧତିରେ ଗୋପାଳନ ଉପରେ ତାଲିମ ପ୍ରଦାନ କରି ଥିଲେ। ଗାଈର ସଠିକ୍ ଯତ୍ନ, ସମୟୋପଯୋଗୀ ଟିକାକରଣ, କୃମିନାଶକ ବ୍ୟବସ୍ଥା, ସନ୍ତୁଳିତ ଖାଦ୍ୟ ପରିଚାଳନା, ଉନ୍ନତ ପ୍ରଜନନ ପ୍ରଣାଳୀ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧିର ବିଭିନ୍ନ ଉପାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## ଗାଡ଼ିଆରେ ବୁଡ଼ି ଭାଇ ଭଉଣୀଙ୍କର ସଲୀଳ ସମାଧି

ନୀଳଗିରି,୨୧।୭(ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟା ପ୍ରାୟ ୫,୩୦ମିନିଟ ସମୟରେ ନୀଳଗିରି ବ୍ଲକ ତଥା ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ମଧୁପୁରିଆ ଗ୍ରାମର ଦଶରଥ ହାଁସଦାଙ୍କ ୧୭ ମାସ ଶିଶୁ ପୁତ୍ର ଦୀପକ ହାଁସଦା ଓ ତାଙ୍କ ଭାଇ ସୁନାରାମ ହାଁସଦାଙ୍କ ୧୫ ମାସର ଶିଶୁ କନ୍ୟା ଶୃତି ହାଁସଦା ଖେଳୁ ଥିବା ସମୟରେ ନିକଟ ଗାଡିଆରେ ପଡିଯାଇଥିଲେ। ତେବେ ଉଭୟଙ୍କ ମାଆ ଜଣେ ଗୋରୁସେବା କରୁଥିବା ବେଳେ ଆଉଜଣେ ସନ୍ଧ୍ୟା ଆଳତି କରୁଥିଲେ। ପରେ ପିଲା ମାନଙ୍କୁ ଘରେ ଦେଖିବାକୁ ନ ପାଇ ଖୋଜା ଖୋଜି କରି ଗାଡିଆକୁ ଯାଇ ଦେଖିବା ବେଳକୁ ସେମାନେ ପାଣିରେ ଭାସୁଥିଲେ। ଉଭୟଙ୍କୁ ତୁରନ୍ତ ଉଦ୍ଧାର କରି ବରହମପୁର ମେଡିକାଲକୁ ଅଣାଯାଇ ଥିଲେ ମଧ୍ୟ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲକୁ ପଠାଯାଇଛି।

## ପୂର୍ବାଞ୍ଚଳ ଆଞ୍ଚଳିକ ପୁଲିସ ସମନ୍ୱୟ କମିଟି ବୈଠକ

# ସୁରକ୍ଷା ଆହ୍ୱାନ କୌଣସି ଗୋଟିଏ ରାଜ୍ୟର ସୀମାରେ ସୀମିତ ନୁହେଁ

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ଆଞ୍ଚଳିକ ପୁଲିସ ସମନ୍ୱୟ କମିଟିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଆରକ୍ଷୀ ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ), କେନ୍ଦ୍ରୀୟ ପୁଲିସ ସଂଗଠନ (ସିପିଓ) ଏବଂ ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ।



ବର୍ତ୍ତମାନ ସମୟରେ ସଂଘଟିତ ଅପରାଧ, ସାଇବର ଅପରାଧ, ମାଦକ ଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ) ଭଳି ସୁରକ୍ଷାଜନିତ ଆହ୍ୱାନ କୌଣସି ଗୋଟିଏ ରାଜ୍ୟର ସୀମା ମଧ୍ୟରେ ସୀମିତ ନୁହେଁ। ଏହି ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ନିରନ୍ତର ଗୁଇନ୍ଦା ସୂଚନାର ଆଦାନପ୍ରଦାନ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ପାରସ୍ପରିକ ବିଶ୍ୱାସ ଓ ମିଳିତ କାର୍ଯ୍ୟ ଶୈଳୀର ପ୍ରମୁଖ ଆବଶ୍ୟକତା ରହିଛି ବୋଲି ଓଡ଼ିଶା ଡିଜିପି କହିଛନ୍ତି।

ଏହି ଦିନିକିଆ ବୈଠକରେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କର ନିୟମିତ ଅନୁଧ୍ୟାନ ଓ ପୁନର୍ବାସ, ଆନ୍ତଃରାଜ୍ୟ ନିଶା କାରବାର ବିରୋଧରେ ମିଳିତ ଅଭିଯାନ, ସାଇବର ଅପରାଧର

**ଆନ୍ତଃରାଜ୍ୟ ଅପରାଧ, ନକ୍ସଲ ଦମନ ଓ ସୁରକ୍ଷା ରଣନୀତି ଚୂଡ଼ାନ୍ତ**

ମୁକାବିଲା ପାଇଁ ରାଜ୍ୟମାନଙ୍କ ମଧ୍ୟରେ ତ୍ୱରିତ ସୂଚନା ବିନିମୟ, ଜିରୋ ଏଫ୍‌ଆଇଆରର ଶୀଘ୍ର ହସ୍ତାନ୍ତର ଓ ସମୟସୀମା ମଧ୍ୟରେ ତଦନ୍ତ, ରେଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଏବଂ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସମେତ ବିଭିନ୍ନ ସମସାମୟିକ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ଆନ୍ତଃରାଜ୍ୟ ଅପରାଧୀମାନଙ୍କ ବିରୋଧରେ ମିଳିତ ଅଭିଯାନ, ଗୁଇନ୍ଦା ସୂଚନାର ରିୟଲ୍‌-ଟାଇମ୍ ବିନିମୟ, ପ୍ରଯୁକ୍ତିଭିତ୍ତିକ ପୁଲିସିଂ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଅଧିକ ସମନ୍ୱିତ କାର୍ଯ୍ୟପଦ୍ଧତି ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଭବିଷ୍ୟତରେ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ନିୟମିତ ବ୍ୟବଧାନରେ ଏଭଳି ସମନ୍ୱୟ ବୈଠକ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଏବଂ ସୁପାରିଶଗୁଡ଼ିକ ପୂର୍ବ ଭାରତରେ ଆଇନଶୃଙ୍ଖଳାର ସୁଦୃଢ଼ୀକରଣ, ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ ଏବଂ ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ଖୁରାନିଆ ଆଶା ପ୍ରକାଶ କରିଛନ୍ତି।

**ଭିସୁଟ୍‌ରେ ତେଜୁଛି ଛାତ୍ର ଆନ୍ଦୋଳନ**

## ହଷ୍ଟେଲ ସମସ୍ୟା ଓ ନିମ୍ନମାନର ଖାଦ୍ୟକୁ ନେଇ ବିକ୍ଷୋଭ



ସମ୍ବଲପୁର, ୨୧।୭ (ସଂଚାର ବ୍ୟୁରୋ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ବ୍ୟାପକ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ଛାତ୍ରାବାସରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମୁଖ୍ୟତଃ ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ, ଜଳ ଯୋଗାଣରେ ଅନିୟମିତତା ଆଦି ମୌଳିକ ସୁବିଧା ସୁଯୋଗର ଅଭାବ ଏବଂ ବିଶ୍ୱବିଦ୍ୟାଳୟରେ ୟୁନିଫର୍ମ (ଡ୍ରେସକୋଡ଼) ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତିକୁ ଛାତ୍ରଛାତ୍ରୀମାନେ ଦୃଢ଼ ବିରୋଧ କରିଛନ୍ତି। ପ୍ରତିବାଦରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ଓ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ବିଶେଷକରି ବିଶ୍ୱବିଦ୍ୟାଳୟର ଡ୍ରେସକୋଡ଼ ବାଧ୍ୟତାମୂଳକ ନିୟମକୁ ଛାତ୍ରୀଛାତ୍ର ଅସହ୍ୟ ଦର୍ଶାଇ ଏହାକୁ ବାତିଲ କରିବାକୁ ଦାବି କରିଛନ୍ତି। କର୍ତ୍ତୃପକ୍ଷ ଯଥାଶୀଘ୍ର ଏହି ସମସ୍ୟାଗୁଡ଼ିକର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଆନ୍ଦୋଳନ ସ୍ଥଳକୁ ଆସି ଭିସୁଟ କର୍ତ୍ତୃପକ୍ଷ ଆନ୍ଦୋଳନରେ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ପ୍ରୟାସ କରି ବିଫଳ ହୋଇଥିବା ସୂଚନା ମିଳିଛି।

## ମାଆକୁ ଗାଁଦାଣ୍ଡରେ ତଳେ ପକେଇ ପିଟିଲା ପୁଅ

ଦିଗପହଣ୍ଡି, ୨୧।୭: ପୁଅ ଭୁଲିଗଲା ରକ୍ତ ସମ୍ପର୍କ। ଯିଏ ତାକୁ ଜନ୍ମ ଦେଇଥିଲା ତାକୁ ହିଁ ହାତ ଉଠାଇବାକୁ ପଛାଇଲାନି ନିର୍ଦ୍ଦୟ ପୁଅ। ଏପରି କିଛି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡିରେ। ପୁଅର ମାଡ଼ରେ ମାଆ ଲହୁଲୁହାଣ ହୋଇଥିବା ନେଇ ଥାନାରେ ମାମଲା ହୋଇଛି। ରିପୋର୍ଟ ଅନୁସାରେ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ମଙ୍ଗରାଜପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ନିଜ ଜନ୍ମିତ ପୁଅର ମାଡ଼ରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳାକୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। କୁହାଯାଉଛି ଯେ, ପୁଅ ବାରମ୍ବାର ମାଆକୁ ସମ୍ପତ୍ତିର ଭାଗ ମାଗୁଥିଲା। କିନ୍ତୁ ମଙ୍ଗଳବାର ମାଆକୁ ଗାଁ ଦାଣ୍ଡରେ ତଳେ ପକାଇ ମାଡ଼ ମରି ଗୁରୁତର କରି ପକାଇଛି। ଆକ୍ରମଣର ଶିକାର ମହିଳାଜଣଙ୍କ ହେଲେ ଲକ୍ଷ୍ମୀ ରେଡ୍ଡୀ। ଲକ୍ଷ୍ମୀଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଦିଗପହଣ୍ଡି ଥାନାର ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

**● ରାସ୍ତାସାରା ଖାଲଖମା ଭର୍ତ୍ତି**

## ଧାନତଳି ରୋଇ ପ୍ରତିବାଦ କଲେ ସ୍ଥାନୀୟ ଲୋକେ

ଚଣ୍ଡୀଖୋଲ, ୨୧।୭ (ସଂଚାର ବ୍ୟୁରୋ): ଖାଲଖମାରେ ଭର୍ତ୍ତି ହୋଇ ଗଲାଣି ବାଲିଚନ୍ଦ୍ରପୁର ବଜାରର ପୂର୍ତ୍ତ ବିଭାଗ ରାସ୍ତା। ଏଥିପାଇଁ ଯାତାୟତରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଏହି ଖାଲରେ ପଡ଼ି ଅନେକ ସ୍କୁଲ କଲେଜ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଅଭିଯୋଗ ଅନୁସାରେ, ପଙ୍ଗାମୁଣ୍ଡାଇ କେନାଲ ବନ୍ଧ ନୂଆ ପୋଲ ନିକଟରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାର ମରାମତି ପାଇଁ ଅନେକଥର ସ୍ଥାନୀୟ ଲୋକେ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କେହି ଏଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ମଙ୍ଗଳବାର ଅନନ୍ତ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ଧାନ ତଳି ରୋଇ ପ୍ରତିବାଦ କରିଛନ୍ତି। ସତ୍ୟାନନ୍ଦ ମଲ୍ଲିକ, ପ୍ରକାଶ ବଳ, ନିବାରଣ ସାହୁ, ବିମଳ ଧଳ ଓ ସାରଦା ପ୍ରସନ୍ନ ବଳ ପ୍ରମୁଖ ଏହି ପ୍ରତିବାଦ ଜଣାଇଥିଲେ। ଏହି ଖାଲ ଖମା ଭର୍ତ୍ତି ବାଲିଚନ୍ଦ୍ରପୁର ବଜାର ରାସ୍ତାର ତୁରନ୍ତ ମରାମତି କରା ନଗଲେ ଉପରୋକ୍ତ ଯୁବ ପ୍ରତିନିଧିମାନେ ଖୁବଶୀଘ୍ର ରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



**● ଭକ୍ତଙ୍କ ଧର୍ମଭାବନା ପ୍ରତି ଆଘାତ ଅଭିଯୋଗ**

## ଉପ-ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ନୟାଗଡ଼ରେ ଜଗନ୍ନାଥ ସଂସ୍କୃତିକୁ ଅପମାନ ଓ ଭକ୍ତଙ୍କ ଧର୍ମଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗରେ ଏଣ୍ଡୋମେଣ୍ଟ କମିଶନ ଓ ନୟାଗଡ଼ ଉପ-ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରିବାକୁ ଆରଟିଆଇ କର୍ମୀ ଜୟନ୍ତ ଦାସ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଚଳିତବର୍ଷ ରଥଯାତ୍ରାରେ ନୟାଗଡ଼ରେ ଉପଜିଲ୍ଲାପାଳଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଉପରେ ଛେରାପହଁରା କରିବାକୁ ଏଣ୍ଡୋମେଣ୍ଟ କମିଶନ ନିର୍ଦ୍ଦେଶ ଦେଇଥିବା ଖବର ଅତ୍ୟନ୍ତ ଉଦ୍‌ବେଗଜନକ। ଉପଜିଲ୍ଲାପାଳ ଜନତାଙ୍କ ସେବକ ହୋଇ ରାଜା ବେଶରେ ମହାପ୍ରଭୁଙ୍କ ସେବକ ଭାବେ ମୁକୁଟ ଧାରଣ କରି ଓ ଖଣ୍ଡା ଧରି ଛେରାପହଁରା କରିବାକୁ ପହଞ୍ଚିଥିଲେ। କିନ୍ତୁ ଜନସାଧାରଣଙ୍କ ତୀବ୍ର ବିରୋଧ ପରେ ସେ ଫେରି ଆସିଥିଲେ। ଏପରି ନିଷ୍ପତ୍ତି ଶ୍ରୀଜଗନ୍ନାଥ ସଂସ୍କୃତି, ପ୍ରଚଳିତ ପରମ୍ପରା ଓ ପବିତ୍ର ଆଚାରବିଧି ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା ସହିତ ଅସଂଖ୍ୟ ଭକ୍ତଙ୍କ ଧର୍ମଭାବନାକୁ ଆଘାତ ପହଞ୍ଚାଇଛି ବୋଲି ସେ କହିଛନ୍ତି। ସରକାରୀ ଅଧିକାରୀଙ୍କୁ ଏଭଳି ଧାର୍ମିକ ଆଚାରରେ ଜଡ଼ାଇବା ସମ୍ପୂର୍ଣ୍ଣ ଅନୁଚିତ ଏବଂ ଭବିଷ୍ୟତରେ ପୁରୀ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏକ ବିପଜ୍ଜନକ ଦୃଷ୍ଟାନ୍ତ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଧାର୍ମିକ ପରମ୍ପରାର ସୁରକ୍ଷା ପାଇଁ ସ୍ପଷ୍ଟ ନୀତି ପ୍ରଣୟନ କରି ଭବିଷ୍ୟତରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନହେବ ସେନେଇ ପଦକ୍ଷେପ ନେବାକୁ ସେ ଅପିଲ କରିଛନ୍ତି।



## ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍, ୨ ଡ୍ରାଇଭର ଆହତ



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ଖଣ୍ଡଗିରି ଓଭରବ୍ରିଜ ଉପରେ ଭୟଙ୍କର ଦୁର୍ଘଟଣା । ଆଗରେ ଟ୍ରକ, ପଛରେ ଟ୍ରଲର। ମାଲ ବୋଝେଇ ଟ୍ରକ ଉପରେ ମାଡ଼ିଗଲା ମାଲ ବୋଝେଇ ଟ୍ରଲର। ଖୋର୍ଦ୍ଧା ଆଡ଼କୁ ଯିବା ବେଳେ ଦୁର୍ଘଟଣା ଗ୍ରସ୍ତ ହେଲା ଟ୍ରଲର। ଭୟଙ୍କର ଭାବରେ ଚାପିହୋଇଗଲେ ଟ୍ରଲର ଡ୍ରାଇଭର। ଅଗ୍ନିଶମ ଓ ପୋଲିସର ମିଳିତ ପ୍ରୟାସରେ ଦୀର୍ଘ ଘଣ୍ଟା ପରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା । କଟରରେ କାଟି ଡ୍ରାଇଭରଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣାରେ ଟ୍ରଲରର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହୋଇଯାଇଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଟ୍ରାଫିକ୍ ଜାମ୍ ଥିବାରୁ ଗାଡ଼ି ଅଟକି ରହିଛି । ସୂଚନା ଅନୁସାରେ ଗତକିଛି ଦିନ ତଳେ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ମର୍ମନ୍ତୁଦ ହିଟ୍-ଆଣ୍ଡ-ରନ୍ ଘଟଣା ସାମ୍ନାକୁ ଆସିଥିଲା । ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ଜଣ ଯୁବକଙ୍କର ମୃତ୍ୟୁ ଘଟିଥିଲା । ଦୁଇ ଯୁବକ ଏକ ମୋଟରସାଇକେଲରେ ଯାଉଥିବା ସମୟରେ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଏକ ଦ୍ରୁତଗାମୀ ଅଜଣା ଗାଡ଼ି ସେମାନଙ୍କୁ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲା ।

**ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପ୍ରସ୍ତୁତି**

## ଆଜ୍ଞାମାଳ ବିଜେ ପରେ ତିନିରଥର ଦକ୍ଷିଣ ମୋଡ଼ ପ୍ରକ୍ରିୟା

ପୁରୀ, ୨୧।୭ (ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଆଜ୍ଞାମାଳ ବିଜେ ପରେ ତିନି ରଥର ଦକ୍ଷିଣ ମୋଡ଼ ପ୍ରକ୍ରିୟା ଚାଲିଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ତାଳଧ୍ୱଜ ରଥଙ୍କ ଦକ୍ଷିଣ ମୋଡ଼ ବର୍ତ୍ତମାନ ସ୍ଥାନରେ ସ୍ଥଗିତ ରଖାଯାଉଛି। ଆସନ୍ତାକାଲି ନନ୍ଦିଘୋଷ ରଥ ସହିତ ଶରଧାବାଲି ଅଭିମୁଖେ ଏହାକୁ ଟଣାଯିବ। ସୁରକ୍ଷା ବାହିନୀ ପକ୍ଷରୁ ସମସ୍ତ ରଥର ବର୍ତ୍ତମାନ ସ୍ଥାନରେ ଆବଶ୍ୟକ ବ୍ୟାରିକେଡିଂ ଓ ସୁରକ୍ଷା ବ୍ୟବସ୍ଥା କରାଯିବ।



ସେହିପରି ବଡ଼ଦାଣ୍ଡରେ ଯାତାୟାତ ସ୍ୱାଭାବିକ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ଦେଇ ଆଡ଼ପମଣ୍ଡପ ବିଜେ କରିଥିବାବେଳେ ନାକଚଣା ଦ୍ୱାର ଦେଇ ବାହୁଡ଼ା ଯାତ୍ରାରେ ବାହାରିଥାନ୍ତି। ସକାଳଧୂପ ପରେ ରଥକୁ ଆଜ୍ଞାମାଳ ବିଜେ କରାଯିବ ଓ ଏହାପରେ ୩ ରଥକୁ ନାକଚଣା ଦ୍ୱାର ନିକଟକୁ ଟଣାଯିବ। ପ୍ରଥମେ ଦେବଦଳନ ରଥ ଓ ପରେ ପରେ ନନ୍ଦିଘୋଷ ଓ ଶେଷରେ ତଳଧ୍ୱଜ ରଥ ଟଣାଯିବ। ଗତକାଲି ଅନୁଷ୍ଠିତ ହୋଇଯାଇଛି ହେରାପଞ୍ଚମୀ ନିତି। ବିଧିପରମ୍ପରା ପୂର୍ବକ ଆଡ଼ପମଣ୍ଡପରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ସଂଧ୍ୟା ଆଳତୀ ପରେ ବିମାନ ଓ ପଟୁଆରରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।

## ପୁଣି ଜବତ ହେଲା ୧ କୋଟି ୩୨ ଲକ୍ଷ ଟଙ୍କାର ଗଞ୍ଜେଇ

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ଜବତ ହେଲା ବିପୁଳ ପରିମାଣର ଗଞ୍ଜେଇ। କନ୍ଧମାଳରୁ ଝାଡ଼ଖଣ୍ଡ ଚାଲାଣ ବେଳେ ଏସ୍‌ଟିଏଫ୍ ଟିମ୍ ଏକ ବୋଲେରୋ ଗାଡିକୁ କାବୁ କରି ସେଥିରୁ ୨ କ୍ୟୁଣ୍ଟାଲ ୬୩ କେଜି ପରିମାଣର ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ କୋଟି ୩୨ ଲକ୍ଷ ଟଙ୍କା ହେବ । ଘଟଣାରେ ୨ ନିଶା ମାଫିଆଙ୍କୁ ଗିରଫ କରିବା ସହ ବୋଲେରୋ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ନରମସିଂ ଦିଗଲ ଓ ମୃତ୍ୟୁଞ୍ଜୟ ଦିଗଲ। ବଡ଼ଗଡ଼ ଥାନା ବାଙ୍କୁଆଳ ବାଲିଯାତ୍ରା ପଡ଼ିଆ ନିକଟରୁ ଏହି ଗଞ୍ଜେଇ ଜବତ ହୋଇଛି । ପୋଲିସ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଏକ ବୋଲେରୋ ଗାଡିକୁ ଜବତ କରିଛି । ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟର ବିଭିନ୍ନ ସେକ୍ସନରେ ଏକ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଗତକାଲି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ବିପୁଳ ପରିମାଣର ଗଞ୍ଜେଇକୁ ଝାଡ଼ଖଣ୍ଡ ଚଳାଣ କରଯାଉଥିଲା ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି । ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ଟିଏଫ୍ ପ୍ରୟାସ ଚଳାଇଛି ।



**ସୁକିନ୍ଦାରେ ଟାଟା କମ୍ପାନୀର ଅନିୟନ୍ତ୍ରିତ ବ୍ଲାଷ୍ଟିଂ**

## ଭୟ ଓ ଅନିଶ୍ଚିତତାରେ କଂସ ପଞ୍ଚାୟତ ଲୋକେ

ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂସ ଗ୍ରାମପଞ୍ଚାୟତର ହାତୀହୁଡ଼ି ଏବଂ କମର୍ଦ୍ଦା ମୁଣ୍ଡାସାହି ଗ୍ରାମରେ ଟାଟା କମ୍ପାନୀର ଖଣିଖନନ ଯୋଗୁଁ ସୃଷ୍ଟି ହୋଇଥିବା ଜନଜୀବନ ଓ ପରିବେଶଗତ ସମସ୍ୟାର ସ୍ଥାୟୀ ସମାଧାନ ନେଇ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ, ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂସ ଗ୍ରାମପଞ୍ଚାୟତର ହାତୀହୁଡ଼ି ଏବଂ କମର୍ଦ୍ଦା ମୁଣ୍ଡାସାହି ଅଞ୍ଚଳରେ ଟାଟା କମ୍ପାନୀ ପକ୍ଷରୁ ଚାଲିଥିବା ଖଣି ଖନନ (କମର୍ଦ୍ଦା ଏବଂ ସାରୁଆବିଲ ଦୈତ ଖଣି) କାର୍ଯ୍ୟକଳାପ ଫଳରେ କମର୍ଦ୍ଦା ମୁଣ୍ଡାସାହି ଏବଂ ହାତୀହୁଡି ଗାଁର ଲୋକମାନେ ଦୀର୍ଘଦିନ ଧରି ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖଣି ଅଞ୍ଚଳରେ ନିୟମିତ ଏବଂ ଅନିୟନ୍ତ୍ରିତ ବ୍ଲାଷ୍ଟିଂ କାରଣରୁ ଗ୍ରାମବାସୀଙ୍କ ଘରଗୁଡିକରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଏଥିରୁ ଛାତ ଘର ମଧ୍ୟ ରକ୍ଷା ପାଇପାରୁନାହିଁ। ଅନେକ ଘର ବସବାସ ପାଇଁ ଅସୁରକ୍ଷିତ ହୋଇପଡ଼ିଥିବାରୁ ଗ୍ରାମବାସୀ ଭୟ ଏବଂ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ, ଖଣିର ଡମ୍ପିଂୟାର୍ଡରୁ ନିର୍ଗତ କ୍ରୋମାଇଟ ମିଶ୍ରିତ ବର୍ଜ୍ୟଜଳ ନିକଟସ୍ଥ ଚାଷଜମି, ନାଳ ଓ ପୋଖରୀରେ ମିଶୁଥିବାରୁ ଚାଷ ଜମିର ଉର୍ବରତା ହ୍ରାସ ପାଉଛି, ଫସଲ ନଷ୍ଟ ହେଉଛି ଏବଂ ଜଳ ପ୍ରଦୂଷଣ ଗୁରୁତର ଆକାର ଧାରଣ କରିଛି। ଏହାର ପ୍ରଭାବରେ ସ୍ଥାନୀୟ ଲୋକମାନେ ବିଭିନ୍ନ ପ୍ରକାର ଚର୍ମ, ଶ୍ୱାସକ୍ରିୟା, ବୃକକ ଓ ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡିତ ହେଉଛନ୍ତି ବୋଲି ସେ କହିଛନ୍ତି।



**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ପ୍ରୀତିରଞ୍ଜନ**

କମ୍ପାନୀ ପକ୍ଷରୁ ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପ୍ରତି ଆବଶ୍ୟକୀୟ ଦାୟିତ୍ୱ ପାଳନ କରାଯାଉନାହିଁ। ଫଳସ୍ୱରୂପ କମ୍ପାନୀ ବ୍ୟାପକ ଆର୍ଥିକ ଲାଭ ଅର୍ଜନ କରୁଥିବାବେଳେ ସ୍ଥାନୀୟ ଲୋକେ ନିଜ ଜୀବନ, ଜୀବିକା, ସ୍ୱାସ୍ଥ୍ୟ ଓ ସମ୍ପତ୍ତିର କ୍ଷତି ସହୁଛନ୍ତି। ଏହି ସମସ୍ୟାନେଇ କ୍ଷତିଗ୍ରସ୍ତ ଲୋକ ଓ ଲୋକପ୍ରତିନିଧି ବାରମ୍ବାର ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଓ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ନିରୀହ ଆଦିବାସୀ ଜନସାଧାରଣଙ୍କ ଜୀବନ, ଜୀବିକା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶର ଉନ୍ନତି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଛନ୍ତି।

## ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ତଦନ୍ତ ରିପୋର୍ଟ ହଜିବାକୁ ନେଇ ଉଦ୍‌ବେଗ

**ସିବିଆଇ ତଦନ୍ତ ଦାବି କଲା ବିଶ୍ୱ ହିନ୍ଦୁ ପରିଷଦ**

ନୂଆଦିଲ୍ଲୀ, ୨୧।୭: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ତଦନ୍ତ ପାଇଁ ଗଠିତ ଆୟୋଗଙ୍କ ରିପୋର୍ଟ ନିଖୋଜ ହେବା ନେଇ ବିଶ୍ୱ ହିନ୍ଦୁ ପରିଷଦ ଉଦବେଗ ପ୍ରକାଶ କରିବା ସହ ସିବିଆଇ ତଦନ୍ତ ଲାଗି ଦାବି କରିଛି। ଓଡ଼ିଶାରେ ଧର୍ମାନ୍ତରଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧ ଲଗାଇବାକୁ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ପ୍ରବନ୍ଧ ସମିତିର ଦୁଇଦିନିଆ ବୈଠକରେ ପ୍ରସ୍ତାବ ଦିଆଯାଇଛି।




ନୂଆଦିଲ୍ଲୀସ୍ଥିତ ତେରାପନ୍ଥ ଭବନରେ ହୋଇଥିବା ବୈଠକରେ ଦେଶବ୍ୟାପୀ କେନ୍ଦ୍ରୀୟ ପଦାଧିକାରୀ ଓ ପ୍ରବନ୍ଧ ସମିତିର ସଦସ୍ୟମାନେ ଯୋଗଦେଇଥିଲେ। ବର୍ତ୍ତମାନ ସମୟର ଚ୍ୟାଲେଞ୍ଜର ସମାଧାନ ପାଇଁ ସମାଜ ଓ ଶାସନ ଉଭୟ ସ୍ତରରେ ଗମ୍ଭୀର ପଦକ୍ଷେପ ଆବଶ୍ୟକ ବୋଲି ବୈଠକରେ ଆଲୋଚନା ହୋଇଛି। ସନ୍ତଶିରୋମଣି ଗୁରୁ ରବିଦାସଜୀଙ୍କ ୬୫୦ତମ ଜନ୍ମଜୟନ୍ତୀ ଅବସରରେ ଏକ ବିଶେଷ ବକ୍ତବ୍ୟ ଗୃହୀତ ହୋଇଛି। ପରିଷଦ କହିଛି ଯେ, ସନ୍ଥ ରବିଦାସଜୀଙ୍କ ସାମାଜିକ ସମାନତା, ଆଧ୍ୟାତ୍ମିକ ଚେତନା ଓ ମାନବୀୟ ମର୍ଯ୍ୟାଦାର ବାର୍ତ୍ତା ଆଜି ମଧ୍ୟ ସମଗ୍ର ଭାରତୀୟ ସମାଜ ପାଇଁ ପ୍ରେରଣାର ଉତ୍ସ। ପରିଷଦ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସଙ୍କଳ୍ପ ନେଇଛି।

ସେପ୍ଟେମ୍ବର ୨୭ତାରିଖରେ ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପ୍ରଣେତା ଶ୍ରଦ୍ଧେୟ ଅଶୋକ ସିଂଘଲଜୀଙ୍କ ଜନ୍ମଶତବାର୍ଷିକୀ ପାଳନ କରାଯିବ। ତାଙ୍କ ଜନ୍ମଶତବାର୍ଷିକୀ ବର୍ଷରେ ବିଶ୍ୱ ହିନ୍ଦୁ ପରିଷଦ ସଂଗଠନର ବିସ୍ତାର ଉପରେ ବିଶେଷ ଗୁରୁତ୍ୱ ଦେବ। ଅଶୋକ ସିଂଘଲଜୀ ରାମ ମନ୍ଦିର ଆନ୍ଦୋଳନକୁ ସୁଦୃଢ଼ ନେତୃତ୍ୱ ପ୍ରଦାନ କରିଥିଲେ, ହିନ୍ଦୁ ଜାଗରଣ ଅଭିଯାନକୁ ଆଗେଇ ନେଇଥିଲେ, ସାମାଜିକ ସମରସତାକୁ ପ୍ରୋତ୍ସାହନ ଦେଇଥିଲେ।

# ଜେଲରେ କଏଦୀଙ୍କୁ ଜଗିବ ଏଆଇ କ୍ୟାମେରା

- ଜେଲ ବିକାଶ ବୋର୍ଡ ବୈଠକରେ ନିଷ୍ପତ୍ତି
- ୭ ସର୍କଲ ଜେଲରେ ଆରମ୍ଭ ହେବ ମୁକ୍ତାକାଶ କାରାଗାର
- ସବୁ ଜେଲରେ ରହିବ କାରାଗାର ଗୁଇନ୍ଦା ୟୁନିଟ



ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ଜେଲ୍ ଭିତରେ ଓ ପରିସରରେ କଏଦୀଙ୍କୁ ଜଗିବା ପାଇଁ ରାଜ୍ୟର ସବୁ ଜେଲରେ ଏଆଇ କ୍ୟାମେରା ଲଗାଯିବ। ଏବେ ସୁଦ୍ଧା ୨୦ଟି ଜେଲରେ ଲାଗି ସାରିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜେଲ ବିକାଶ ବୋର୍ଡରେ ବୈଠକ ପରେ ଜେଲ ଡିଜି ସୁଶାନ୍ତ ନାଥ ଏହି ସୂଚନା ଦେଇଛନ୍ତି।

ବୈଠକରେ କଏଦୀ ଯେଭଳି ଫେରାର ନହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଜେଲ୍ ଡିଜି ସୁଶାନ୍ତ ନାଥ କହିଛନ୍ତି, ଏଆଇ କ୍ୟାମେରା ଲାଗିବା ପରେ ଖସିପାରୁ ନାହାନ୍ତି କଏଦୀ। ରାଜ୍ୟର ୭ଟି ସର୍କଲ ଜେଲରେ ଆରମ୍ଭ ହେବ ମୁକ୍ତାକାଶ ଜେଲ। ଚୌଦ୍ୱାର, ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ବାରିପଦା, କୋରାପୁଟ ଓ ଫୁଲବାଣୀ ସର୍କଲ ଜେଲରେ ମୁକ୍ତାକାଶ ଜେଲ ପାଇଁ ପ୍ରସ୍ତାବ ଦିଆଯାଇଛି। କଏଦୀମାନଙ୍କ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସେବା ନେଇ ମଧ୍ୟ ଆଲୋଚନା ହୋଇଛି। ସୋହେଲା, କାଶୀପୁର, ଲକ୍ଷ୍ମୀପୁର ଭଳି ସ୍ଥାନରେ ବ୍ୟବହୃତ ହେଉ ନଥିବା ଜେଲ ବିଲ୍ଡିଂ ଦକ୍ଷତା-ବିକାଶ-କେନ୍ଦ୍ରକୁ ଦିଆଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଛୁରୀ, ମୋବାଇଲ ଆଦି ଅସ୍ତ୍ରଶସ୍ତ୍ର ଇତ୍ୟାଦି ଚିହ୍ନଟ କରିବା ପାଇଁ ହ୍ୟାଣ୍ଡହେଲ୍ଡ ମେଟାଲ ଡିଟେକ୍ଟର ଭଳି ଆଧୁନିକ ସୁରକ୍ଷା ଉପକରଣର ବ୍ୟବହାର ନିମନ୍ତେ ପଦକ୍ଷେପ ନିଆଯାଇଛି। କାରାଗାର ଗୁଇନ୍ଦା ୟୁନିଟ୍ ସ୍ଥାପନ ଓ କାରାଗାର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଅଧିକ ସଂଖ୍ୟକ ଦୋଷୀ ସାବ୍ୟସ୍ତ ଅଥଚ ବିଶ୍ୱସନୀୟ ବନ୍ଦୀଙ୍କୁ କାରାଗାର ଭିତରେ ଶୃଙ୍ଖଳା ରକ୍ଷା, ବନ୍ଦୀଙ୍କ ଗତିବିଧି ଉପରେ ନଜର ରଖିବା, ପରିଷ୍କାର-ପରିଚ୍ଛନ୍ନତା, ଇତ୍ୟାଦି ଆଭ୍ୟନ୍ତରୀଣ ସହାୟକ କାର୍ଯ୍ୟରେ ନିୟୋଜିତ କରାଯାଉଛି ବୋଲି ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ବୁଧବାର ୨୨ ଜୁଲାଇ ୨୦୨୬
BUSINESS

# ଲଞ୍ଚ ହେଲା ରୟାଲ ଏନ୍‌ଫିଲ୍ଡ ସଟ୍‌ଗନ ୬୫୦ଏକ୍ସ ରଫ୍ କ୍ରାଫ୍ଟସ ବାଇକ



ନୂଆଦିଲ୍ଲୀ, ୨୧।୭: ଆପଣ ଏମିତି ଏକ ବାଇକ କିଣିବାକୁ ଚାହୁଁଛନ୍ତି ଯାହାର ପରଫର୍ମାନ୍ସ ଜବରଦସ୍ତ ଥିବା ଓ ଲୁକ୍‌ରେ ବି ଏକ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା। ତେବେ ରୟାଲ ଏନଫିଲ୍ଡ ଆପଣଙ୍କ ପାଇଁ ଏକ ଖାସ୍ ଲିମିଟେଡ୍ ଏଡିସନ ବାଇକ ନେଇ ଆସିଛି। କମ୍ପାନୀ ଏହାର ଲୋକପ୍ରିୟ ସଟ୍‌ଗନ ୬୫୦ରର ଲିମିଟେଡ୍ ଏଡିସନ ସଟ୍‌ଗନ ୬୫୦ଏକ୍ସ ରଫ କ୍ରାଫ୍ଟସ୍ ଭାରତରେ ଲଞ୍ଚ କରିଛି। ସବୁଠାରୁ ବଡ଼ କଥା ହେଲା ସାରା ବିଶ୍ୱରେ ଏହାର କେବଳ ୧୦୦ଟି ୟୁନିଟ ତିଆରି ହେବ। ହେଲେ ଭାରତରେ ୨୫ ଗ୍ରାହକଙ୍କୁ ଏହି ବାଇକ କିଣିବାକୁ ସୁଯୋଗ ମିଳିବ। ଏଥିପାଇଁ ବାଇକ ଲଞ୍ଚ ହେବା ସହିତ ଅଟୋମୋବାଇଲ ପ୍ରେମିଙ୍କ ମଧ୍ୟରେ ଚର୍ଚ୍ଚା ସାଉଁଟିଛି।

ସଟ୍‌ଗନ ୬୫୦ଏକ୍ସ ରଫ୍ କ୍ରାଫ୍ଟସ୍‌ର ଏକ୍ସ-ଶୋରୁମ୍ ଦାମ ୫.୭୫ ଲକ୍ଷ ଟଙ୍କା ରଖାଯାଇଛି। ଏହା ଷ୍ଟାଣ୍ଡାର୍ଡ ସଟ୍‌ଗନ ୬୫୦ ତୁଳନାରେ ଅଧିକ ଦାମୀ, କାରଣ ଏଥିରେ ସ୍ୱତନ୍ତ୍ର ଡିଜାଇନ୍, ପ୍ରିମିୟମ ଫିନିଶ୍ ଏବଂ ଲିମିଟେଡ୍ ଏଡିସନର ଖାସ୍ ଫିଚର୍ସ ରହିଛି। ଏହି ବାଇକକୁ ସାଧାରଣ ଉପାୟରେ କିଣି ହେବ ନାହିଁ। ଆଗ୍ରହୀ ଗ୍ରାହକଙ୍କୁ ପ୍ରଥମେ ରୟାଲ ଇନ୍‌ଫିଲ୍ଡର ୱେବସାଇଟ୍‌ରେ ରେଜିଷ୍ଟ୍ରେସନ୍ କରିବାକୁ ପଡ଼ିବ। ତା'ପରେ କମ୍ପାନି ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ଚୟନିତ ଗ୍ରାହକଙ୍କୁ ଏହି ବାଇକ୍ କିଣିବାକୁ ସୁଯୋଗ ଦେବ। ଏହି ଲିମିଟେଡ୍ ଏଡିସନକୁ ପ୍ରସିଦ୍ଧ ତାଇୱାନୀ କଷ୍ଟମ୍ ମୋଟରସାଇକେଲ୍ ଡିଜାଇନ୍ ଷ୍ଟୁଡିଓ ରଫ କ୍ରାଫ୍ଟସ୍ ସହଯୋଗରେ ପ୍ରସ୍ତୁତ କରାଯାଇଛି। ଏହାର ଡିଜାଇନ୍ କମ୍ପାନିର କଷ୍ଟମ୍ ମୋଟରସାଇକେଲ୍ କାଲିବର ରୟାଲେରୁ ପ୍ରେରିତ, ଯାହାକୁ ପ୍ରଥମଥର ପାଇଁ ଇଆଇସିଏମଏ ମୋଟର ଶୋ'ରେ ପ୍ରଦର୍ଶନ କରାଯାଇଥିଲା। ସେହି ଡିଜାଇନରେ ଏହାକୁ ତିଆରି କରାଯାଇଛି।

ଏହି ବାଇକର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ସ୍ୱତନ୍ତ୍ର ଡିଜାଇନ୍। ଏଥିରେ ବ୍ଲାକ୍ ପେଣ୍ଟ ସ୍କିମ୍, ଗୋଲ୍‌ଡେନ୍ ପିନ୍‌ଷ୍ଟ୍ରାଇପିଂ, ବ୍ରାସ୍ ଟ୍ୟାଙ୍କ ବ୍ୟାଜ୍, ପ୍ରିମିୟମ କ୍ୱିଲ୍ଟେଡ୍ ସିଟ୍, ବାର୍-ଏଣ୍ଡ ମିରର୍ ସହ ଅନେକ ଏକ୍ସକ୍ଲୁସିଭ୍ ଷ୍ଟାଇଲିଂ ଏଲିମେଣ୍ଟ ଦିଆଯାଇଛି। ଏହିସବୁ ନୂଆ ପରିବର୍ତ୍ତନଗୁଡ଼ିକ ଏହାକୁ ଷ୍ଟାଣ୍ଡାର୍ଡ ସଟ୍‌ଗନ ୬୫୦ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଲୁକ ଦେଉଛି। କଷ୍ଟମ୍ ଲୁକ୍ ଯୋଗୁ ଏହା ରାସ୍ତାରେ ସହଜରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହି ଲିମିଟେଡ୍ ଏଡିସନର ବାହ୍ୟ ଡିଜାଇନରେ ବଡ଼ ପରିବର୍ତ୍ତନ ଥିଲେ ମଧ୍ୟ ଇଞ୍ଜିନ୍ ଓ ପରଫର୍ମାନ୍ସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏଥିରେ ୬୪୮ ସିସି ପାରାଲେଲ୍-ଟ୍ୱିନ୍, ଏୟାର-ଅଏଲ୍ କୁଲ୍ଡ ଇଞ୍ଜିନ୍ ରହିଛି, ଯାହା ପ୍ରାୟ ୪୭ PS ଶକ୍ତି ଏବଂ ୫୨ Nm ଟର୍କ ଉତ୍ପାଦନ କରେ। ଇଞ୍ଜିନ୍ ସହ ୬-ସ୍ପିଡ୍ ଗିୟରବକ୍ସ ଏବଂ ସ୍ଲିପର୍ କ୍ଲଚ୍ ମଧ୍ୟ ଦିଆଯାଇଛି। ଅର୍ଥାତ୍ ରାଇଡିଂ ଅନୁଭବ ଷ୍ଟାଣ୍ଡାର୍ଡ ସଟ୍‌ଗନ ୬୫୦ ପରି ରହିବ, କିନ୍ତୁ ଏହାର ଏକ୍ସକ୍ଲୁସିଭ ଲୁକ୍ ଏହାକୁ ସ୍ୱତନ୍ତ୍ର କରୁଛି।

ରୟାଲ ଇନ୍‌ଫିଲ୍ଡ ଏହି ଲିମିଟେଡ୍ ଏଡିସନର ପ୍ରତ୍ୟେକ ୟୁନିଟକୁ ଏକ ୟୁନିକ୍ ସିରିଆଲ୍ ନମ୍ବର ଦେବ। ଫଳରେ ପ୍ରତ୍ୟେକ ବାଇକ୍ ଏକ ସ୍ୱତନ୍ତ୍ର ପିସ୍ ଭାବେ ଚିହ୍ନଟ ହେବ। ଅଟୋମୋବାଇଲ୍ ବିଶେଷଜ୍ଞମାନଙ୍କ ମତରେ, ଭବିଷ୍ୟତରେ ଏପରି ଲିମିଟେଡ୍ ଏଡିସନ୍ ବାଇକର ରିସେଲ୍ ଭାଲ୍ୟୁ ମଧ୍ୟ ଅଧିକ ହୋଇପାରେ, କାରଣ ଏହାର ଉପଲବ୍ଧତା ଅତ୍ୟନ୍ତ ସୀମିତ।

ବର୍ତ୍ତମାନ ବିଶ୍ୱବ୍ୟାପୀ କେବଳ ପରଫର୍ମାନ୍ସ ନୁହେଁ, ବରଂ ଏକ୍ସକ୍ଲୁସିଭ୍ ଡିଜାଇନ୍ ଏବଂ ସୀମିତ ସଂଖ୍ୟାରେ ତିଆରି ହୋଇଥିବା ମୋଟରସାଇକେଲ୍‌ରେ ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଏପରି ବାଇକଗୁଡ଼ିକ କେବଳ ଯାତାୟାତର ମାଧ୍ୟମ ନୁହେଁ, ବରଂ କଲେକ୍ସନର ଏକ ମୂଲ୍ୟବାନ ଅଂଶ ହୋଇଯାଉଛି। ରୟାଲ ଇନ୍‌ଫିଲ୍ଡ ମଧ୍ୟ ଗତ କିଛି ବର୍ଷ ଧରି ଆନ୍ତର୍ଜାତୀୟ ଡିଜାଇନର୍ ଏବଂ କଷ୍ଟମ୍ ବାଇକ୍ ନିର୍ମାତାଙ୍କ ସହ ମିଶି ଏପରି ସ୍ପେଶାଲ୍ ଏଡିସନ୍ ବଜାରକୁ ଆଣୁଛି। ଫଳରେ କମ୍ପାନିର ପ୍ରିମିୟମ ବ୍ରାଣ୍ଡ ଇମେଜ୍ ଆହୁରି ସୁଦୃଢ଼ ହୋଇଛି।

ଯଦି ଆପଣ ଦୈନନ୍ଦିନ ବ୍ୟବହାର ପାଇଁ ବାଇକ୍ କିଣିବାକୁ ଚାହୁଁଛନ୍ତି, ତେବେ ଷ୍ଟାଣ୍ଡାର୍ଡ ସଟ୍‌ଗନ ୬୫୦ ଅଧିକ ବ୍ୟବହାରିକ ବିକଳ୍ପ ହୋଇପାରେ। କିନ୍ତୁ ଯଦି ଆପଣ ରୟାଲ ଇନ୍‌ଫିଲ୍ଡର ବଡ଼ ପ୍ରଶଂସକ, କିଛି ଅଲଗା ଏବଂ ଅତ୍ୟନ୍ତ ସ୍ୱତନ୍ତ୍ର ବାଇକ୍ କିଣିବାକୁ ଚାହୁଁଛନ୍ତି କିମ୍ବା କଲେକ୍ଟର୍ସ ଏଡିସନ୍ ମୋଟରସାଇକେଲ୍ରେ ଆଗ୍ରହୀ, ତେବେ ସଟ୍‌ଗନ ୬୫୦ x ରଫ କ୍ରାଫ୍ଟସ୍ ଆପଣଙ୍କ ପାଇଁ ଏକ ଉତ୍କୃଷ୍ଟ ବିକଳ୍ପ ହୋଇପାରେ। ଭାରତରେ ମାତ୍ର ୨୫ଟି ୟୁନିଟ୍ ଉପଲବ୍ଧ ଥିବାରୁ ଆଗାମୀ ଦିନରେ ଏହା ରୟାଲ ଇନ୍‌ଫିଲ୍ଡର ସବୁଠାରୁ ୟୁନିକ୍ ଏବଂ ବହୁଚର୍ଚ୍ଚିତ ମୋଟରସାଇକେଲଗୁଡିକ ମଧ୍ୟରେ ଗଣାଯିବ।

# ଗାଡ଼ି ପରେ ଏବେ ହାଣ୍ଡିଶାଳରେ ହେବ ଇଥାନଲ ଏଣ୍ଟ୍ରି

ନୂଆଦିଲ୍ଲୀ,୨୧।୭:ଏଥାନଲ ମିଶ୍ରିତ ପେଟ୍ରୋଲ (ଇ-୨୦)କୁ ନେଇ ବିବାଦ ଏବେ ଥମିନାହିଁ। କିଛି ଲୋକଙ୍କ ଅଭିଯୋଗ ଅନୁସାରେ, ଇ-୨୦ ଦ୍ୱାରା ଗାଡ଼ି ଇଞ୍ଜିନ ଖରାପ ହେଉଛି ଏବଂ ମାଇଲେଜ ପ୍ରଭାବିତ ହେଉଛି। ଏହା ମଧ୍ୟରେ ସରକାର ଏବେ ଏଥାନଲକୁ ହାଣ୍ଡିଶାଳ ପର୍ଯ୍ୟନ୍ତ ପହଞ୍ଚାଇବାର ପ୍ରସ୍ତୁତି ଚଳାଇଛନ୍ତି। ସୂତ୍ର ଅନୁସାରେ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ଏଥାନଲକୁ ଖାଦ୍ୟ ପ୍ରସ୍ତୁତିର ମୁଖ୍ୟ ଇନ୍ଧନ ଭାବେ ଆଣିବା ଲାଗି ଏକ ନୀତି ଉପରେ କାର୍ଯ୍ୟ କରୁଛି। ଏହାଦ୍ୱାରା ବୃହତ୍ ମାତ୍ରାରେ ବିଦେଶୀ ମୁଦ୍ରା ସଞ୍ଚୟ ହେବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ନୀତି ଏଥାନଲ ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ସବ୍‌ସିଡି ପ୍ରଦାନ ଏବଂ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତିର ନିୟମ ଉପରେ ବିଚାର କରିବ। ସୂତ୍ର ଅନୁସାରେ, ଇନ୍ଧନ ଯୋଗାଣକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଶିଳ୍ପ ସଂଗଠନଗୁଡ଼ିକ ବି ଏହି ନୀତି ଉପରେ ସରକାରଙ୍କ ସହ ଆଲୋଚନା କରୁଛନ୍ତି। ଏଥାନଲ ଏକ ସବୁଜ ଇନ୍ଧନ, ଯାହାକୁ ଚିନି ଏବଂ ଶସ୍ୟର ପ୍ରକ୍ରିୟାକରଣରୁ ପ୍ରସ୍ତୁତ କରାଯାଇଥାଏ।



ଜଣେ ଅଧିକାରୀଙ୍କ କହିବାନୁସାରେ, ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଏକ ବୈକଳ୍ପିକ ସ୍ୱଚ୍ଛ ଇନ୍ଧନ ନୀତି ଉପରେ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ଘରେ ଖାଦ୍ୟ ରାନ୍ଧିବା ପାଇଁ ଇନ୍ଧନ ଭାବେ ଏଲ୍‌ପିଜି ସହ ଏଥାନଲକୁ ବି ବ୍ୟବହାର କରାଯିବ। ଏହି ନୀତି ଡିସେମ୍ବର ସୁଦ୍ଧା ପ୍ରସ୍ତୁତ ହୋଇପାରେ। ଏପ୍ରିଲରେ ଏକ ରିପୋର୍ଟ ଆସିଥିଲା ଯେ, ସରକାରଙ୍କ ନିର୍ଦ୍ଦେଶରେ ଏଥାନଲ-ଭିତ୍ତିକ ରନ୍ଧନ ଷ୍ଟୋଭ୍‌ର ପରୀକ୍ଷଣ କରାଯାଉଛି, ଯଦ୍ୱାରା ଘରେ ଖାଦ୍ୟ ରନ୍ଧନ ପାଇଁ ସ୍ୱଚ୍ଛ ଇନ୍ଧନର ବିକଳ୍ପ ମିଳିପାରିବ। ଖାଦ୍ୟ ପ୍ରସ୍ତୁତିର ଇନ୍ଧନ ଭାବେ ଏଥାନଲର ବ୍ୟବହାର ଦ୍ୱାରା ଏଲ୍‌ପିଜି ଉପରେ ନିର୍ଭରତା କମ୍ କରିବା ଏବଂ ବର୍ଦ୍ଧିତ ଇନ୍ଧନ ବିଲ୍‌କୁ କମାଇବାରେ ଭାରତର ଅଭିଯାନକୁ ବଳ ମିଳିବ।

ଶିଳ୍ପ ସହ ଜଡ଼ିତ ଜଣେ ଅଧିକାରୀଙ୍କ କହିବାନୁସାରେ, ଏଲ୍‌ପିଜିର ବିକଳ୍ପ ଭାବେ ଏଥାନଲକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସବ୍‌ସିଡି ସ୍କିମ୍ ବି ଆରମ୍ଭ କରିପାରନ୍ତି। ଏହି ସ୍କିମ୍ ପୁଞ୍ଜି-ଭିତ୍ତିକ ହୋଇପାରେ କିମ୍ବା କ୍ରମାଗତ ବିତ୍ତୀୟ ସହାୟତା ପ୍ରଦାନକାରୀ ସ୍କିମ୍ ହୋଇପାରେ। ଭାରତରେ ଏଥାନଲର ଯୋଗାଣ ସର୍ବାଧିକ ରହିଛି। କେୟାର୍‌ଏଜ୍ ରେଟିଙ୍ଗ୍‌ସର ଏକ ରିପୋର୍ଟ ଅନୁସାରେ ଦେଶର ବାର୍ଷିକ ଏଥାନଲ ଉତ୍ପାଦନ କ୍ଷମତା ୨୦୦୦ କୋଟି ଲିଟରରୁ ଅଧିକ ରହିଛି। ଏହାସହିତ ଚଳିତ ଆର୍ଥିକବର୍ଷରେ ଆଉ ୪୦୦ କୋଟି ଲିଟରର କ୍ଷମତା ଯୋଡ଼ାଯିବାର ଯୋଜନା ରହିଛି। ସରକାରଙ୍କ ଇ-୨୦ ବ୍ଲେଣ୍ଡିଂ କାର୍ଯ୍ୟକ୍ରମ ପାଇଁ ବାର୍ଷିକ ଖର୍ଚ୍ଚ ପାଖାପାଖି ୧୧୦୦ କୋଟି ଲିଟର। ମଦ ପ୍ରସ୍ତୁତକାରୀ କମ୍ପାନି, ଔଷଧ କମ୍ପାନି ଏବଂ ରସାୟନ କମ୍ପାନିଗୁଡ଼ିକର ବାର୍ଷିକ ଖର୍ଚ୍ଚ ପାଖାପାଖି ୩୦୦ରୁ ୩୫୦ କୋଟି ଲିଟର। ଏହାବାଦ ପ୍ରାୟ ୭୦୦ କୋଟି ଲିଟର କ୍ଷମତା ସଞ୍ଚୟ ହେଉଛି। ଏହାକୁ ନେପାଳ, ବାଂଲାଦେଶ ଏବଂ ଇଣ୍ଡୋନେସିଆ ଭଳି ଦେଶ ଗୁଡ଼ିକୁ ରପ୍ତାନି କରିବା ପାଇଁ ବିଚାର କରାଯାଉଛି। ଏହି ଦେଶଗୁଡ଼ିକରେ ୧୦% ଏଥାନଲ ମିଶ୍ରଣ ଲକ୍ଷ୍ୟ ରହିଛି। କିନ୍ତୁ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଫିଡଷ୍ଟକ ଏବଂ ଡିଷ୍ଟିଲିଂ କ୍ଷମତା ନାହିଁ। ଫେବ୍ରୁଆରୀରେ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସଷ୍ଟେନେବଲ ଡେଭଲପ୍‌ମେଣ୍ଟର ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଇ-କୁକିଂ ଏବଂ ବାୟୋଗ୍ୟାସ ଆପଣାଇବା ଦ୍ୱାରା ଭାରତ ୨୦୫୦ ସୁଦ୍ଧା ଏଲ୍‌ପିଜି ସବ୍‌ସିଡି ବାବଦ ମୋଟ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ କରିବ।

# ଅଗଷ୍ଟରୁ ମହଙ୍ଗା ହେବ ମାରୁତି ସୁଜୁକି କାର୍

ନୂଆଦିଲ୍ଲୀ,୨୧।୭: ଖର୍ଚ୍ଚ ବଢ଼ୁଥିବା ନାଁରେ ଗାଡ଼ି ମଟର ମୋବାଇଲ ସବୁର ଦର ବଢ଼ୁଛି। ଜୁଲାଇ ମାସ ଆରମ୍ଭରୁ କିଛି ମୋଟର କମ୍ପାନୀ ଗାଡ଼ି ଦର ବଢ଼ାଇଥିଲେ, ଆଉ ଏବେ ମାରୁତି ସୁଜୁକି ପୁଣିଥରେ ଦର ବଢ଼ାଇବ ବୋଲି ଘୋଷଣା କରିଛି। କମ୍ପାନୀ ଏହାର ସୁବୁ ମୋଡେଲ ଉପରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଦର ବଢ଼ାଇବ ବୋଲି ଘୋଷଣା କରିଛି। ଅଗଷ୍ଟ ମାସରେ ଏହି ନୂଆ ବର୍ଦ୍ଧିତ ଦର ଲାଗୁ ହେବ। ଆପଲ ଭଳି ମାରୁତି କହିଛି ଯେ ଗ୍ରାହକଙ୍କୁ ଦର ବୃଦ୍ଧିର ଚାପ ନଦେବାକୁ କମ୍ପାନୀ ଗତ କିଛି ମାସ ହେଲା ବିଭିନ୍ନ ଖର୍ଚ୍ଚ ହ୍ରାସ ପଦକ୍ଷେପ ନେଉଥିଲା। ତଥାପି, ଗାଡ଼ି ତିଆରି ଖର୍ଚ୍ଚ ନିୟମିତ ବଢ଼ିବାରୁ କମ୍ପାନୀ ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଛି ବୋଲି ମାରୁତି ସୁଜୁକି କହିଛି।



ମଙ୍ଗଳବାର ଦିନ ପ୍ରାୟ ୩: ୨୯ ରେ BSE ରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (MSIL) ର ସେୟାର ମୂଲ୍ୟ ୧୨୨.୫୫ ଟଙ୍କା ବୃଦ୍ଧି ପରେ ପ୍ରତି ସ୍କ୍ରିପ୍ ୧୩,୬୩୦ ଟଙ୍କାରେ କାରବାର କରୁଥିଲା। ତେବେ ମୂଲ୍ୟ ବୃଦ୍ଧି ନେଇ ଅଟୋମେକର ସ୍ପଷ୍ଟ କରିଛନ୍ତି ଯେ ସଠିକ୍ ମୂଲ୍ୟ ବୃଦ୍ଧି ମଡେଲ ଅନୁଯାୟୀ ଭିନ୍ନ ହେବା ସୂଚନା ଥାଉକି, ୨୦୨୬ ମସିହାରେ ମାରୁତି ସୁଜୁକି ଏପର୍ଯ୍ୟନ୍ତ ୨ ଥର ଗାଡ଼ିର ମୂଲ୍ୟ ବୃଦ୍ଧି କରିଛି। ସବୁଠାରୁ ବଡ଼ କଥା ହେଲା ଲଗାତର ଦୁଇ ମାସ ହେଲା କମ୍ପାନୀ କ୍ରମାଗତ ଭାବେ ଦର ବଢ଼ାଇ ଚାଲିଛି। କମ୍ପାନୀ କହୁଛି ଯେ ନିୟମିତ ବଢୁଥିବା ଉତ୍ପାଦନ ଖର୍ଚ୍ଚ ଏବଂ ମୁଦ୍ରାସ୍ଫୀତି ଯୋଗୁ ମୂଲ୍ୟ ବୃଦ୍ଧି କରିବାକୁ ପଡୁଛି।

ଚଳିତ ବର୍ଷ ଜୁନ୍ ମାସରେ କମ୍ପାନୀ ବିଭିନ୍ନ ମଡେଲ୍ ଅନୁଯାୟୀ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦାମ ବଢ଼ାଯାଇଥିଲା। ଜୁଲାଇ ମାସରେ ବି ପୁଣିଥରେ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ଘୋଷଣା କରିଛି କମ୍ପାନୀ। ଯାହା ଅଗଷ୍ଟ ୧ ତାରିଖରୁ ଲାଗୁ ହେବ। ଗାଡ଼ିର ମଡେଲ୍ ଏବଂ ଭାରିଆଣ୍ଟ ଅନୁସାରେ ଏହି ବର୍ଦ୍ଧିତ ମୂଲ୍ୟ ଅଲଗା ଅଲଗା ରହିଛି। ତେବେ କମ୍ପାନୀ ଏକାଥରେ ୫୦ ହଜାର ଟଙ୍କା ନ ବଢାଇ, ଅଧା ଅଧା କରି ଦୁଇ ମାସରେ ଗାଡ଼ିଗୁଡ଼ିକର ଦାମରେ ୬୦ ହଜାର ଟଙ୍କା ବଢାଇ ଦେଲାଣି। ଖାଲି ମାରୁତି ସୁଜୁକି ନୁହେଁ, ମହିନ୍ଦ୍ରା, ହ୍ୟୁଣ୍ଡାଇ ଓ ଟାଟା ମଧ୍ୟ ୨୦୨୬ରେ ଦୁଇଥର ଲେଖାଏ ଗାଡ଼ି ଦର ବଢ଼ାଇ ସାରିଲେଣି।

ମହିନ୍ଦ୍ରା- ଭାରତର ଅନ୍ୟ ଏକ ବଡ଼ ଅଟୋ ନିର୍ମାତା ମହିନ୍ଦ୍ରା ପ୍ରଥମେ ଏପ୍ରିଲ୍ ୨୦୨୬ରେ ଗାଡ଼ିଗୁଡ଼ିକର ମୂଲ୍ୟ ପ୍ରାୟ ୨.୫% ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହାପରେ ନିକଟରେ ୧୦ ଜୁଲାଇ ୨୦୨୬ରୁ SUV (ଯେମିତି କି Thar ଏବଂ XUV 3XO) ଗୁଡ଼ିକର ମୂଲ୍ୟ ହାରାହାରି ୨.୭% (ସର୍ବାଧିକ ୩୭୦୦ ଟଙ୍କାପର୍ଯ୍ୟନ୍ତ) ବୃଦ୍ଧି କରିଥିଲ।

ହ୍ୟୁଣ୍ଡାଇ: କୋରିଆନ ଅଟୋ ନିର୍ମାତା ହ୍ୟୁଣ୍ଡାଇ ମଧ୍ୟ ୨ ଥର ଦର ବୃଦ୍ଧି କରିଛି। ପ୍ରଥମ ମୂଲ୍ୟ ବୃଦ୍ଧି ଜାନୁଆରୀ ୨୦୨୬ରେ (ପ୍ରାୟ ୦.୬% ହାରରେ), ଦ୍ୱିତୀୟ ମୂଲ୍ୟ ବୃଦ୍ଧି ୧ ଜୁନ୍ ୨୦୨୬ରୁ ଲାଗୁ କରାଯାଇ ମଡେଲ୍ ଅନୁଯାୟୀ ସର୍ବାଧିକ ୧୨,୮୦୦ ଟଙ୍କା ପର୍ଯ୍ୟନ୍ତ ଦର ବଢ଼ାଯାଇଛି।ଟାଟା ମୋଟୋର୍ସ- ପ୍ରଥମେ ଏପ୍ରିଲ୍ ୨୦୨୬ରେ କେବଳ ICE (ପେଟ୍ରୋଲ/ଡିଜେଲ) ଗାଡ଼ି ଉପରେ ୦.୫% ଦର ବଢ଼ାଇଥିଲା ଟାଟା। ନିକଟରେ ୧ ଜୁଲାଇ ୨୦୨୬ରୁ କମ୍ପାନୀ ତା'ର ସମସ୍ତ ପାସେଞ୍ଜର କାର୍ ଏବଂ ଇଲେକ୍ଟ୍ରିକ୍ ଗାଡ଼ି (EV)ର ମୂଲ୍ୟ ୧.୫% ପର୍ଯ୍ୟନ୍ତ ବୃଦ୍ଧି କରିଛି। ଅନ୍ୟାନ୍ୟ ପ୍ରମୁଖ କମ୍ପାନୀ (MG, Nissan, ଏବଂ ଲଦଜୁରୀ ବ୍ରାଣ୍ଡ)JSW MG Motor ୨୦୨୬ ଆରମ୍ଭରେ ଏବଂ ଏପ୍ରିଲରେ ପ୍ରାୟ ୨% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିଛନ୍ତି। Nissan ଜାନୁଆରୀ ୨୦୨୬ରୁ ନିଜ ଗାଡ଼ିର ଦାମ ୩% ପର୍ଯ୍ୟନ୍ତ ବଢ଼ାଇଥିଲେ। ଲଗଜୁରୀ କାର୍ (BMW, Mercedes-Benz, Audi) ଏହି ବ୍ରାଣ୍ଡଗୁଡ଼ିକ ଜାନୁଆରୀ ଏବଂ ଏପ୍ରିଲ୍ ମାସରେ ପ୍ରାୟ ୨% ରୁ ୬% ପର୍ଯ୍ୟନ୍ତ ନିଜ ଗାଡ଼ିର ମୂଲ୍ୟ ବଢ଼ାଇ ସାରିଛନ୍ତି।

# ୟୁପିଆଇରେ ୨ ହଜାରରୁ ଅଧିକ କାରବାରରେ ଲାଗିପାରେ ଏମଡିଆର

ନୂଆଦିଲ୍ଲୀ, ୨୧।୭:ଭାରତରେ ଡିଜିଟାଲ ପେମେଣ୍ଟର ମୁଖ୍ୟ ମାଧ୍ୟମ ହୋଇପାରିଥିବା ୟୁପିଆଇ (ୟୁପିଆଇ) କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଖବର ଅନୁସାରେ, କେନ୍ଦ୍ର ସରକାର ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ବଡ଼ ବ୍ୟବସାୟୀ ଓ ବାଣିଜ୍ୟକ ସଂସ୍ଥାମାନଙ୍କ ପାଇଁ ମର୍ଚ୍ଚାଣ୍ଟ ଫି (ଏମଡିଆର) ଲାଗୁ କରିବାକୁ ବିଚାର କରୁଛନ୍ତି। ଏହି ପ୍ରସ୍ତାବ ଲାଗୁ ହେଲେ ଦେଶର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ହେବ।

ରିପୋର୍ଟ ଅନୁସାରେ, ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୫ ପ୍ରତିଶତରୁ କମ୍ ଏମଡିଆର ଲାଗିପାରେ। ଏହି ଫି ବ୍ୟାଙ୍କମାନେ ଡିଜିଟାଲ କାରବାର ପ୍ରକ୍ରିୟାକରଣ ପାଇଁ ନେଇଥାନ୍ତି। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି ଏବଂ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ହୋଇପାରେ। ଏହି ଏମଡିଆର କେବଳ ବଡ଼ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ। ସରକାର ସ୍ପଷ୍ଟ କରିଛନ୍ତି ଯେ, ସାଧାରଣ ଗ୍ରାହକଙ୍କଠାରୁ ୟୁପିଆଇ ବ୍ୟବହାର ପାଇଁ କୌଣସି ଶୁଳ୍କ ନିଆଯିବ ନାହିଁ। ଏହି ପ୍ରସ୍ତାବ କେବଳ ବ୍ୟବସାୟୀ ଏବଂ ପେମେଣ୍ଟ ବ୍ୟବସ୍ଥାକୁ ଆର୍ଥିକ ଭାବେ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ବିଚାର କରାଯାଉଛି। ଅଧିକାରୀମାନଙ୍କ କହିବା ଅନୁସାରେ, ୟୁପିଆଇର ବ୍ୟବହାର ଦ୍ରୁତ ଗତିରେ ବଢ଼ୁଥିବା ବେଳେ ଏହାର ଭିତ୍ତିଭୂମି, ସୁରକ୍ଷା ଓ ପରିଚାଳନା ଖର୍ଚ୍ଚ ମଧ୍ୟ ବଢ଼ୁଛି। ସେଥିପାଇଁ ଏହି ବ୍ୟବସ୍ଥାକୁ ଦୀର୍ଘ ସମୟ ପାଇଁ ଆର୍ଥିକ ଭାବେ ସ୍ଥାୟୀ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି।




ବର୍ତ୍ତମାନ କେନ୍ଦ୍ର ସରକାର ୨ ହଜାର ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ପାଇଁ ବ୍ୟାଙ୍କ ଓ ପେମେଣ୍ଟ ସେବା ପ୍ରଦାନକାରୀଙ୍କୁ ପ୍ରୋତ୍ସାହନ ରାଶି ଦେଉଛନ୍ତି। ୨୦୨୨ ଆର୍ଥିକ ବର୍ଷରେ ରୁପେ ଡେବିଟ୍ କାର୍ଡ ଓ କମ୍ ମୂଲ୍ୟର ଭିମ-ୟୁପିଆଇ କାରବାରକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବିଶେଷ ଯୋଜନା ଆରମ୍ଭ କରାଯାଇଥିଲା। ୨୦୨୬ ମାର୍ଚ୍ଚ ୧୨ରେ ସଂସଦୀୟ ସ୍ଥାୟୀ କମିଟିର ଏକ ରିପୋର୍ଟରେ କୁହାଯାଇଛି ଯେ, ଜିରୋ ଏମଡିଆର ନୀତି ଯୋଗୁଁ ଡିଜିଟାଲ କାରବାର ବଢ଼ିଛି, କିନ୍ତୁ ଏହା ଫଳରେ ୟୁପିଆଇ ବ୍ୟବସ୍ଥା ଆର୍ଥିକ ଭାବେ ସ୍ଥାୟୀ ରହୁନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଆଗାମୀ ୫ ରୁ ୭ ବର୍ଷ ମଧ୍ୟରେ ୟୁପିଆଇରେ ପ୍ରାୟ ୬୦ କୋଟି ନୂଆ ବ୍ୟବହାରକାରୀ ଯୋଡ଼ି ହୋଇପାରନ୍ତି ଏବଂ ପ୍ରତିମାସ ୧୦୦ ରୁ ୧୫୦ ବିଲିୟନ କାରବାର ହୋଇପାରେ। ତେବେ ଏଥିପାଇଁ ଭିତ୍ତିଭୂମି, ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଅଧିକ ବିନିଯୋଗର ଆବଶ୍ୟକତା ରହିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୬୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୦,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୫୩୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୬୮୦ ଟଙ୍କା ଓ ୨୨ କ୍ୟାରେଟ ୧,୩୦,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୫୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

## ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି କର୍ମକର୍ତ୍ତା ସମ୍ବର୍ଦ୍ଧିତ



**କେନ୍ଦ୍ରାପଡ଼ା,୨୧ା୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ଗ୍ରାମପଞ୍ଚାୟତ ମେହେନ୍ଦିପୁରସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟର ନବ ନିର୍ବାଚିତ ପରିଚାଳନା କମିଟି କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଲିଙ୍ଗରାଜ ଜେନା, ଉପସଭାପତି ନିର୍ମଳା ମଲ୍ଲଙ୍କ ସମେତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ସମେତ ପୂର୍ବତନ ସଭାପତି ଶାରଦା ପ୍ରସନ୍ନ ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ବିଦ୍ୟାଳୟର ପଶଖା ଶିକ୍ଷାସେତୁ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ପ୍ରତିଯୋଗୀଙ୍କ ସଫଳତା




**କେନ୍ଦ୍ରାପଡ଼ା,୨୧ା୭ (ସଂଚାର ବ୍ୟୁରୋ):** କଟକସ୍ଥିତ ଚୌଧୁରୀ ବଜାରର କଳିଙ୍ଗ ଜିମନାସିୟମ୍‌ଠାରେ ଚଳିତ ମାସ ୧୮ ଓ ୧୯ ତାରିଖରେ ଦୁଇଦିନିଆ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୧୪ରୁ ୧୬ ବର୍ଷ ବାଳିକା ବିଭାଗରେ କୁମାରୀ ଅରପନା ମହନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାୟତ୍ରୀ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ୧୮ରୁ ୨୧ ବର୍ଷ ବାଳକ ବିଭାଗରେ ଶ୍ରୀକୃଷ୍ଣ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ, ୨୧ରୁ ୨୫ ବର୍ଷ ବାଳିକା ବିଭାଗରେ ଶୁଭଶ୍ରୀ ସରିତା ରାଉତ ପ୍ରଥମ ସ୍ଥାନ ହାସଲ କରି ଅତିଥିମାନଙ୍କ ହସ୍ତରୁ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିଯୋଗୀମାନଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ଯୋଗାସନ ସଂଘର ସମ୍ପାଦକ ମଧୁସୂଦନ ଦାସ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ନିର୍ମାଣାଧୀନ ସବ୍‌ଡିଭିଜନ ହସ୍ପିଟାଲ ପରିସରରୁ ଜବରଦଖଲ ଉଚ୍ଛେଦ



**ପଟ୍ଟାମୁଣ୍ଡାଇ,୨୧ା୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ କଷଣଅଣ୍ଟା ଠାରେ ୫୫କୋଟି ଟଙ୍କା ବ୍ୟୟରେ ନୂତନ ସବଡିଭିଜନ ହସ୍ପିଟାଲ ଗୃହ ନିର୍ମାଣ ଚାଲିଛି । ଆଗାମୀ ଦିନରେ ଏହି ନୂତନ ସବଡିଭିଜନ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବା ପୂର୍ବରୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସାଗରୀକା ସେଠୀ ରାଜସ୍ୱ ନିରୀକ୍ଷକଙ୍କ ସହିତ କଷଣଅଣ୍ଟା ଯାଇ ସରଜମିନ ଅନୁଧ୍ୟାନ କରିବା ପରେ ନିର୍ମାଣାଧୀନ ନୂତନ ସବଡିଭିଜନ ହସ୍ପିଟାଲ ପରିସରରେ ଥିବା ଜବରଦଖଲ ଉଚ୍ଛେଦ କରିଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା ପ୍ରବଚକ ସମ୍ବର୍ଦ୍ଧିତ



**ନୀଳଗିରି,୨୧ା୭ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିଠାରେ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରଥମ ପର୍ଯ୍ୟାୟରେ ମହା ସମାରୋହରେ ପାଳିତ ହୋଇଯାଇଛି। ଦୁଇଦିନ ଧରି ପାଳିତ ହୋଇଥିବା ରଥଯାତ୍ରାରେ ରଥର ଘୋଷକ ଭାବରେ ଜଗନ୍ନାଥ ସଂସ୍କୃତିର ଗବେଷକ, ପ୍ରାବନ୍ଧିକ ତଥା ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ଓ ଧୋବାଶିଳା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଜ୍ୟୋତିର୍ବିଦ ପଣ୍ଡିତ ଶକ୍ତିପଦ ପଣ୍ଡା ନିଜ ନିଜ ବାକଚାତୁରି ସହିତ ଜଗନ୍ନାଥଙ୍କ ଲୀଳାମୃତ ପରିବେଷଣରେ ବଡଦାଣ୍ଡରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଭକ୍ତିରସରେ ଭିଜାଇଥିଲେ। ଏହି ଅବକାଶରେ ନୀଳଗିରି ଉପଖଣ୍ଡ ସ୍ତରୀୟ ପ୍ରଶାସନ ଓ ଠାକୁର ମାହାଲ ତରଫରୁ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଦ୍ୱାରା ଯୋଡ଼ବସ୍ତ୍ର ଦେଇ, ଉଭୟ ପ୍ରବାଚକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିଦ୍ୟାଳୟ ଅସୁରକ୍ଷିତ, ଭୟରେ ଛାତ୍ରଛାତ୍ରୀ

### ପାଚେରୀ ଓ ଗେଟ୍ ନିର୍ମାଣ ଦାବି



**ରାଇଘର,୨୧ା୭ (ସଂଚାର ବ୍ୟୁରୋ):** ନାହିଁ ପାଚେରୀ, ନାହିଁ ଗେଟ୍। ଅସୁରକ୍ଷିତ ଅବସ୍ଥାରେ ଚାଲିଛି ବିଦ୍ୟାଳୟ। ବିଦ୍ୟାଳୟ ପଛପଟେ ଅଧାପନ୍ତରିଆ ପାଚେରୀ ଥିବା ବେଳେ ସମ୍ମୁଖ ପଟେ ନାହିଁ ପାଚେରୀ କିମ୍ବା ପ୍ରବେଶ ଗେଟ୍। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

ଏଭଳି ଅବ୍ୟବସ୍ଥା ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ଅନ୍ତର୍ଗତ କୋଦଭାଟା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟ ନିକଟରେ ଯାନବାହନ ଚଳାଚଳ ସହ ରହିଥିବାରୁ ପାଚେରୀ ଓ ଗେଟ୍ ନଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଦ୍ୟାଳୟ ସମ୍ମୁଖରେ ପାଚେରୀ ଓ ଗେଟ୍ ନଥିବାରୁ ଅସାମାଜିକ ଲୋକଙ୍କ ପ୍ରବେଶ ସହିତ ଗାଈ, କୁକୁର ଭଳି ପଶୁମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିବାର ଆଶଙ୍କା ରହିଛି।

ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟର ସୁରକ୍ଷା ପାଇଁ ତୁରନ୍ତ ପାଚେରୀ ଓ ପ୍ରବେଶ ଗେଟ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୁନ୍ଦାଲୋ ଶାଖା କେନାଲରେ ସଠିକ୍ ଜଳସେଚନ ହେବା ନେଇ ଆଶଙ୍କା

### ଅଧାପନ୍ତରିଆ କାର୍ଯ୍ୟ ସହ ଗଦା ହୋଇ ରହିଛି ମାଟି

**ନିଶ୍ଚିନ୍ତକୋଇଲି,୨୧ା୭ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଟ.୬୮୬.୫୧ଲକ୍ଷ ଚୁକ୍ତିନାମା ରାଶିରେ ପୁନ୍ଦାଲୋ ଶାଖାନାଳର ୧୪.୦୦କି.ମି ଠାରୁ ୧୭.୩୦କି.ମି ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ପାଇଁ ଏକ ପ୍ରମୁଖ ଠିକା ସଂସ୍ଥା ଓସିସି କୁ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି କେନାଲରେ ଶେଷ ମୁଣ୍ଡରେ ଥିବା ଚାଷଜମିକୁ ସଠିକ୍ ଜଳସେଚନ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ ଏହି ଯୋଜନାର ସୁଫଳ ପୁନ୍ଦାଲୋ ଶାଖାନାଳ



ଉପରେ ନିର୍ଭର କରୁଥିବା ଚାଷୀମାନେ ପାଇପାରିବେକି ନାହିଁ ଚାଷୀମାନଙ୍କ ମହଲରେ ଆଶଙ୍କା ଦେଖାଦେଇଛି।

ଉକ୍ତ କେନାଲରେ ନରେନ୍ଦ୍ରପୁର ବଜାର ଠାରୁ କୋରୁଆ ଆଡ଼କ ଯାଇଥିବା ପୁନ୍ଦାଲୋ ଶାଖାନାଳା ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଅଧାପନ୍ତରିଆ ହୋଇଥିବା ବେଳେ କେନାଲ ଶଯ୍ୟାରେ ଅନେକ ସ୍ଥାନରେ ମାଟିଗୁଡ଼ିକ ଗଦା ହୋଇ ରହିଥିବାରୁ ସେଥିରେ ସଠିକ୍ ଜଳସେଚନ ହୋଇନପାରିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ପାଣି ଆସିସାରିଛି ଉକ୍ତ ପୁନ୍ଦାଲୋ ଶାଖା ନାଳରେ ଆସନ୍ତ ୮/୧୦ଦିନ ଭିତରେ ପାଣି ଛଡ଼ାଯିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। କେନାଲ ଶଯ୍ୟାରେ ଗଦା ହୋଇଥିବା ମାଟିକୁ ଠିକାସଂସ୍ଥା ସଫେଇ କରି କେନାଲରେ ସଠିକ୍ ଜଳସେଚନର ବ୍ୟବସ୍ଥା କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

## ବିଇଓ ଅଫିସ୍‌ରେ ଲକ୍ଷାଧିକ ଟଙ୍କାର ଘୋଟାଲା




**ବାଲିଆପାଳ,୨୧ା୭ (ସଂଚାର ବ୍ୟୁରୋ):** ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କାର ମହା ଘୋଟାଲା ହୋଇଥିବା ନେଇ ଜଣାପଡିଛି। ଘଟଣା ସମ୍ପର୍କରେ ବିଇଓ ସୋମା ରାଣୀ ସେଠି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲାପାଳଙ୍କୁ ଜଣାଇଛନ୍ତି।

ସୂଚନାରୁ ପ୍ରକାଶ ବାଲିଆପାଳ ବିଇଓ ଅଫିସରେ ଦୀର୍ଘ ପାଞ୍ଚ ବର୍ଷ ଧରି କାର୍ଯ୍ୟରତ କିରାଣୀ ଦେବଦ୍ୟୁତି ନନ୍ଦ ନିଜ ସ୍ତ୍ରୀଙ୍କ ଆକାଉଣ୍ଟକୁ ଦରମା ପାଉଥିବା ଶିକ୍ଷକଙ୍କ ଟ୍ରେଜେରୀ ଚାଲାଣ କରି ଶିକ୍ଷକ ମାନଙ୍କ ଦରମାକୁ ହାତେଇବାରେ ସକ୍ଷମ ହୋଇଛନ୍ତି। ଯାହା ଶୁଣିବା ପାଇଁ ମିଳୁଛି ପ୍ରାୟ ୩୧ଲକ୍ଷ ଟଙ୍କାକୁ ଚଞ୍ଚକତା କରି କୁବେର ହୋଇଛନ୍ତି ଏହି କିରାଣୀ ଜଣକ। ପୂର୍ବତନ ବିଇଓ ସୁଧାଂଶୁ ଜେନାଙ୍କ ସମୟରେ ଏହି ଘଟଣା ଅଧିକ ହୋଇଛି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଏବେ କୁବେର କିରାଣୀ ଜଣଙ୍କୁ ବାଲିଆପାଳ ବ୍ଲକ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗାଇକୁ ବଦଳି କରାଯାଇଛି।

ଏନେଇ ଶ୍ରୀମତୀ ସେଠିଙ୍କୁ ପଚାରିବାରୁ କହିଛନ୍ତି ଦୁର୍ନୀତି କରିଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଜିଲ୍ଲାପାଳଙ୍କ ତଦନ୍ତ ପରିସରଭୁକ୍ତ ରହିଛି। ଶିକ୍ଷା ବିଭାଗର ଏଭଳି ଚଞ୍ଚକତା କରି ହରିଲୋଟ କରାଯାଉଥିଲା। ମାତ୍ର ଅଧିକାରୀ ମାନେ କେମିତି ଜାଣିପାରୁନଥିଲେ, ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଭୂୟାଁ ସମାଜ ପକ୍ଷରୁ ଚାରା ରୋପଣ




**ବଡ଼ଗାଁ,୨୧ା୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ର ଜାତି 5 ଶହ ଘର ଭୂୟାଁ ସମାଜ ପକ୍ଷରୁ ପାଣ୍ଡେରପାଲି ସାନିଗାଦି ଅନୁକୂଲ୍ୟ ରେ ଆଜି ଚେମଠାପଡା ଗ୍ରାମ ନିକଟ ଜଙ୍ଗଲ ଓ ରାସ୍ତା ପାର୍ଶ୍ୱରେ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ଜାତି ପାଞ୍ଚ ଶହ ଘର ଭୂୟାଁ ସମାଜର ସଭାପତି ଅମିୟ କୁମାର ପ୍ରଧାନ, ସୁନ୍ଦରଗଡ଼ ବିକାଶ ସଂଘ ସଂପାଦକ ପ୍ରଦୀପ କାଲୋ, କର୍ମକର୍ତ୍ତା ବିରଞ୍ଚି ବିଶ୍ୱାଳ, ପାଣ୍ଡେରପାଲି ସାନିଗାଦିର ସଭାପତି ସନାତନ ପ୍ରଧାନ, ସଂପାଦକ ସୁରତରାମ ପ୍ରଧାନ ଯୋଗଦେଇଥିଲେ।

ଜାତି ପାଞ୍ଚଶହ ଘର ଭୂୟାଁ ସମାଜ ଓ ବିକାଶ ସଂଘର କର୍ମକର୍ତ୍ତାମାନେ ପୂଜାର୍ଚ୍ଚନା କଲା ପରେ ସାଂପ୍ରତିକ ପରିସ୍ଥିତିରେ ଚାରାରୋପଣର ଆବଶ୍ୟକତା ଉପରେ ଜାତି ସମାଜର ଯୁବକ ଓ ମହିଳା ମାନଙ୍କୁ ବୁଝାଇଥିଲେ। ଏହାପରେ ସମାଜ କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକ ମାନେ ଶହେଟି କରଞ୍ଜ, ପଣସ, କାଠ ବାଦାମ ଆଦି ବିଭିନ୍ନ ବୃକ୍ଷ ଚାରା ରାସ୍ତା ପାର୍ଶ୍ୱ ଓ ଜଙ୍ଗଲରେ ରୋପଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜାତି ପାଞ୍ଚଶହ ଘର ଭୂୟାଁ ସମାଜ ପକ୍ଷରୁ ଗତ ତିନିବର୍ଷ ହେଲା ପ୍ରତିବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଆସୁଛି। ଗତ ତିନିବର୍ଷ ମଧ୍ୟରେ ଭୂୟାଁ ସମାଜ ପକ୍ଷରୁ ଧୁମାଗଡା, ଟିକିଲିପଡା ଓ ସୁବଲୟା ଗ୍ରାମରେ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଚଳିତ ବର୍ଷ ଚେମଠାପଡା ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

## ମାଛ ଧରିବାକୁ ଯାଇ ମଝି ନଦୀରେ ଫସିଲେ ଯୁବକ

### ଅଗ୍ନିଶମ ବିଭାଗ କଲା ଉଦ୍ଧାର

**ସୁନ୍ଦରଗଡ଼,୨୧ା୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ସବଡେଗା ବ୍ଲକର ସବଡେଗା ବଣ୍ଡା ନଦୀରେ ସକାଳୁ ରନପୁର ମଝାପଡାର ଜଣେ ଯୁବକ ମାଛ ମାରିବାକୁ ଯାଇଥିଲେ। ସେ ନଦୀ ମଝିରେ ମାଛ ଧରୁଥିଲା, କିନ୍ତୁ ଏ ଅଞ୍ଚଳରେ ରାତିସାରା ବର୍ଷା ଲାଗିରହିଥିବା ଫଳରେ ଉପରମୁଣ୍ଡରୁ ହଠାତ ନଦୀରେ ପର୍ବଳ ବେଗରେ ପାଣି ମାଡି ଆସିବାରୁ ଉକ୍ତ ଯୁବକ ଜଣକ ଏକ ଗଛରେ ଚଢି ଯାଇଥିଲା ଓ ମଝି ନଦୀରେ ଫସି ରହିଥିଲା। ଏହା ଦେଖି ଗ୍ରାମବାସୀ ସବଡେଗା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଟିମ ଡେରିନକରି ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପହଁଞ୍ଚି ଦୀର୍ଘ ତିନି ଘଣ୍ଟା ପାଣି ଭିତରେ ନିଜର ବୁଦ୍ଧି ବଳ ପ୍ରୟୋଗ କରି ଯୁବକକୁ ଉଦ୍ଧାର କରିଥିଲେ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଘଟଣା ଆଜି ଅଞ୍ଚଳରେ ଚର୍ଚ୍ଚା ଖେଳେଇ ଦେଇଛି।



## ସାଇସ୍ମୃତି ଇନଫ୍ରାଷ୍ଟ୍ରକ୍ଚର ପକ୍ଷରୁ ଅନ୍ନସେବା ଓ ବସ୍ତ୍ର ବିତରଣ

**ଭୁବନେଶ୍ୱର,୨୧ା୭ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ସାଇସ୍ମୃତି ଇନଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଏକ ଭବ୍ୟ ମହା ଅନ୍ନସେବା ଓ ବସ୍ତ୍ର ବିତରଣ ଶିବିର ଆୟୋଜିତ ହୋଇଥିଲା।

"ମାନବ ସେବା ହିଁ ମାଧବ ସେବା"— ଏହି ମହାନ ଆଦର୍ଶକୁ ପାଥେୟ କରି ସକାଳ ୬.୩୦ଟାରୁ ଭକ୍ତମାନଙ୍କ ପାଇଁ ସ୍ୱଚ୍ଛ, ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ପରିବେଶରେ ଉପମା ଓ ଡାଲମା ଜଳଖିଆ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶୃଙ୍ଖଳିତ ଓ ସୁପରିଚାଳିତ ଭାବରେ ପ୍ରାୟ ୫,୦୦୦ରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହା ସହିତ ଭକ୍ତମାନଙ୍କ ମଧ୍ୟରେ ଟି-ଶର୍ଟ ଓ କ୍ୟାପ୍ ମଧ୍ୟ ବିତରଣ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଖାଦ୍ୟର ଗୁଣବତ୍ତା, ଶୃଙ୍ଖଳା ଓ ସେବାଭାବକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା।

ଏହି ମହତ୍ ସେବା କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ସ୍ୱାଇଁ, ନିର୍ଦ୍ଦେଶିକା ଶ୍ରୀମତୀ ମିତାଲିକା ସ୍ୱାଇଁ, ସେମାନଙ୍କ ପୁତ୍ର ସାର୍ଥକ କୁମାର ସ୍ୱାଇଁ ଓ ଶୁଭମ କୁମାର ସ୍ୱାଇଁଙ୍କ ସହ କମ୍ପାନୀର ପ୍ରାୟ ୫୦ ଜଣ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ ସେବାକାର୍ଯ୍ୟରେ ସାମିଲ ହୋଇ ଭକ୍ତମାନଙ୍କୁ ସେବା ପ୍ରଦାନ କରିଥିଲେ। ଉପସ୍ଥିତ ଭକ୍ତ ଓ ସ୍ଥାନୀୟ ଲୋକମାନେ ସାଇସ୍ମୃତି ଇନଫ୍ରାଷ୍ଟ୍ରକ୍ଚରର ଏହି ସେବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।

## ଜୟହିନ୍ଦ ହାଇସ୍କୁଲ ପରିଚାଳନା କମିଟି ଗଠିତ

**ପଟ୍ଟାମୁଣ୍ଡାଇ,୨୧ା୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ଜୟହିନ୍ଦ ହାଇସ୍କୁଲର ସ୍କୁଲ ପରିଚାଳନା କମିଟି ( ଏସଏମ ସି ) ଗଠିତ ହୋଇଛି ।ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରହିତ୍ୟ ରେ ଆୟୋଜିତ ଅଭିଭାବକ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ଯଶୋବନ୍ତ ରାଉତ ସଭାପତି ଓ ପୁଷ୍ପଲତା ଯେନା ଉପସଭାପତି ଭାବେ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତ। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।



## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ବିରୋଧରେ ଧାରଣା

**ନୀଳଗିରି,୨୧ା୭ (ସଂଚାର ବ୍ୟୁରୋ)** ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଅଧିନ ଈଶ୍ୱରପୁର ଗ୍ରାପ ର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ବିଜୟ କୁମାର ସେଠୀ ଙ୍କ ରାତିଅଧିଆ ସୋରୋ ବ୍ଲକ କୁ ବଦଳିକୁ ବିରୋଧ କରି ଶତାଧିକ ଗ୍ରାମବାସୀ ଆଜି ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଈଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସିଥିଲେ।



ସୂଚନା ଯୋଗ୍ୟ ପିଇଓ ଶ୍ରୀ ସେଠୀ ଯୋଗ ଦେବା ପରେ ପଞ୍ଚାୟତ ବାସୀଙ୍କର ବହୁବିଧ ଉନ୍ନୟନ ମୂଳକ କାର୍ଯ୍ୟ କରି ସେ ପ୍ରିୟପାତ୍ର ହୋଇଛନ୍ତି। ତେଣୁ ଗତକାଲି ଅପରାହ୍ନ ୫ଘଟିକା ବେଳେ ସେଠୀ ଙ୍କର ସୋରୋ ବ୍ଲକ କୁ ବଦଳିକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଔପଦା ବ୍ଲକ ବିଡ଼ିଓ ଶାଶ୍ୱତୀ ସଡୁଆଲ ଙ୍କୁ ଏକ ଆଦେଶ ପତ୍ର ପ୍ରେରଣ କରିଥିଲେ। ପରେ ବିଡ଼ିଓ ରାତ୍ରି ପ୍ରାୟ ୮ ଘଟିକା ସମୟରେ ଉକ୍ତ ବଦଳି ପତ୍ର କୁ ପିଇଓ ଶ୍ରୀ ସେଠୀ ଙ୍କୁ ପ୍ରେରଣ କରିଥିଲେ। ତେଣୁ ଶ୍ରୀ ସେଠୀ ଙ୍କୁ ରାତିଅଧିଆ ବଦଳିକୁ ନେଇ ଆଜି ପଞ୍ଚାୟତ ବାସୀ ଜାଣିବା ପରେ ବଦଳି କୁ ବିରୋଧ କରି ଧାରଣରେ ବସିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣା ସ୍ଥଳୀକୁ ଆସିନଥିଲେ। ଏନେଇ ଧାରଣାକାରୀ ମାନେ ଆସନ୍ତା କାଲି ପୁଣି ଧାରଣରେ ବସିବେ ବୋଲି ସୂଚନା ମିଳିଛି।

ସ୍ଥାନୀୟ ସରପଞ୍ଚ ସାଧନା ମଲ୍ଲିକ, ଅନନ୍ତ ଗିରି, ବଳରାମ ବିଶ୍ୱାଳ, ସୁଧାକର ମଲ୍ଲିକ, ଗୟାଧର ବିଶ୍ୱାଳ, ଗାୟତ୍ରୀ ମଲ୍ଲିକ, ଶୀତମଣୀ ବିଶ୍ୱାଳ, ବିମଳ ଦାସ, ପ୍ରଭାକର ରାଜ, ଶିବ ଶଙ୍କର, ଶ୍ୟାମସୁନ୍ଦର ମହାପାତ୍ର, ମମତା ମହାନ୍ତି ସମେତ ଶତାଧିକ ପଞ୍ଚାୟତ ବାସୀ ଧାରଣରେ ସାମିଲ ଥିଲେ।

## ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ବୈଠକ



**ବାଲିଅନ୍ତା,୨୧ା୭ (ସଂଚାର ବ୍ୟୁରୋ):** ବାଲକାଟି ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଅଧ୍ୟାପକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ଲୀନା ପଟ୍ଟନାୟକ ସଭାପତିତ୍ୱ କରିଥିଲେ।

ବୈଠକରେ ନୂତନ ପାଠ୍ୟକ୍ରମ, ପିଲାମାନଙ୍କୁ ନିୟମିତ ବିଦ୍ୟାଳୟ ପଠାଇବା, ଉପସ୍ଥାନ ହାର ବୃଦ୍ଧି ନେଇ ଅଭିଭାବକମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ୧୧୭ ଜଣ ଅଭିଭାବକ ସାମିଲ ଥିଲେ ।

# ସରପଞ୍ଚଙ୍କ ଦୁର୍ନୀତିର ପର୍ଦ୍ଦାଫାସ କଲେ ସମିତି ସଭ୍ୟ

### ସରପଞ୍ଚଙ୍କ ବିରୋଧରେ ଅନିୟମିତତା ଅଭିଯୋଗ \ ମିଶନ ଶକ୍ତି ଗୃହ ମରାମତି ଓ ସାମଗ୍ରୀ କ୍ରୟରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

**ବାଲିଆପାଳ,୨୧ା୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବର୍ଣ୍ଣିଆଡିହା ଗ୍ରାମପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତର ସମିତି ସଭ୍ୟ କଟି ମାରାଣ୍ଡି ଓ କିଛି ପଞ୍ଚାୟତବାସୀ। ସେମାନଙ୍କ ଦାବି ଅନୁଯାୟୀ, ମିଶନ ଶକ୍ତି ଗୃହ ମରାମତି, ପାନୀୟ ଜଳ ବ୍ୟବସ୍ଥା ଏବଂ ପଞ୍ଚାୟତ ଅଫିସ ପାଇଁ ସାମଗ୍ରୀ କ୍ରୟ ନାମରେ ପଞ୍ଚାୟତ ପାଣ୍ଠିରୁ ଅର୍ଥ ଉଠାଯାଇଥିଲେ ମଧ୍ୟ, ସମ୍ପୃକ୍ତ କାର୍ଯ୍ୟ ଓ ସାମଗ୍ରୀକୁ ନେଇ ସ୍ୱଚ୍ଛତା ରହିନାହିଁ।

ଅଭିଯୋଗ ଅନୁସାରେ, ଗତ ଆର୍ଥିକ ବର୍ଷରେ ମିଶନ ଶକ୍ତି ଗୃହର ପାଇଖାନା ମରାମତି ପାଇଁ ପ୍ରାୟ ୪୫ ହଜାର ଟଙ୍କା ଏବଂ ଆକ୍ୱାଗାର୍ଡ ସ୍ଥାପନ ପାଇଁ ୪୮ ହଜାର ଟଙ୍କା ଖର୍ଚ୍ଚ ଦର୍ଶାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ସେହି ମିଶନ ଶକ୍ତି ଗୃହ ମରାମତି ନକରି ମରାମତି ନାମରେ ପୁଣି ୬୩,୮୨୯ ଟଙ୍କା



ଏବଂ ୫୯,୦୦୦ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛିସେହିପରି, ପଞ୍ଚାୟତ ଅଫିସ ପାଇଁ ନୂତନ କମ୍ପ୍ୟୁଟର, ପ୍ରିଣ୍ଟର ଓ ଚେୟାର କ୍ରୟ ବାବଦରେ ୧,୨୨,୪୦୦ ଟଙ୍କା ବ୍ୟୟ ଦର୍ଶାଯାଇଥିଲେ ମଧ୍ୟ, ପଞ୍ଚାୟତର ସରପଞ୍ଚ କାଳିଚରଣ ଜେନାକୁ ଗତ ଶୁକ୍ରବାର ଠାରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ଅଫିସ ଯାଇ ସମିତି ସଭ୍ୟ ଶ୍ରୀ ମାରାଣ୍ଡି ଏବଂ କିଛି ପଞ୍ଚାୟତବାସୀ କିଣାଯାଇଥିବା ସାମଗ୍ରୀ ବାବଦରେ ବାରମ୍ବାର ପଚାରିଲେ ବି କୌଣସି ବିଲ୍ ଦେଖାଉ ନାହାଁନ୍ତି କି ସାମଗ୍ରୀ ମଧ୍ୟ ଦେଖାଉ ନାହାଁନ୍ତି ।

ତେବେ ଦୁର୍ନୀତି ବିଷୟରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଗତ ଶୁକ୍ରବାର ଠାରୁ ପଞ୍ଚାୟତର ପିଇଓ ଗୌତମ ସେଠି ପଞ୍ଚାୟତ ଅଫିସକୁ ନଆସି ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଫୋନ୍ ଯୋଗେ ସମସ୍ତ ସାମଗ୍ରୀ ଅଫିସରେ ଥିବା କହିଥିବା ବେଳେ ଆଉ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ ଉଠାଉ ନାହାଁନ୍ତି ।

ଅନ୍ୟପଟେ, ସରପଞ୍ଚ କାଳିଚରଣ ଜେନା ଗଣମାଧ୍ୟମଙ୍କ କ୍ୟାମେରା ସାମ୍ନାରେ ପ୍ରତିକ୍ରିୟା ଦେବାକୁ ମନା କରି ପିଇଓ ଆସିବା ପରେ ସମସ୍ତ ବିବରଣୀ ଦେବେ ବୋଲି କହିଥିବା ଜଣାପଡିଛି। ତେବେ ଏଠି ସରପଞ୍ଚଙ୍କ ସ୍ୱଚ୍ଛତା ଓ ପାରିବା ପଣିଆ ଉପରେ ଜନତା ପ୍ରଶ୍ନ ଉଠିଛନ୍ତି ।

ସମିତି ସଭ୍ୟ କଟି ମାରାଣ୍ଡି ଓ କିଛି ପଞ୍ଚାୟତବାସୀ ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ୱାଙ୍ଗଚୁକଙ୍କ ଅନଶନକୁ ସମର୍ଥନ କରି ସିପିଆଇ(ଏମ)ର ପ୍ରତିବାଦ




**ଯାଜପୁର ରୋଡ଼୨୧ା୭ (ସଂଚାର ବ୍ୟୁରୋ):** ସିପିଆଇ(ଏମ) ଏବଂ ସିଆଇଟିୟୁ ଜିଲ୍ଲା କମିଟି ପକ୍ଷରୁ ଦିଲ୍ଲୀର ଜନ୍ତର ମନ୍ତର ଠାରେ ହୋଇଥିବା ସର୍ବଭାରତୀୟ ଛାତ୍ର ଆନ୍ଦୋଳନ ଏବଂ ସୋନମ ୱାଙ୍ଗଚୁକଙ୍କ ଅନଶନ ପ୍ରତି ସଂହତି ପ୍ରକାଶ କରି ଏବଂ ଭାରତର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥା ପାଇଁ ଦାୟୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଏନଟିଏ'କୁ ବିଲୋପ କରି ନିଟ୍ ସମେତ ସମସ୍ତ ଜାତୀୟ ପ୍ରବେଶ ପରିକ୍ଷା ପରିଚାଳନାରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବା, ଏନ୍‌ଟିଏର ବିଫଳତାର ନିରପେକ୍ଷ ତଦନ୍ତ ସହିତ ଦୋଷୀ ମାନଙ୍କୁ କଠୋର ଦଣ୍ଡ ଦେବା, ଜାତୀୟ ଶିକ୍ଷାନୀତି -୨୦୨୦ କୁ ପ୍ରତ୍ୟାହାର କରିବା, ଓଡ଼ିଶାରେ ଭୁଲ ଲେଖା ଥିବା ସମସ୍ତ ବହି ପ୍ରତ୍ୟାହାର କରି ତୁରନ୍ତ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦେବା ଏବଂ ଏଥିପାଇଁ ଦାୟୀ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ଇତ୍ୟାଦି ଦାବିରେ ଯାଜପୁର ରୋଡ଼ ରେଳଷ୍ଟେସନ ଠାରୁ ଏକ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକ ଠାରେ ପହଂଚିବା ପରେ ସିପିଆଇ(ଏମ) ନେତା ତଥା ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଓ ପରିକ୍ଷାର ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ।

SANCHAR
ସଂଚାର ବୁଧବାର ୨୨ ଜୁଲାଇ ୨୦୨୬
ସ୍ୱାସ୍ଥ୍ୟ

# କଳା ପ୍ଲାଷ୍ଟିକ ଡବାରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଆଜିର ଧାଁ ଦୌଡ ଜୀବନରେ ଆମେ ବହୁତ ବ୍ୟସ୍ତ। କାହା ପାଖରେ ଟିକେ ସମୟ ନାହିଁ। ସର୍ଟ୍ କଟ୍ ବାଟରେ ଯିବା ଚକ୍କରରେ ଆମେ ଅନେକ ଜିନିଷ ବ୍ୟବହାର କରୁଛୁ ଯାହା ଆମ କାମକୁ ସହଜ କରିଦେଉଛି।ସମୟ ବଞ୍ଚାଇବା ପାଇଁ ଆମେ ଏପରି ଅନେକ ଜିନିଷକୁ ଆମର ଜୀବନର ଅଂଶ କରିସାରିଲୁଣି। ସର୍ଟ କଟ୍ ବାଟ ସିନା ଦେଖିବାକୁ ଭଲ ଲାଗେ କିନ୍ତୁ ଆମ ଜୀବନ ପାଇଁ ସତର୍କ ଘଣ୍ଟି। ପରେ ଆମ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ। ଏ ଖବର ସିଧା ଆପଣଙ୍କ ପାଇଁ, ଆପଣଙ୍କ ଶରୀର ପାଇଁ ଓ ଆପଣଙ୍କ ଛୋଟ ହେଉଥିବା ଜୀବନ ବିଷୟରେ।

ଆପଣ କଳା ପ୍ଲାଷ୍ଟିକ ଡବାରେ ଖାଦ୍ୟ ଖାଉଛନ୍ତି କି ଯଦି ହଁ ତେବେ ଜାଣିରଖନ୍ତୁ ଖାଦ୍ୟ ନୁହେଁ ବିଷ ଖାଉଛନ୍ତି। ଧିରେ ଧିରେ ଜୀବନ ନେଇଯିବ କଳା ଡବାର ଖାଦ୍ୟ। ଆଜି ରାନ୍ଧିବାକୁ ଇଚ୍ଛା ହେଉନି ଆମେ ତୁରନ୍ତ ଖାଦ୍ୟ ଅର୍ଡର କରିଦେଉ। ଡେଲିଭରି ବୟ ଆସି ଆମ ହାତକୁ ଖାଇବା ବଢାଇ ଦିଏ। ଆମେ କଳା ଡବା ଭିତରୁ ସୁଆଦିଆ ଖାଦ୍ୟ ବାହାର କରି ବେଶ ମଜାରେ ଖାଇଥାଉ। ଅନେକ ଖାଇଲା ପରେ ଡବାକୁ ସଫା କରି ରଖିଦେଇଥାନ୍ତି। ପରେ କାମରେ ଆସିବ। କିନ୍ତୁ ଏସବୁ କାମ ଆମ ପାଇଁ ଦିନେ ସଜା ହୋଇଯିବ କେବେ ଚିନ୍ତା କରିନଥାଉ। କଳା ପ୍ଲାଷ୍ଟିକ ଡବାକୁ ନେଇ ଆହୁରି ଚକିତ କଲା ପରି କଥା ଅଛି। ଯାହା ଆପଣଙ୍କୁ ଜାଣିବା ନିହାତି ଦରକାର। ହୋଟେଲରେ ଖାଦ୍ୟ ପ୍ୟାକ ହେଉଥିବା ବ୍ଲାକ ପ୍ଲାଷ୍ଟିକ ଡବା ।ପ୍ରାୟ ହୋଟେଲରେ ଖାଦ୍ୟ ପ୍ୟାକ ପାଇଁ କଳା ରଂଗର ପ୍ଲାଷ୍ଟିକ ବକ୍ସ ବ୍ୟବହାର କରାଯାଇଥାଏ।ଯେତେବେଳେ ଆମେ ଏହି କଣ୍ଟେନରରେ ଖାଦ୍ୟ ପ୍ୟାକ କରୁଛୁ ସେଠି ମହଜୁଦ ଥିବା କିଛି ବିଷାକ୍ତ କଣିକା ଆମ ଖାଦ୍ୟରେ ମିଶିଯାଇଥାଏ। ଆଉ ଖାଇବା ସହ ଆମ ଶରୀରର ଭିତରକୁ ଯାଇଥାଏ। ଯାହା ପରେ ଆମ ଶରୀରର କ୍ଷତି କରିଥାଏ। ଏହି ପ୍ଲାଷ୍ଟିକ ବକ୍ସରେ ଯଦି ଅଧିକ ଗରମ ଖାଦ୍ୟ ରଖାଯାଏ ନଚେତ ମାଇକ୍ରୋୱେଭରେ ରଖି ଖାଦ୍ୟ ଗରମ କରାଯାଏ ତେବେ କ୍ୟାନସର ହେବାର ଆଶଙ୍କା ବଢିଥାଏ। ସେହିପରି ରେସ୍ପିରେଟରୀ ସମସ୍ୟା ବଢିଥାଏ।ହରମନ ସନ୍ତୁଳନକୁ ବିଗାଡି ଥାଏ। ଯଦି ଆପଣବି ସେହି ଲୋକଙ୍କ ମଧ୍ୟରେ ସାମିଲ ଅଛନ୍ତି ତେବେ ଆଜି ହିଁ ଏହି ଅଭ୍ୟାସକୁ ବଦଳାନ୍ତୁ। ଆପଣଙ୍କୁ ଜଣାଇ ଦେଉଛୁ କି ବ୍ଲାକ ପ୍ଲାଷ୍ଟିକରେ ଅନେକ କ୍ଷତିକାରକ କ୍ୟାମିକାଲ ରହିଛି। ଚକିତ କଲା ପରି କଥା ହେଉଛି ପ୍ରଥମରୁ ପ୍ଲାଷ୍ଟିକ ବକ୍ସରେ କୌଣସି ହାନିକାରକ କେମିକାଲ ନଥାଏ। ବରଂ ଗରମ ଖାଇବା ରଖିଲେ ବା ଖାଇବା ଗରମ କଲେ ଏସବୁ ଉତ୍ପନ୍ନ ହୋଇଥାଏ। ଅନେକ ଖାଇବା ପରେ ଏହି ଡବାକୁ ସଫା କରି ସାଇତି ରଖନ୍ତି କାହିଁକି ନା ଆଗକୁ କାମରେ ଆସିବ। ପ୍ଲାଷ୍ଟିକର ଲଗାତାର ବ୍ୟବହାର କେବଳ ଆମ ଶରୀରକୁ କ୍ଷତି ପହଞ୍ଚାଏନି ବରଂ ପରିବେଶକୁ ବି ପ୍ରଦୂଷିତ କରୁଛି। ଏହାର ସୁରକ୍ଷିତ ବିକଳ୍ପ ହେଉଛି ଗରମ ଖାଦ୍ୟ କାଚ କିମ୍ବା ଷ୍ଟେନଲେସ୍ ଷ୍ଟିଲ ପାତ୍ରରେ ରଖିବା ଉଚିତ। ମାଇକ୍ରୋୱେଭ ପ୍ଲାଷ୍ଟିକ ବକ୍ସ ଏଡାଇବା ଦରକାର।ସେଗୁଡିକ ଶୁଖିଲା ଜିନିଷ ରଖିବାରେ ବ୍ୟବହାର କରିହେବ। ଯଦି ସୁସ୍ଥ ରହିବାକୁ ଚାହୁଁଛନ୍ତି ବେଳ ଥାଉ ଥାଉ ସୁଧୁରିଯାଆନ୍ତୁ।

# ଭିଟାମିନ ଅଭାବରୁ କେଶ ପାଚିଯାଏ

କେଶ ଧଳା ହେବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ଯାହା କେବଳ ବୟସ୍କ ଲୋକଙ୍କ ମଧ୍ୟରେ ନୁହେଁ ବରଂ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି। କେଶ ଆମ ମୁଣ୍ଡର ମୁକୁଟ ଏବଂ ଆମର ବ୍ୟକ୍ତିତ୍ୱକୁ ପରିଭାଷିତ କରେ। ତଥାପି, କେଶ ଝଡ଼ିବା ଏବଂ ଧଳା ହେବା ବହୁତ ସାଧାରଣ। କିନ୍ତୁ କେଶ ଧଳା ହେବାର ମୁଖ୍ୟ କାରଣ ଭିଟାମିନ୍ ଅଭାବ ହୋଇପାରେ। ଉପଯୁକ୍ତ ପୁଷ୍ଟିସାର ଅଭାବ ଶରୀରର ଅନେକ ଅଂଶକୁ ପ୍ରଭାବିତ କରେ, ଏବଂ କେଶ ରଙ୍ଗ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ତେବେ ଆସନ୍ତୁ ଜାଣିବା କେଉଁ ଭିଟାମିନ୍ ଅଭାବରୁ କେଶ ଧଳା ହୋଇଥାଏ ଏବଂ ସେଗୁଡ଼ିକୁ ସମାଧାନ କିପରି କରିବା।

**ଭିଟାମିନ୍ ବି୧୨ ଅଭାବ:** ଭିଟାମିନ୍ ବି୧୨ କେଶ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା କେଶ ମୂଳକୁ ପୋଷଣ କରିବାରେ ସାହାଯ୍ୟ କରେ ଏବଂ ହେୟାର ଫଲିକ୍ସରେ ମେଲାନିନ୍ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ। ମେଲାନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ଧଳା ହୋଇଥାଏ। ଭିଟାମିନ୍ ବି୧୨ ଅଭାବରେ ମଧ୍ୟ ଥକାପଣ, ଦୁର୍ବଳତା ଏବଂ ରକ୍ତହୀନତା ଭଳି ସମସ୍ୟା ସୃଷ୍ଟି କରିପାରେ। ଭିଟାମିନ୍ ବି୧୨ ଅଭାବ ଦୂର କରିବା ପାଇଁ, ମାଂସ, ଅଣ୍ଡା, କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ ସେବନ କରନ୍ତୁ। ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି୧୨ ପରିପୂରକ ଏକ ଭଲ ବିକଳ୍ପ ହୋଇପାରେ।

**ଭିଟାମିନ୍ ଡି ଅଭାବ:** ଭିଟାମିନ୍ ଡି କେବଳ ହାଡ଼ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ କେଶ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଜରୁରୀ। ଏହା କେଶ ମୂଳକୁ ମଜବୁତ କରେ ଏବଂ ନୂତନ କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଭିଟାମିନ୍ ଡି ଅଭାବ କେଶକୁ ପତଳା ଏବଂ ଦୁର୍ବଳ କରିପାରେ। ଯାହା ଧଳା ହେବାର ଆଶଙ୍କା ବୃଦ୍ଧି କରେ। ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ ଡିର ସର୍ବୋତ୍ତମ ଉତ୍ସ। ପ୍ରତିଦିନ ସୂର୍ଯ୍ୟକିରଣରେ କିଛି ସମୟ ବିତାଇବା ଦ୍ୱାରା ଭିଟାମିନ୍ ଡି ଅଭାବ ଦୂର ହୋଇପାରିବ। ଏହା ସହିତ, ମାଛ, ଅଣ୍ଡା କେଶର ଏବଂ ଛତୁ ପରି ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ଲାଭଦାୟକ ହୋଇପାରେ।

**ଭିଟାମିନ୍ ଇ ଅଭାବ:** ଭିଟାମିନ୍ ଇ ଏକ ଆଣ୍ଟିଅକ୍ସିଡାଣ୍ଟ । ଯାହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ମୁଣ୍ଡରେ ରକ୍ତ ସଞ୍ଚାଳନକୁ ଉନ୍ନତ କରେ ଏବଂ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ। ଭିଟାମିନ୍ ଇ ଅଭାବ କେଶକୁ ଦୁର୍ବଳ କରିପାରେ ଏବଂ ଧଳା ହେବାକୁ ତ୍ୱରାନ୍ୱିତ କରିପାରେ। ଆପଣଙ୍କର ଭିଟାମିନ୍ ଇ ଆବଶ୍ୟକତା ପୂରଣ କରିବା ପାଇଁ ବାଦାମ, ରାଶି ଏବଂ ସବୁଜ ପତ୍ରଯୁକ୍ତ



ପନିପରିବା ଖାଆନ୍ତୁ। ଆପଣ ଭିଟାମିନ୍ ଇ ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ। କିନ୍ତୁ କେବଳ ଡାକ୍ତରଙ୍କ ପରାମର୍ଶ ପରେ।

**ଭିଟାମିନ୍ 'ଏ' ଅଭାବ:** ଭିଟାମିନ୍ 'ଏ' କେଶ ମୂଳକୁ ଆବଶ୍ୟକୀୟ ତେଲ ଉତ୍ପାଦନକୁ ନିୟନ୍ତ୍ରଣ କରେ। ଏହି ଅଭାବ ଶୁଷ୍କ ମୁଣ୍ଡର କାରଣ ହୋଇପାରେ ଏବଂ ଧଳା ହେବାର ସମ୍ଭାବନାକୁ ବୃଦ୍ଧି କରିପାରେ। ଗାଜର, ଶାକରକନ୍ଦ, ପାଳଙ୍ଗ ଏବଂ ଅନ୍ୟାନ୍ୟ ହଳଦିଆ ଏବଂ କମଳା ରଙ୍ଗର ଫଳ ଏବଂ ପନିପରିବା ଖାଇବା ଏହି ଭିଟାମିନ୍ 'ଏ' ଅଭାବକୁ ଦୂର କରିବାରେ ସାହାଯ୍ୟ କରିପାରିବ।

**କେଶ ଧଳା ହେବାରେ ଅନ୍ୟାନ୍ୟ କାରଣ**

ଦୀର୍ଘକାଳୀନ ଚାପ କେଶ ମୂଳକୁ ଦୁର୍ବଳ କରିଥାଏ ଏବଂ ଧଳା କେଶ ସଂଖ୍ୟା ବୃଦ୍ଧି କରେ। ଯଦି ପରିବାରରେ କେଶ ଶୀଘ୍ର ଧଳା ହେବାର ଇତିହାସ ଅଛି, ତେବେ ଆପଣଙ୍କ କେଶ ମଧ୍ୟ ଶୀଘ୍ର ଧଳା ହୋଇପାରେ। ଧୂମପାନ କେଶରେ ଅକ୍ସିଡେଟିଭ୍ ଚାପ ବୃଦ୍ଧି କରେ, ଯାହା ଖୁବଶୀଘ୍ର ଧଳା ହୋଇପାରେ। କେଶ ଧଳା ହେବା ଏକ ସାଧାରଣ ପ୍ରକ୍ରିୟା। କିନ୍ତୁ ଯଦି ଏହା କମ୍ ବୟସରେ ହୁଏ, ତେବେ ଏହା ପୁଷ୍ଟିକର ଅଭାବର ଏକ ଲକ୍ଷଣ ହୋଇପାରେ। ଭିଟାମିନ୍ ବି୧୨, 'ଡି', 'ଇ', ଏବଂ ଏ ର ଅଭାବ କେଶ ଧଳା ହେବାର ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ। ଏହି ସମସ୍ୟାକୁ ଉପଯୁକ୍ତ ଖାଦ୍ୟ, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ଏକ ସୁସ୍ଥ ଜୀବନଶୈଳୀ ଦ୍ୱାରା ପରିଚାଳନା କରାଯାଇପାରିବ।

# ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଉଚିତ



ଖାଦ୍ୟ ଖାଇବାର ତୁରନ୍ତ ପରେ ପାଣି ପିଇବା ସାଧାରଣତଃ ଲୋକଙ୍କର ଏକ ଅଭ୍ୟାସ। କିନ୍ତୁ ଜାଣନ୍ତି କି ଏହା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ? ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପ୍ରଥମେ ପାଚନ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ, ଯାହାଦ୍ୱାରା ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ ତାହା ବୁଝିବା ସହଜ ହେବ। ବୈଜ୍ଞାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଖାଇବା ପରେ ତୁରନ୍ତ ପାଣି ପିଇବା ଶରୀର ପାଇଁ କ୍ଷତିକାରକ। ତାହା ଆମେ ସମସ୍ତେ ଜାଣୁ। ଘରର ବୟସ୍କ ଲୋକମାନେ ଖାଇବା ପରେ ପାଣି ପିଇବା ମଝିରେ କିଛି ସମୟର ଗ୍ୟାପ୍ ଦେବା ପାଇଁ କହିଥାନ୍ତି। ନିଶ୍ୱାସ ପ୍ରଶ୍ୱାସ ନେବା ଶରୀର ପାଇଁ ଯେତିକି ଜରୁରି, ପାଣି ପିଇବା ମଧ୍ୟ ଠିକ୍ ସେତିକି। ଏହା ଆମ ଶରୀରକୁ କେବଳ ସତେଜ ରଖି ନଥାଏ, ବରଂ ଶରୀର ଭିତରେ ହେଉଥିବା ପ୍ରକ୍ରିୟାରେ ମଧ୍ୟ ସହଯୋଗ କରିଥାଏ। କୁହାଯାଏ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ମଧ୍ୟ ତ୍ୱଚାରେ ଚମକ ଆସିଥାଏ। କିନ୍ତୁ ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ। ଚାଲନ୍ତୁ ସେ ବିଷୟରେ ଜାଣିବା। ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ଖାଇବାର ତୁରନ୍ତ ପରେ ଆଦୌ ପାଣି ପିଇବା ଅନୁଚିତ୍। ବିଶେଷଜ୍ଞଙ୍କ ମତରେ ଖାଇବାର ଅଧା ଘଣ୍ଟା ପୂର୍ବରୁ ଓ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। କାରଣ ତରଳ ଖାଦ୍ୟ ପେଟରୁ ପ୍ରାୟ ୨୦ରୁ ୩୦ ମିନିଟ୍ରେ ବାହାରି ଯାଇଥାଏ। ଯେତେବେଳେ ଖାଦ୍ୟ ହଜମ ହେବା ପାଇଁ ୩ରୁ ୪ ଘଣ୍ଟା ସମୟ ଲାଗିଥାଏ। ଯଦି ଖାଇବା ପରେ ତୁରନ୍ତ ପାଣି ପିଉଛନ୍ତି, ତେବେ ହଜମ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଥିବା ଏନ୍ଜାଇମ୍ଗୁଡିକ ଖାଦ୍ୟକୁ ହଜମ କରିବାରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ବ୍ଲୋଟିଂ ପରି ସମସ୍ୟା ସୃଷ୍ଟି ହୋଇଥାଏ। ଅବଶ୍ୟ ଯେଉଁମାନେ କମ୍ ଖାଦ୍ୟ ଖାଇଥାନ୍ତି, ସେମାନେ ଖାଇବା ସମୟରେ ସାମାନ୍ୟ ପାଣି ପିଇପାରିବେ। କାରଣ ଏମାନଙ୍କ କ୍ଷେତ୍ରରେ ଓଭର୍ଇଟିଂ ଆଶଙ୍କା କମ୍ ରହିଥାଏ। ଯେତେବେଳେ ଆମେ ଖାଦ୍ୟ ଖାଉଛେ, ଆମ ଶରୀରରେ ହଜମ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଖାଦ୍ୟକୁ ହଜମ କରାଇବା ପାଇଁ ଲାଳ ଓ ହଜମ କରାଉଥିବା ଏନ୍ଜାଇମ୍ କ୍ଷରଣ ହୋଇଥାଏ। ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ପାଣି ପିଇବା ଦ୍ୱାରା ଏନ୍ଜାଇମ୍ଗୁଡିକ ଠିକ୍ ଭାବେ କାମ କରିପାରି ନଥାନ୍ତି। ଫଳରେ ଭୋଜନକୁ ହଜମ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାବ୍ୟତୀତ ଖାଇବା ପୂର୍ବରୁ ପାଣି ପିଇବା ଦ୍ୱାରା ପେଟ ଭରିଯାଏ, ତେଣୁ ଆବଶ୍ୟକ ଖାଦ୍ୟ ଖାଇବା ସମ୍ଭବ ହୁଏନା। ତେଣୁ କିଛି ସମୟ ପରେ ପୁଣି ଭୋକ ଲାଗିବା ସ୍ୱାଭାବିକ। ଏପରି କରିବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ବଢିଥାଏ। ତେଣି ବିଶେଷଜ୍ଞଙ୍କ ମତରେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରିବା ପାଇଁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପୂର୍ବରୁ ଏକ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି ଓ ପେଟ ଯନ୍ତ୍ରଣା ପରି ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ପାଣି ଖାଦ୍ୟକୁ ହଜମ କରୁଥିବା ଏନ୍ଜାଇମ୍କୁ ପତଳା କରିଦେଇଥାଏ। ତେଣୁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପରେ ପାଣି ପିଇବା ଉଚିତ୍

# ମୁହଁରେ ଦେଖାଯାଉଥିବା ଚିହ୍ନରୁ ବଢ଼ିପାରେ ଫ୍ୟାଟି ଲିଭର



ଫ୍ୟାଟି ଲିଭର ସମସ୍ୟା ଏବେ ବିଶ୍ୱରେ ଖୁବ୍ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭିତରୁ ଗୋଟିଏ। ଯାହା ଚୁପ୍ ଚାପ୍ ଶରୀରରକୁ ଆକ୍ରାନ୍ତ କରିଥାଏ। କାହାକୁ ଜଣା ବି ପଡ଼ି ନଥାଏ ଯେ ତାଙ୍କ ଲିଭର ଡ୍ୟାମେଜ୍ ହେଉଛି। ଯେବେ କି ସ୍ଥିତି ଗମ୍ଭୀର ହୋଇଯାଇଥାଏ। ଅଧିକାଂଶ ଲୋକ ଜାଣନ୍ତି ଅଧିକ ମଦ୍ୟପାନ କରିବା ଦ୍ୱାରା ଲିଭର ଖରାପ ହୋଇଯାଇଥାଏ। କିନ୍ତୁ ଫ୍ୟାଟି ଲିଭର କେବଳ ମଦ୍ୟପାନ ପାଇଁ ନୁହେଁ, ବରଂ ମୋଟାପଣ, ଟାଇପ୍-2 ଡାଇବେଟିସ୍ , ହାଇ ବ୍ଲଡ୍ ପ୍ରେସର ଓ ହାଇକୋଲେଷ୍ଟ୍ରୋଲ ଲିଭରରେ ଫ୍ୟାଟ୍ ଜମା କରି ଦେଇଥାଏ। ଏହାକୁ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ କୁହାଯାଇଥାଏ। ସଠିକ୍ ସମୟରେ ଏହାର ଚିକିତ୍ସା ନହେଲେ ପରବର୍ତ୍ତୀ ସମୟରେ ଏହା ଏକ ବଡ଼ ରୂପ ନେଇପାରେ। ଆଶ୍ଚର୍ଯ୍ୟକର କଥା ହେଉଛି, ଫ୍ୟାଟି ଲିଭରର ଝଲକ ତ୍ୱଚରେ ଦେଖାଯାଇଥାଏ। ହଁ, ଠିକ୍ ଶୁଣିଲେ। ଆପଣଙ୍କ ତ୍ୱଚାରେ କିଛି ଖାସ୍ ସଂକେତ ସୂଚାଇଥାଏ ଆପଣଙ୍କ ଲିଭର ଠିକ୍ ରେ କାମ କରୁଛି ନା ନାହିଁ। ହେଲ୍ଥ ଏକ୍ସପର୍ଟଙ୍କ କହିବା ଅନୁସାରେ ଏହାକୁ ଆଦୌ ଅଣଦେଖା କରନ୍ତୁନି।

**ମୁହଁ ଫୁଲିଯିବା:** ଯେତେବେଳେ ଲିଭର ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ଶରୀରରେ ପ୍ରୋଟିନ୍ ଏବଂ ତରଳ ପଦାର୍ଥର ସନ୍ତୁଳନ ବିଗିଡ଼ି ଯାଇଥାଏ। ଏହାର ପ୍ରଭାବ ମୁହଁ ଉପରେ ପଡ଼ିଥାଏ। ଅନେକ ସମୟରେ ଆଖି ଏବଂ ଗାଲ ଚାରିପାଖ ଫୁଲି ଯାଇଥାଏ। ଯଦି ତ୍ୱଚାରେ ଏମିତି ବାରମ୍ବାର ଦେଖା ଯାଉଛି, ଆଉ ଏହାର କୌଣସି ସ୍ପଷ୍ଟ କାରଣ ନାହିଁ, ତାହେଲେ ଏହା ଆଲର୍ଜି , କମ୍ ନିଦ, ଲିଭରରେ ଅସୁବିଧା ଯୋଗୁ ଏହି ବିପଦ ଦେଖା ଦେଇଥାଏ।

**ବେକରେ କଳାଦାଗ:** ଅନେକ ଲୋକଙ୍କୁ ଜଣା ପଡ଼େନି କେତେବେଳେ ତାଙ୍କ ବେକରେ କଳା ଦାଗ ଦେଖା ଯିବା ଆରମ୍ଭ ହୋଇଯାଇଥାଏ। ମେଡିକାଲ୍ ଭାଷାରେ ଏହାକୁ ଏକେଥୋସିସ୍ ନାଇଗ୍ରିକନ୍ସ କୁହାଯାଇଥାଏ। ଏହି ସମସ୍ୟା ସେ ସମୟରେ ହୋଇଥାଏ ଯେତେବେଳେ ଶରୀରର ଇନସୁଲିନ୍ ବଢ଼ିଯାଇଥାଏ। ଇନସୁଲିନ୍ ପ୍ରତିରୋଧ, ଶରୀରର ଇନସୁଲିନ୍ ସଠିକ୍ ଭାବରେ ବ୍ୟବହାର କରିବାରେ ଅସମର୍ଥତା, ଫ୍ୟାଟି ଲିଭର ସହିତ ଜଡିତ। ତେଣୁ, ବେକର ପଛ କିମ୍ବା ପାର୍ଶ୍ୱରେ କଳା ପଡ଼ିବା ଯକୃତ ଏବଂ ମେଟାବୋଲିକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

**ମୁହଁ ଲାଲ୍ ଦେଖାଯିବା:** କିଛି ଲୋକଙ୍କ ମୁହଁରେ ଲାଲ୍ ଦେଖା ଯାଇଥାଏ। କେତେକ ସମୟରେ,ମୁହଁର ଶିରା ଅଧିକ ସ୍ପଷ୍ଟ ହୋଇଯାଏ କିମ୍ବା ଛୋଟ ଛୋଟ ବ୍ରଣ ଦେଖାଯାଏ। ଏହି ଲକ୍ଷଣଗୁଡ଼ିକ ସାଧାରଣ ଲାଗିପାରେ ,କିନ୍ତୁ ଯେତେବେଳେ ମୁହଁ ଫୁଲିବା ଏବଂ ବେକ କଳା ହେବା ଭଳି ଅନ୍ୟାନ୍ୟ ଲକ୍ଷଣ ଏକା ସହ ଦେଖା ଦେଇଥାଏ। ତେବେ ଏହା ଫ୍ୟାଟି ଲିଭର ସମସ୍ୟାକୁ ଦର୍ଶାଇଥାଏ। ଲିଭର ଡ୍ୟାମେଜ୍ ହେବା ଶରୀରର ଆହୁରି ଅନେକ ଲକ୍ଷଣ ଦେଖା ଦେଇଥାଏ। ଯେମିତି କି ଜିଙ୍କ୍ ଅଭାବ ମୁହଁ ଚାରିପାଖରେ ଫୋଟକା କିମ୍ବା ଜ୍ୱଳନ ହୋଇପାରେ।

ଏମିତି କିଛି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ତେବେ ମନେ ରଖନ୍ତୁ କେବଳ ମୁହଁର ଲକ୍ଷଣ ଗୁଡ଼ିକୁ ସମାଧାନ କରିବା ଯଥେଷ୍ଟ ନୁହେଁ। ଏହା ସହ ଲିଭର ସଠିକ୍ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଓଜନ ଠିକ୍ ରଖନ୍ତୁ , ନିୟମିତ ବ୍ୟାୟାମ କରିନ୍ତୁ, ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁନି।

### ଭିଟାମାଟି ଛାଡ଼ିଲେ ନାହିଁ ଗ୍ରାମବାସୀ

# ଅସ୍ତ୍ର ଶସ୍ତ୍ର ପୂଜାର୍ଚ୍ଚନା କରି ନେଲେ ଶପଥ



**ବଲାଙ୍ଗୀର,୨୧।୭(ସଂଚାର ବ୍ୟୁରୋ)ଃ** ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଗାଁରେ ମଙ୍ଗଳବାର ସକାଳୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରିବା ପ୍ରୟାସ କରାଯାଇଥିଲା। ତେବେ କୁମିଆପାଲି ଗାଁର ଆଦିବାସୀମାନେ ମିଳିତ ପ୍ରତିବାଦ କରିବାରୁ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଛି। ତହସିଲଦାର, ଲୋୟର ସୁକ୍ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ସଦର ଏସଡିପିଓ, ଅଧୀକ୍ଷଣ ଯନ୍ତ୍ରୀ, ସଦର ଆଇଆଇସି, ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହ ପୁଲିସ୍ ଉପସ୍ଥିତିରେ ଜେସିବି ମେଶିନ ଧରି ଗାଁରେ ରହିଛନ୍ତି। ଅନ୍ୟପଟେ ଗାଁ ଆଦିବାସୀ ପରମ୍ପରା ଅନୁଯାୟୀ ଅସ୍ତ୍ରଶସ୍ତ୍ର ଧରି ପୂଜା ଅର୍ଚ୍ଚନା କରି ମଣ୍ଡପରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମହିଳା ଓ ପୁରୁଷମାନେ ଗାଁ ନ ଛାଡ଼ିବାକୁ ନିଷ୍ପତ୍ତି ନେଇ ରାମଜୀ ମଣ୍ଡପରେ ଶାନ୍ତିପୂର୍ଣ୍ଣ ଧାରଣା ଦେଉଛନ୍ତି। ଦାବିପୂରଣ ନ ହେବାଯାଏ କୁମିଆପାଲି ଗାଁର ୮୪ ଆଦିବାସୀ ପରିବାର ଭିଟାମାଟି ଛାଡିବେ ନାହିଁ ବୋଲି ଜିଲା ପ୍ରଶାସନକୁ ରୋକଠୋକ ଜଣାଇଛନ୍ତି । ଜିଲା ପ୍ରଶାସନ ଦାବି ପୂରଣ ନ କରି ବିସ୍ଥାପନ କରିବାକୁ ଆସିଥିବାରୁ ସରକାରଙ୍କୁ କଠୋର ଭାଷାରେ ସମାଲୋଚନା କରିଥିଲେ। ଉଚିତ୍ କ୍ଷତିପୂରଣ ଏବଂ ଥଇଥାନ ବ୍ୟବସ୍ଥା ନ କରି ବର୍ଷାଦିନରେ ଆଦିବାସୀ ପରିବାର ବର୍ଗଙ୍କୁ ପୁଲିସ୍ ଫୋର୍ସ ଲଗାଇ ଜବରଦସ୍ତି ବିସ୍ଥାପିତ କରିବା ଅନ୍ୟାୟ ବୋଲି ଗ୍ରାମବାସୀ କହିଥିଲେ। ସରକାରୀ ଅଧିକାରୀ ମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ସଫଳ ହୋଇନାହିଁ। ଲୋୟର ସୁକ୍ତେଲ ପ୍ରକଳ୍ପ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁକ୍ତେଲ ଜଳଭଣ୍ଡାରରେ ଦ୍ରୁତ ଗତିରେ ଜଳସ୍ତର ବଢୁଛି। ଜଳସ୍ତର ପ୍ରାୟ ୧୯୯ ମିଟରକୁ ଛୁଇଁଲାଣି। ଜଳସ୍ତର ୨୦୦ ମିଟର ଛୁଇଁଲେ କୁମିଆପାଲି ଗାଁ ଭିତରକୁ ପାଣି ମାଡିଆସିବ। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ, ଅନ୍ୟ ସବଇନ୍ସପେକ୍ଟରଙ୍କ ସହ ୨ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ଥିଲେ।

## ତାଲୁକ ଆଇନ ସେବା ସମିତି ତରଫରୁ ଆଇନ ସଚେତନତା କାର୍ଯ୍ୟକ୍ରମ



**ଧର୍ମଗଡ଼,୨୧।୭(ସଂଚାର ବ୍ୟୁରୋ)ଃ** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ଦ୍ୱାରା ଆୟୋଜିତ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାର ଙ୍କ ଅଧ୍ୟକ୍ଷତା ରେ ପୋସ ଅଧିନିୟମ ତଥା ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଅଧିନିୟମ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓ କାର୍ଯ୍ୟକ୍ରମ ରେ ସମ୍ମାନନୀୟ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସରେଚନ୍ଦନ ସେଠି, ଧର୍ମଗଡ଼ ଆଇନଜୀବି ସଙ୍ଘ ର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ସି ଡି ପି ଓ ଧରିତ୍ରୀ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବି ଧୀରେନ୍ଦ୍ରନାଥ ପାତ୍ର, ଆଇନଜୀବୀ ତଥା ତାଲୁକ ଆଇନ ସେବା ସମିତି ର ସଦସ୍ୟ ମିହିର ରଞ୍ଜନ ପଙ୍ଗଯୋଶୀ, ରିନେଟର ପଣ୍ଡା, ସଂଯୁକ୍ତା ପଣ୍ଡା, ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତି ର ଅଧ୍ୟକ୍ଷ ଶ୍ରୀ ସାମନ୍ତସିଂହାର ପୋଷ ଅଧିନିୟମ ଏବଂ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଅଧିନିୟମ ଉପରେ ସାମଗ୍ରିକ ଧାରଣା ଦେଇ ଥିଲେ ଏବଂ ଏହି ଅଧିନିୟମ ର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ସଭା କୁ ଶ୍ରୀମତୀ ସଂଯୁକ୍ତା ପଣ୍ଡା ପରିଚାଳନା କରିଥିଲେ ଏବଂ ଶ୍ରୀ ପଙ୍ଗଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଉଁଶର ବୈଜ୍ଞାନିକ ବିନିଯୋଗ ପାଇଁ ଏମ୍‌ସିଏଲ୍ ଓ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର



**ସମ୍ବଲପୁର,୨୧।୭(ସଂଚାର ବ୍ୟୁରୋ)ଃ** ତାଳଚେରସ୍ଥିତ ଆଗାମୀ କୋଇଲା ଗ୍ୟାସୀକରଣ-ଭିତ୍ତିକ ଆମୋନିଆ-ୟୁରିଆ ପ୍ରକଳ୍ପରୁ ନିର୍ଗତ ପାଉଁଶ (ଫ୍ଲାଇ ଆସ୍) ର ସୁରକ୍ଷିତ ଓ ବୈଜ୍ଞାନିକ ପରିଚାଳନା ପାଇଁ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ଏବଂ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫ୍‌ଏଲ୍) ମଧ୍ୟରେ ସମ୍ବଲପୁରଠାରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତିନାମା ଅନୁଯାୟୀ, ପ୍ରକଳ୍ପରୁ ସୃଷ୍ଟି ହେଉଥିବା ପାଉଁଶକୁ ହାଇ କନସେଣ୍ଟ୍ରେସନ ସ୍ଲରୀ ଡିସପୋଜାଲ (ଏଚ୍‌ସିଏସ୍‌ଡି) ସିଷ୍ଟମ ମାଧ୍ୟମରେ ପରିବହନ କରାଯାଇ ଏମ୍‌ସିଏଲ୍‌ର ଜଗନ୍ନାଥ ଓପନ୍ କାଷ୍ଟ ପ୍ରକଳ୍ପର 'ଭିଆଇ ନମ୍ବର ଓ୦'ରେ ବୈଜ୍ଞାନିକ ଉପାୟରେ ଜମା କରାଯିବ। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ପରିବେଶ ଅନୁକୂଳ ପାଉଁଶ ପରିଚାଳନା ସୁନିଶ୍ଚିତ କରିବା ସହ ବୈଜ୍ଞାନିକ ଉପାୟରେ ଖଣି ପୁନରୁଦ୍ଧାର କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଉପରୋକ୍ତ ବୁଝାମଣାରେ ଏମ୍‌ସିଏଲ୍ ପକ୍ଷରୁ ମହାପ୍ରବନ୍ଧକ (ଯୋଜନା ଓ ପରିଯୋଜନା) ପି. କେ. ମିଶ୍ର ଏବଂ ଟିଏଫ୍‌ଏଲ୍ ପକ୍ଷରୁ ପ୍ରବନ୍ଧ ନିର୍ଦ୍ଦେଶକ ବିବେକ ଶ୍ରୀବାସ୍ତବ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଏହି ଯୌଥ ଉଦ୍ୟମ ନିରନ୍ତର ଶିଳ୍ପାଞ୍ଚଳକୁ ପ୍ରୋତ୍ସାହିତ କରିବ, ଖଣିଗୁଡ଼ିକର ଖାଲି ସ୍ଥାନରେ ଦକ୍ଷ ବିନିଯୋଗକୁ ସକ୍ଷମ କରିବ ଏବଂ ଦାୟିତ୍ୱବାନ ପରିବେଶ ପରିଚାଳନାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ପରିବେଶ ଅନୁକୂଳ ସମାଧାନ ଆପଣାଇବା ଏବଂ ଦେଶର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଯୋଗଦାନ କରିବା ପାଇଁ ଏମ୍‌ସିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି।

## ୪ ମାସ ହେଲା ମିଳୁନି ଭତ୍ତାଃ ଆନ୍ଦୋଳନ ପାଇଁ ସଜବାଜ ହିତାଧିକାରୀ

**ଭଞ୍ଜନଗର,୨୧।୭(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକର କିଛି ହିତାଧିକାରୀ ବିଗତ ୪ ମାସ ହେଲା ବକେୟା ଭତ୍ତା ଅର୍ଥ ପାଇ ପାରିନାହାନ୍ତି। ଫଳରେ ଉକ୍ତ ହିତାଧିକାରୀ ମାନେ ଚଳିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଭଞ୍ଜନଗର ବ୍ଲକ ଦୋମୁହାଣୀ ଗ୍ରାମର କିଛି ହିତାଧିକାରୀ ଭଞ୍ଜନଗର ବିଡ଼ିଓ, ଉପଜିଲାପାଳଙ୍କୁ ଭେଟି ନିଜର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ହିତାଧିକାରି ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ। ଏଥିପାଇଁ ସେମାନେ ସଜବାଜ



ହେଉଛନ୍ତି ବୋଲି ସାମାଜିକ କର୍ମୀ ଜବାହରଲାଲ ସାହୁ କହିଛନ୍ତି। ଅପରପକ୍ଷେ ବ୍ଲକର ଜଣେ ଅଧିକାରୀ ଏଠାରେ କହିଛନ୍ତି ଯେ, ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ସମସ୍ୟାର ସମାଧାନ ହୋଇଯାଇଛି। ଆଉ ଅଳ୍ପ କିଛି ହିତାଧିକାରୀଙ୍କ ଯେଉଁ ସମସ୍ୟା ଅଛି ତାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ଖୁବଶୀଘ୍ର ତାହାର ସମାଧାନ ହୋଇଯିବ।

## ରାସ୍ତାରେ ପଡ଼ିଲା ଗଛଃ ଦୁଇ ଘଣ୍ଟା ବସ୍ ଚଳାଚଳ ବନ୍ଦ



**ରାଇକିଆ,୨୧।୭(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲାର ରାଇକିଆ- କ. ନୂଆଗାଁ ମୁଖ୍ୟ ରାସ୍ତାରେ ଏକ ବଡ଼ ଗଛ ପଡ଼ିଯିବା ଯୋଗୁ ପ୍ରାୟ ଦୁଇ ଘଣ୍ଟା ଧରି ବସ୍ ସମେତ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ଧରମପୁର ନିକଟରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟା ସମୟରେ ଲଗାଣ ବର୍ଷା ଯୋଗୁ ଗଛର ମୂଳ ପାଖର ମାଟି ଧୋଇ ଯାଇଥିଲା। ଫଳରେ ଗଛଟି ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଯାନବାହନ ଅଟକି ରହିଥିଲା ଏବଂ ପ୍ରାୟ ଦୁଇ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରାଇକିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ୍ ସାହାଯ୍ୟରେ ଗଛକୁ କାଟି ରାସ୍ତାରୁ ହଟାଇଥିଲେ। ପରେ ରାସ୍ତା ସଫା କରାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାଇକିଆ- କ. ନୂଆଗାଁ ରାସ୍ତା କଡ଼ରେ ଅନେକ ସ୍ଥାନରେ ବିପଦପୂର୍ଣ୍ଣ ଅବସ୍ଥାରେ ଗଛ ଓ ଶୁଖିଲା ଡାଳ ରହିଛି। ସମୟମତେ ସେଗୁଡ଼ିକର ଛଟେଇ କିମ୍ବା ଅପସାରଣ କରାଯାଉ ନ ଥିବାରୁ ବର୍ଷା ଓ ପବନ ସମୟରେ ଏଭଳି ଘଟଣା ବାରମ୍ବାର ଘଟୁଛି। ତେଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପ୍ରଶାସନ ତୁରନ୍ତ ବିପଦଜନକ ଗଛଗୁଡ଼ିକୁ ଚିହ୍ନଟ କରି ଅପସାରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ

**ନୂଆପଡ଼ା,୨୧।୭(ସଂଚାର ବ୍ୟୁରୋ)ଃ** ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ସୁନାପୁର ଶିବ ମନ୍ଦିର ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଆଜି ସକାଳ ଦଶ ଘଟିକା ସମୟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଅଜଣା ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ସୁନାପୁର ଗ୍ରାମର ଲୋକେଶ୍ୱର କାଣ୍ଡ (୨୪) ବୋଲି ଜଣାପଡ଼ିଛି। ଏଥିରେ ଅନ୍ୟ ଜଣେ ଯୁବକ ପ୍ରେମ ସିଂ କାଣ୍ଡ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ବୋଡ଼େନ ଗୋଷ୍ଠି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା,୨୧।୭(ସଂଚାର ବ୍ୟୁରୋ)ଃ** ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ନିକ୍ତିମାଲ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର ହେବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଗ୍ରାମର ଶେଷଦେବ ବେହେରା (୪୮)। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଶେଷଦେବ ଘରୁ ବାହାରକୁ ଯାଇଥିଲେ। ରାତି ବିଳମ୍ବ ପର୍ଯ୍ୟନ୍ତ ସେ ଘରକୁ ଫେରିନଥିବାରୁ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ। ତେବେ ମଙ୍ଗଳବାର ସକାଳେ ଗ୍ରାମର ଏକ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ଖବର ପାଇ ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଶେଷ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଏନେଇ ଲଇକେରା ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର କହିଛନ୍ତି ଯେ, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସେପର୍ଯ୍ୟନ୍ତ ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଜାରି ରହିଛି।

### ପ୍ରଦାନ ସଂସ୍ଥା ଦ୍ୱାରା ଯୁବତୀଙ୍କ ଦକ୍ଷତା ବିକାଶ

## ସିନ୍ଧିବାହାଲୀଠାରେ କମ୍ୟୁନିଟି ମୋବିଲାଇଜେସନ୍ ପ୍ରଶିକ୍ଷଣ



**ଲାଞ୍ଜିଗଡ଼,୨୧।୭(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ସିନ୍ଧିବାହାଲୀ ଅଙ୍ଗନବାଡ଼ି କେନ୍ଦ୍ର ଠାରେ ପ୍ରଦାନ ସଂସ୍ଥା ପକ୍ଷରୁ କମ୍ୟୁନିଟି ମୋବିଲାଇଜେସନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ଅଞ୍ଚଳରୁ ୧୯ ଜଣ ଯୁବତୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମୟରେ ବାଳିକାମାନଙ୍କୁ ଆତ୍ମନିର୍ଭର ଶୀଳତା, ନେତୃତ୍ୱ ବିକାଶ, ଜୀବନ କୌଶଳ, ସମୁଦାୟ ସହ ସଂଯୋଗ ସ୍ଥାପନ, ରୋଜଗାରମୂଳକ ଦକ୍ଷତା ଏବଂ ଆର୍ଥିକ ସଶକ୍ତିକରଣ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ସସ୍ମିତା ବିଶ୍ୱାଳ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସଫଳତାର ସହ ପରିଚାଳନା କରିଥିବା ବେଳେ ସାରଥୀ ସରିତା ଦୋରା ବିଶେଷ ସହଯୋଗ କରିଥିଲେ। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ ବିମଳା ବାଗ ଓ ଯୁବସାମ୍ବାଦିକ ମଳୟ ବେନୁଆଁ ଉପସ୍ଥିତ ରହି ଯୁବତୀ ମାନଙ୍କୁ ଶିକ୍ଷା, କୌଶଳ ବିକାଶ ଓ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। ଆୟୋଜକମାନେ କହିଥିଲେ ଯେ'ପ୍ରଦାନ ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ଯୁବତୀ ମାନଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରି ରୋଜଗାରକ୍ଷମ କରାଇବା। ଏହିଭଳି ପ୍ରଶିକ୍ଷଣ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ

**ଜୟପୁର,୨୧।୭(ସଂଚାର ବ୍ୟୁରୋ)ଃ** ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନ ଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ବୈଠକ ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ଓଡ଼ିଶାର ୭ଟି ଜିଲ୍ଲା ଅନ୍ତର୍ଗତ ୧୨ଟି ଉପଖଣ୍ଡର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ ୪୫ଟି ସଂଗଠନର ୧୫୦ରୁ ଅଧିକ ପ୍ରତିନିଧି ବୃନ୍ଦ ଏବଂ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ଦୁଇଟି ଅଧିବେଶନ ମାଧ୍ୟମରେ ମାନସ ମନ୍ଥନ କରିଥିଲେ। ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ, ଅବହେଳିତ ଅଞ୍ଚଳଗୁଡ଼ିକର ଉନ୍ନତି ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ସମ୍ପର୍କରେ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସ୍ୱର ଉଠାଉଥିବା ସଂଗଠନର ପ୍ରତିନିଧ ଏବଂ ବ୍ୟକ୍ତିବିଶେଷ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ।

## ଠିକା କାମ ପାଇଁ ସରପଞ୍ଚ-ସମିତିସଭ୍ୟ ଭିଡ଼ାଓଟରା



**କର୍ଲାମୁଣ୍ଡା,୨୧।୭(ସଂଚାର ବ୍ୟୁରୋ)ଃ** ଦେଶର ତୃଣମୂଳସ୍ତରର ବିକାଶ ନିମନ୍ତେ ସମିତିସଭ୍ୟ, ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସେମାନେ ହେଉଛନ୍ତି ପ୍ରଭାବଶାଳୀ ଜନପ୍ରତିନିଧି। କିନ୍ତୁ ଜନତାଙ୍କ ହିତ, ଗ୍ରାମର ବିକାଶ କରିବା ବଦଳରେ ନିଜେ ଠିକା କାମ କରିବା ପାଇଁ ଟଣାଓଟଣା ହେଉଥିବା ଅନେକସମୟରେ ଦେଖିବାକୁ ମିଳେ। ଏଭଳି ଏକ ଘଟଣା କଳାହାଣ୍ଡିଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଠାରେ ଘଟିଛି। ଏକ ୪ଲକ୍ଷ ଟଙ୍କାର ରାସ୍ତାକାମକୁ ନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ବିବାଦ ଯୋଗୁଁ ଗାଁରାସ୍ତା ମରାମତି ହୋଇନପାରି ଖାଲଖମାରେ ଭର୍ତ୍ତି ହୋଇଛି। କର୍ଲାମୁଣ୍ଡା ବ୍ଲକ୍‌ର ରଷିଡ଼ା ପଞ୍ଚାୟତର ବାପୁଜୀ ହାଇସ୍କୁଲ ଛକଠାରୁ ଗାନ୍ଧୀନଗର ପଡ଼ାର ରାସ୍ତାକାମ ନିମନ୍ତେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଓଡିଶା ସରକାରଙ୍କ ଅନୁସୂଚିତଜନଜାତି ଓ ଜାତି ଉନ୍ନୟନ ବିଭାଗର ସହାୟତାରେ ଚାଳିଲକ୍ଷ ଟଙ୍କାର ଅନୁଦାନ ମିଳିଛି। ଦେଢ଼ମାସ ପୂର୍ବେ ଏହି କାମ କରିବା ପାଇଁ ପ୍ରଥମେ ସରପଞ୍ଚ ପେପର ବ୍ଲକ ଇଟା ଓ ବାଲି ଆଦି ସାମଗ୍ରୀ ପକାଇଥିଲେ । ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ସମିତିସଭ୍ୟ ପୁଣି ବାଲି ପକାଇଥିଲେ। ତେବେ ସରପଞ୍ଚ ଯେଉଁ ଦିନ କାମ ଆରମ୍ଭ କରିବାକୁ ଯାଇଥିଲେ ସେହିଦିନ ସମିତିସଭ୍ୟ ସେଠାରେ ପହଞ୍ଚି କାମ ବନ୍ଦ କରିଥିଲେ। ଉଭୟେ ବେଶ ପାତିତୁଣ୍ଡ ହୋଇଥିବା ତଥା କାମ କରିବାକୁ ନିଜନିଜ ଭିତରେ ଜିଦରେ ଅଟଳ ରହିଥିଲେ । ଫଳରେ ରାସ୍ତାକାମ ଅଟକି ରହିଥିଲା। ବର୍ତ୍ତମାନ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ନନେବା ତଥା କାମ ହୋଇପାରୁନଥିବା ହେତୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଦିବାସୀ ଓ ଅନୁସୂଚିତ ଜାତି ବୁଳ ଦୁଇ ପଡା ବାସୀ ମାନେ ଶୋଚନୀୟ ରାସ୍ତାରେ ଯାତାୟତ କରୁଛନ୍ତି । ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି ହେଉଛି।

### ଚୋରି ଘଟଣାର ପର୍ଦ୍ଦାଫାସ

## ଜଣେ ଅଭିଯୁକ୍ତ ଗିରଫ, ନଗଦ ଟଙ୍କା ସହ ସାମଗ୍ରୀ ଜବତ

**ଝାରସୁଗୁଡ଼ା,୨୧।୭(ସଂଚାର ବ୍ୟୁରୋ)ଃ** ଝାରସୁଗୁଡ଼ା ଜିଲ୍ଲାର ବନହରପାଲି ଥାନା ପୁଲିସ ଏକ ଚୋରି ଘଟଣାର ସଫଳ ପର୍ଦ୍ଦାଫାସ କରି ମାମଲା ରୁଜୁ ହେବାର ମାତ୍ର ୧୦ ଘଣ୍ଟା ମଧ୍ୟରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁସାରେ, ସରଣ୍ଡାମାଲ ଗ୍ରାମର ଧନୀନାଥ ରାଉତ ବନ୍ଧବାହାଲସ୍ଥିତ ସ୍ୱାଧୀନ କମ୍ପ୍ଲେକ୍ସରେ ଥିବା ନିଜ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ଗତ ୨୦ ଜୁଲାଇରେ ବନହରପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ବନହରପାଲି ଥାନା କେସ୍ ନଂ- ୨୧୮/୨୦୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୩୧(୪) ଓ ୩୦୫(ଏ) ଅନୁସାରେ ମାମଲା ରୁଜୁ କରାଯାଇଥିଲା।
ତଦନ୍ତରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଦୋକାନର ଆଜବେଷ୍ଟସ୍ ଛାତ ଭାଙ୍ଗି ଭିତରକୁ ପ୍ରବେଶ କରି ନଗଦ ଟଙ୍କା ସହ ବିଭିନ୍ନ ତେଜରାତି ସାମଗ୍ରୀ ଚୋରି କରିଥିଲେ। ପୁଲିସ ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ବୈଷୟିକ ବିଶ୍ଳେଷଣ ଓ ସମନ୍ୱିତ କ୍ଷେତ୍ର ତଦନ୍ତ ଆଧାରରେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅଧୀନ ଲିପାସପାଲି ଗ୍ରାମର ସୂରଜ ସିଂଘାରିଆ ଓରଫ ହନୁ (୨୦)ଙ୍କୁ, ଯିଏ ବର୍ତ୍ତମାନ ବନ୍ଧବାହାଲର କର୍ପାବାହାଲରେ ରହୁଥିଲେ, ଘଟଣା ରୁଜୁ ହେବାର ୧୦ ଘଣ୍ଟା ମଧ୍ୟରେ ଗିରଫ କରିଥିଲା।

### କଲ୍ୟାଣସିଂହପୁର ସେରିଗୁମାଠାରେ ଭାଜପାର ମିଶ୍ରଣ ପର୍ବ

## ପଦ୍ମ ଧରିଲେ ୨୦୦ କର୍ମୀ



**କଲ୍ୟାଣସିଂହପୁର,୨୧।୭(ସଂଚାର ବ୍ୟୁରୋ)ଃ** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ମାଝିଗୁଡ଼ା ମଣ୍ଡଳର ସେରିଗୁମା ଠାରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାଝିଗୁଡ଼ା ମଣ୍ଡଳ ସଭାପତି ଅନିଲ କୁମାର ଜାଡିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦଳରୁ ପ୍ରାୟ ୨୦୦ ଜଣ କର୍ମୀ ନିଜ ନିଜର ଦଳ ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଏସଡିସି ଅଧ୍ୟକ୍ଷ ବିଦ୍ୟାଧର ଶବର, ପୂର୍ବତନ ଏମ୍ ପି ପ୍ରାର୍ଥୀ କାଳୀ ମାଝୀ, ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶ୍ୱିନୀ କୋଞ୍ଚାଡ଼ା ଏବଂ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଉମେଶ ଖୋସଲା ପ୍ରମୁଖ ଯୋଗଦେଇ ନୂତନ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ସଂଗଠନକୁ ମଜବୁତ କରିବା ନେଇ ବକ୍ତବ୍ୟ ରଖିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଭିକାରୀ ନାହକ, ଜିଲା ଉପସଭାପତି ଦୁଷ୍ମନ୍ତ ସିଂହଦେଓ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରାଜିତା କୋରାଡ଼ା ପ୍ରମୁଖ ଉପସ୍ଥିତ ରହି ଦଳୀୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ କେଶରୀ ଭତ୍ରାଙ୍କ ସମେତ ଭାଜପାର ସମସ୍ତ ମଣ୍ଡଳ କମିଟି ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏତେ ସଂଖ୍ୟକ କର୍ମୀଙ୍କ ଯୋଗଦାନ ଆଗାମୀ ଦିନରେ ସେରିଗୁମା ପଞ୍ଚାୟତ ତଥା ସମଗ୍ର ମାଝିଗୁଡ଼ା ମଣ୍ଡଳରେ ଭାଜପା ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।

## ବୁର୍ଲାରେ ନକଲି କଫ୍ ସିରପ୍ ଓ ଦେଶୀ ମଦ ବିକ୍ରି ଅଭିଯୋଗଃ ଜଣେ ଗିରଫ

**ସମ୍ବଲପୁର,୨୧।୭(ସଂଚାର ବ୍ୟୁରୋ)ଃ** ସମ୍ବଲପୁର ପୁଲିସ୍ ଜିଲ୍ଲା ଅନ୍ତର୍ଗତ ବୁର୍ଲା ଥାନା ପୁଲିସ୍ ନକଲି କଫ୍ ସିରପ ଓ ଦେଶୀ ମଦ ବିକ୍ରି ବିରୋଧରେ ଚଢ଼ଉ କରି ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ବୁର୍ଲା ଥାନାରେ ୩୨୦/୨୬ ଏକ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟା ସାଢ଼େ ୮ଟା ବେଳେ ଏଏସ୍ଆଇ ପି. ଖାକ୍ଲୋ ଓ ତାଙ୍କ ଟିମ୍ ବୁର୍ଲା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସ୍ପୋର୍ଟ୍ସ କ୍ଲବ ନିକଟ ଫୁଟବଲ ପଡ଼ିଆ ପାଖରେ ଜଣେ ବ୍ୟକ୍ତି ନକଲି କଫ୍ ସିରପ ଓ ଦେଶୀ ମଦ ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ପୁଲିସ୍ ଅଚାନକ ସେଠାରେ ଚଢ଼ଉ କରି ବୁର୍ଲା ଅଟାଚକି ପଡ଼ାର୩୫ ବର୍ଷିୟ ବିରାଜ ରାଜକୁ ଧରିଥିଲେ। ତଲାସୀ ବେଳେ ଅଭିଯୁକ୍ତ ନିକଟରୁ ପ୍ରାୟ ୭୫୦ ମିଲି ନକଲି କଫ୍ ସିରପ ଥିବା ଏକ ଲିଟର କ୍ଷମତାର ପ୍ଲାଷ୍ଟିକ ବୋତଲ, ୨୩ଟି ସିଲ୍ ହୋଇଥିବା ୱେନସିରେକ୍ସ କଫ୍ ସିରପ ବୋତଲ, ୩ଟି ଖୋଲା ବୋତଲ, ୨ଟି ଖାଲି ବୋତଲ, ନାଇଟ୍ରାଜେପାମ ଟାବଲେଟର ଏକ ଷ୍ଟ୍ରିପ୍ (୬ଟି ଟାବଲେଟ), ୨୦ଟି 'ଡକ୍ ଛାପ' ଦେଶୀ ମଦ ପାଉଚ୍ ଏବଂ ଏକ ପ୍ଲାଷ୍ଟିକ ବ୍ୟାଗ୍ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି।

# ଡାକ୍ତରଖାନାରେ ଅବ୍ୟବସ୍ଥା ପାଇଁ ଦାୟୀ କିଏ?




**ବୈଶିଙ୍ଗା,୨୧।୭(ସଂଚାର ବ୍ୟୁରୋ)ଃ** ବର୍ତ୍ତମାନ ସାରା ଓଡିଶାରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ଉଦାସୀନତା ପରିଲକ୍ଷିତ ହୋଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଦେଖିବାକୁ ମିଳୁନାହିଁ। ଏହାର ଉଦାହରଣ ସ୍ୱରୂପ ବୈଶିଙ୍ଗା ଡାକ୍ତରଖାନା ଶହେ ବର୍ଷରୁ ଉର୍ଦ୍ଧ୍ୱ ଦଣ୍ଡାୟମାନ ହୋଇ ହୋଇଛି। ସ୍ୱାଧୀନତା ପୂର୍ବରୁ ୧୯୨୫ ମସିହାରେ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଏହି ଆଞ୍ଚଳିକ ଡାକ୍ତରଖାନା ଏବେବି ସରକାରଙ୍କ ନଜର କୁ ଆସି ପାରିନାହିଁ। ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଡାକ୍ତରଖାନାଟି ଅବସ୍ଥିତ ହୋଇଥିଲେ ମଧ୍ୟ ଦୁର୍ଘଟଣା ୟୁନିଟ ନାହିଁ, ଟ୍ରମା ସେଣ୍ଟର୍ ପାଇଁ ପୂର୍ବ ସରକାର ଆଶ୍ୱାସନା ଦେଇଥିଲେ ମଧ୍ୟ ହୋଇପାରିଲା ନାହିଁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମାନ୍ୟତା ପାଇଁ ବର୍ତ୍ତମାନର ବିଧାୟକ ସନାତନ ବିଜୁଳି ବିଧାନ ସଭା ରେ ତାଙ୍କର ସାତ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବାରମ୍ବାର ଦାବି କରିଥିବାର ପ୍ରଚାର କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ରୋଗୀଙ୍କ ପାଇଁ ଶୌଚାଳୟ ର ସଠିକ୍ ବ୍ୟବସ୍ଥା ନାହିଁ। ଫାର୍ମାଶିଷ୍ଟ କ୍ୱାଟର ନାହିଁ, ଏ ଏନ ଏମ ସେଣ୍ଟରରେ ସ୍ୱାସ୍ଥ୍ୟ କର୍ମୀ ରହୁନାହାନ୍ତି। ଆବଶ୍ୟକ ଡାକ୍ତର ନାହାନ୍ତି କିମ୍ବା କ୍ୱାଟର ନାହିଁ, ଅବହେଳିତ କ୍ୱାଟର ରେ ଡାକ୍ତର ରହୁ ଛନ୍ତି। ମାତ୍ର ବିଧାୟକ ଙ୍କ କୃପାରୁ ଦୁଇ ଦୁଇଟି ଶବ ଗୃହ ନିର୍ମାଣ ହୋଇଛି। ଜଣେ ସ୍ଥାୟୀ ଡାକ୍ତର, ଜଣେ ଡେ଼ପୁଟେଡ଼ ଡାକ୍ତର ଆଉ ଜଣେ ଆୟୁଷ ଡାକ୍ତର ଙ୍କୁ ନେଇ ଡାକ୍ତରଖାନାର ସେବା ଚାଲିଛି। ଦୈନିକ ତିନି ଶହରୁ ଉର୍ଦ୍ଧ୍ୱ ରୋଗୀ ଖରା ବର୍ଷାରେ ବାହାରେ ଲାଇନ ରେ ଠିଆ ହୋଇ ରହୁଛନ୍ତି। ଆବଶ୍ୟକିୟ ଚିକିତ୍ସା ସେବା ନ ଥିବାରୁ ସବୁ ରୋଗୀଙ୍କୁ ରେଫର କରି ଦିଆଯାଉଛି। ନିର୍ବାଚିତ ପ୍ରତିନିଧି ଲାଇଟ ଲଗାଇବା, ଜିମ୍ ନିର୍ମାଣ କରାଇବା, ଅଜଥାରେ ପୋଖରୀ କୁ ଜେସିବି ରେ ଖୋଳାଇ ଚାରିପଟେ ଇଟା ବିଛାଇବା ଦ୍ୱାରା ମୋଟା ଅଙ୍କର ପିସି ମିଳି ପାରୁଛି। ସ୍ୱାସ୍ଥ୍ୟ ସେବାରେ କଣ ମିଳିବ ବୋଲି ଆଲୋଚନା ହେଉଛି।